


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-4 ◆BHUBANESWAR ◆SATURDAY ◆28 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୪ ◆ଭୁବନେଶ୍ୱର ◆ଶନିବାର ◆୨୮ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ପାହୁଣ୍ଡେ ଗଡ଼ି ଅଟକିଲା ନନ୍ଦିଘୋଷ

## ବଳଗଣ୍ଡିଠାରେ ବଳଭଦ୍ର, ମରୀଚିକୋଟରେ ସୁଭଦ୍ରା, ସିଂହଦ୍ୱାର ନିକଟରେ ଅଟକିଲା ଶ୍ରୀଜଗନ୍ନାଥଙ୍କ ରଥ



■ **ପୁରୀ, ୨୭।୬ (ସମିସ):** ନୀଳକନ୍ଦର ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇ-ଭଉଣୀଙ୍କୁ ସାଥିରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ-ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷଲକ୍ଷ ଭକ୍ତ। ଧାର୍ଯ୍ୟ ସମୟରେ ରଥଟଣା ସତ୍ତ୍ୱେ ଶରଧାବାଲି ଛୁଇଁପାରିନି ଗୋଟିଏ ବି ରଥ। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି (ମାଜଣା ଜାଗା ନିକଟ) ଠାରେ ଅଟକି ଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମରୀଚିକୋଟ ଛକରେ ଅଟକିଛି। ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ ପାହୁଣ୍ଡେ ମାତ୍ର ଟଣାଯିବା ପରେ ସିଂହଦ୍ୱାର ନିକଟରେ ଅଟକିରହିଛି।

ପରମ୍ପରା ମୁତାବକ, ପୁଣି ଶନିବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥକୁ ଟାଣି ନିଆଯିବ ଶରଧାବାଲି। ରାତିରେ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଇ ରବିବାର ଆଡ଼ପମଣ୍ଡପ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ତେବେ ମହାପ୍ରଭୁଙ୍କ ଏହି ନବଦିନାତ୍ମକ ଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଛି ଭକ୍ତିମୟ ପରିବେଶ। ପ୍ରାୟ ୧୦ଲକ୍ଷରୁ ଅଧିକ ଭକ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିଛନ୍ତି। ପବିତ୍ର ଘୋଷଯାତ୍ରା ଅବସରରେ ଶୁକ୍ରବାର ନୀତିକାନ୍ତି ଆରମ୍ଭରୁ ବିଳମ୍ବ ହୋଇଥିଲା। ଫଳରେ ପହଣ୍ଡି ବିଳମ୍ବରେ ଆରମ୍ଭ ହୋଇଥିଲେ ହେଁ ରଥଟଣା ବେଳକୁ ନୀତିକାନ୍ତି ପ୍ରାୟ ନିର୍ଘଣ୍ଟ ସମୟରେ ଚାଲିଥିଲା। ରଥଯାତ୍ରା ଭକ୍ତମୟ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ଅନୁକୂଳ ପାଗ ଯୋଗୁଁ ସୋମବାର ସକାଳୁସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। କୋଳାହଳରେ କମ୍ପିଥିଲା ବଡ଼ଦାଣ୍ଡ। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ପୁରୀକୁ ଛୁଟି ଆସିଥିଲେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ। ଶୁକ୍ରବାର ସକାଳ ୭ଟା ୧୫ରେ ଠାକୁରଙ୍କ ମଙ୍ଗଳ ଆଳତି

### ଶନିବାର ସକାଳ ୯.୩୦ରେ ପୁଣି ରଥଟଣା

### ପୁରୀରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

### ସିଂହଦ୍ୱାରରେ ଠେଲାପେଲା, ଶତାଧିକ ଆହତ

ନୀତିନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ରହିଥିଲା। କିନ୍ତୁ ନୀତିକାନ୍ତି ବିଳମ୍ବ ଯୋଗୁଁ ପୂର୍ବାହ୍ଣ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ପହଣ୍ଡି। ଏହାପରେ ନୀତିକାନ୍ତିକୁ ସଅଳ କରାଯାଇଥିଲା। ଫଳରେ ଧାର୍ଯ୍ୟ ସମୟର ୧୦ମିନିଟ୍ ପରେ ଅର୍ଥାତ୍ ଅପରାହ୍ଣ ୪ଟା ୧୦ରେ ଗଡ଼ିଥିଲା ରଥ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ୯ଟା ୪୫ରେ ସକାଳଧୂପ ସରିଥିଲା। ପୂର୍ବାହ୍ଣ ୧୦ଟା ୧୫ରେ ପୁଷ୍ପାଞ୍ଜଳି ପରେ ଡୋରଲାଗି ଶେଷ ହୋଇ ବାଜିଥିଲା ବିଜେକାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୫୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୧୦ଟା ୨୦ରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ।

ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା' ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୁଢ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ରଥରେ ବିଜେ କରିଥିଲେ। ଧାର୍ଯ୍ୟ ସମୟ ସାଢ଼େ ୧୨ଟାରେ ଶେଷ ହୋଇଥିଲା ପହଣ୍ଡି। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସଅଳ ସଅଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଟ ଭିଆଇଥିଲେ ହଟିଆ ଠାକୁର। ମାନ କରିବା ଭଳି ଧୀରେଧୀରେ ହଲି ଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ହଲିଝୁଲି ଶେଷରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ▶ପୃଷ୍ଠା-୭

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ପହଣ୍ଡି ଶେଷ; ରଥଟଣା ଆଜି

■ **ବାରିପଦା, ୨୭।୬ (ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଆସନ୍ତାକାଲି (ଶନିବାର) ଶ୍ରୀଶ୍ରୀହରିବଳଦେବଜୀଉଙ୍କ ରଥ ଗଡ଼ିବ। ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ଼ କରାଯାଇଛି। ଆସନ୍ତାକାଲି ଅପରାହ୍ଣ ସାଢ଼େ ୨ଟାରେ ବଳଭଦ୍ର ଓ ତା' ପରେ ସୁଭଦ୍ରାଙ୍କ ରଥ ଟଣାଯିବ। ବଳଭଦ୍ରଙ୍କ ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବାକୁ ଥିବା ବେଳେ ସୁଭଦ୍ରାଙ୍କ ରଥ ଅଧାରାସ୍ତା ଟାଉନ୍ ଥାନା ସମ୍ମୁଖରେ ରହିବ। ରବିବାର ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆରମ୍ଭ ହୋଇ ସୁଭଦ୍ରାଙ୍କ ରଥ ସହ ମାଉସୀମା'ଙ୍କ ମନ୍ଦିରରେ ପହଞ୍ଚିବ। ଏଥିପାଇଁ ରଥ, ପଥ ଓ ଭକ୍ତ ସମସ୍ତେ ଉତ୍ସୁକତାର ସହ ପ୍ରସ୍ତୁତ ହୋଇ ରହିଛନ୍ତି। ଅପରପକ୍ଷେ, ଆଜି ରଥାରୂଢ଼ ବିଗ୍ରହଙ୍କୁ ଦେଖିବା ଲାଗି ରାତି ▶ପୃଷ୍ଠା-୭

**ରବିବାର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା**



## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥଯାତ୍ରା



■ **ନୀଳଗିରି, ୨୭।୬ (ସମିସ):** ନୀଳଗିରିରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତିକ୍ରାନ୍ତି ପରେ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ଝୁଲାଇ ଝୁଲାଇ ରଥକୁ ଧାଡି ପହଣ୍ଡିରେ ରଥରେ ବିରାଜମାନ କରିଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଜୟ ଜଗନ୍ନାଥ ତାଳରେ ଘଣ୍ଟୁଆ ଘଣ୍ଟ ବଜାଇବା ସହିତ କାହାଳି, ଛତ୍ର, ଆଲଟ, ତ୍ରାସ ଓ ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁସାରେ ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିଲେ। ଏହି ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉତ୍ତରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ ମଲିକ, ବିଡିଓ ବିକ୍ରମ କେଶରୀ ପରିଡ଼ା, ଏନ୍ଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ, ଏନ୍ଏସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

## ଗଛରେ ପିଟିହେଲା କାର୍; ୩ ଭାଇ ମୃତ

■ **ଝରିଗାଁ, ୨୭।୬(ସମିସ):** ନବରଙ୍ଗପୁର ଜିଲ୍ଲା, ଝରିଗାଁ ଥାନା ଅନ୍ତର୍ଗତ ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାର ଡାଇନିଗୁଡ଼ା ଗ୍ରାମ ନିକଟରେ ଏକ ଦୁର୍ଘଟଣା ୩ ଭାଇଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଝରିଗାଁ ସିରାଗୁନା ସାହିର ଚମ୍ପକ ଲାଲ ଜୈନଙ୍କ ପୁଅ ସାଗର ଜୈନ (୨୦), ସ୍ୱର୍ଗତ ମହାବୀର ଜୈନଙ୍କ ପୁଅ ଅଙ୍କୁର ଜୈନ (୩୦) ଏବଂ ମନମୋହନ ଜୈନଙ୍କ ପୁଅ କ୍ରିସ ଜୈନ (୧୮)। ୩ଜଣ ଯାକ ସଂପର୍କୀୟ ଭାଇ।

ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୩ଜଣଯାକ ଏକ କାର୍‌ରେ ଫୁପୁଗାଁ ଯାଉଥିଲେ। ଡାଇନିଗୁଡ଼ା ଗାଁ ନିକଟରେ ସେମାନଙ୍କ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଏକ ତେନ୍ତୁଳି ଗଛରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ସାଗର ଏବଂ ଅଙ୍କୁରଙ୍କ ମୃତ୍ୟୁ ହୋଇଯାଇଥିଲା। କ୍ରିସ୍ ଗୁରୁତର ଆହତ ହୋଇଥିଲେ। ଝରିଗାଁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ କ୍ରିସ୍‌ଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବିଶାଖାପାଟଣାସ୍ଥିତ ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଆଜି ୩ ଜଣଙ୍କ ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଖବର ପାଇ ପୂର୍ବତନ ଦୁଇ ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସମେତ ହଜାର ହଜାର ସମ୍ପର୍କୀୟ, ଗ୍ରାମବାସୀ, ଉପସ୍ଥିତ ରହିଥିଲେ।






## ଦିବ୍ୟ ଦର୍ଶନ

### ଭାବ-ଭକ୍ତିରେ ଭିଜିଲା ଶ୍ରୀକ୍ଷେତ୍ର

# ଭକ୍ତ-ଭଗବାନ ଏକାକାର





























ଫଟୋ- ଅନୀଲ

# ଟୋକନ ଅବଧି ତିନି ଦିନ, ମଣ୍ଡିରୁ ଉଠୁନି ଧାନ

**ଭୁବନେଶ୍ୱର, ୨୭।୬(ସମିସ):** ରବି ଧାନ ବିକ୍ରି ଅବଧି ଆଉ ମାତ୍ର ୩ ଦିନ । ହେଲେ ଅଧାରୁ ଅଧିକ ଜିଲ୍ଲାରେ ଏପର୍ଯ୍ୟନ୍ତ ମଣ୍ଡିରୁ ଧାନ ଉଠିନି। ଅଧିକାଂଶ ଜିଲ୍ଲାରେ ଖୋଲା ଆକାଶ ତଳେ ଧାନ ପଡ଼ି ବର୍ଷାରେ ଗଜା ହେଲାଣି। ଏହାକୁ ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ମାତ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ମିଲର୍‌ମାନେ ଧାନ କିଣାରେ ମନମାନି କରୁଛନ୍ତି। ଟୋକନ୍ ତାରିଖ ଥିଲେ ବି ଧାନ ଉଠାଉନାହାନ୍ତି। ବିଶେଷକରି ଯେଉଁମାନେ କଟ୍‌ନୀଛଟ୍‌ନୀରେ ରାଜି ହେଉଛନ୍ତି, ତାଙ୍କ ଧାନ ଉଠୁଛି। ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କ ଧାନ ଦିନ ଦିନ ଧରି ପଡ଼ି ରହୁଛି। ଖରିଫ୍ ଧାନ କିଣାବେଳେ ଏଭଳି ସମସ୍ୟା ଉପୁଜିଥିଲା। ରବିରେ ଏହି ସମସ୍ୟାର ପୁନରାବୃତ୍ତି ହେବନି ବୋଲି ସରକାର କହିଥିଲେ। ମାତ୍ର ସରକାରଙ୍କ କୋହଳ ପଣ ଓ ଅଧିକାରୀଙ୍କ ଖାମ୍‌ଖିଆଲ୍ ଗୁଣ ଯୋଗୁଁ ବିଚରା ଚାଷୀ ନିଜ ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଦହଗଞ୍ଜ ହେଉଛି।




ମିଲରଙ୍କ ମନମାନୀ; ସରକାର ନିରବ, ବର୍ଷାରେ ଗଜା ହେଲାଣି ଧାନ

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିରେ ଚାଷୀକୂଳ ଯେତିକି ଖୁସି ହୋଇଥିଲା। ଧାନ ବିକ୍ରି କରି ନ ପାରି ସେତିକି ଦହଗଞ୍ଜ ହେଉଛି। ମଣ୍ଡିରେ ପଡ଼ି ଏବେ ଧାନ ନଷ୍ଟ ହୋଇଯାଇଥିବାରୁ ତାକୁ ବେପାରୀ ନେବାକୁ ବି ରାଜି ହେଉନାହାନ୍ତି। କେତେକ ସମବାୟରେ ଚାଷୀଙ୍କ ଠାରୁ ମିଲର୍‌ମାନେ ଧାନ ଉଠାଇଛନ୍ତି। ସେଠାରେ ବହୁ ଚାଷୀଙ୍କୁ ଧାନ ବାବଦ ଟଙ୍କା ଦିଆଯାଇନାହିଁ। ରବି ଋତୁ ସରି ଖରିଫଋତୁ ଆସିଯାଇଥିବାବେଳେ ରବି ଋତୁର ଧାନବିକା ପଇସା ମିଳିପାରିନି। ଏହି ସମସ୍ୟାକୁ ବିଭିନ୍ନ ଚାଷୀ ସଂଗଠନମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବାରୁ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। କୋରାପୁଟ, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର ଜିଲ୍ଲାରେ ଦିନ ଦିନ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ସେମାନେ ଟୋକନ ପାଇ ମଣ୍ଡିରୁ ଆଣିଥିବା ଧାନ ତୁରନ୍ତ ସରକାରୀ ବ୍ୟବସ୍ଥାରେ ଖରିଦ କରିବା, ଗଜା ହୋଇଥିବା ଧାନକୁ ବି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା, ଚାଷୀମାନଙ୍କୁ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବା ଆଦି ଦାବି କରିଛନ୍ତି ଚାଷୀ ସଂଗଠନ।

ସେହିଭଳି ଦେବଗଡ, ବରଗଡ, କଳାହାଣ୍ଡି, ନୂଆପଡା ଆଦି ଜିଲ୍ଲାରୁ ଧାନ ସଂଗ୍ରହରେ ଅବ୍ୟବସ୍ଥା ପିଛା ଛାଡୁନି। ରାଜ୍ୟର ଉପକୂଳବର୍ତ୍ତୀ ଓ ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡିକରେ ବି ଅନୁରୂପ ସମସ୍ୟା ଲାଗି ରହିଛି। ମିଲରମାନେ ଧାନ ଉଠାଇବା ଓ ଉଠାଉଥିବା ଧାନର ଦାମ୍ ତୁରନ୍ତ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଯୋଗାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବହୁ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏମିତିକି ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଚାଷୀଙ୍କ ସମସ୍ୟା ଘେନି ଧାରଣା ଦେବାକୁ ନୋଟିସ୍ ଦିଆଯାଇଥିବାବେଳେ ଚାଷୀ ନେତାମାନଙ୍କୁ ଧାରଣା ଦେବାପାଇଁ ପ୍ରଶାସନ ଅନୁମତି ଦେଇନଥିବା ଜଣାପଡିଛି। ଚାଷୀମାନେ ହନ୍ତସନ୍ତ ହେଉଥିବା ପରିସ୍ଥିତିରୁ ଫାଇଦା ଉଠାଇ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ ଢେର କମ୍ ଦରରେ ଟ୍ରକ ଟ୍ରକ ଧାନ ବୁହାଇ ନେଉଛନ୍ତି। ପରିବାରର ଖର୍ଚ୍ଚ ଓ ଚାଷପାଇଁ ବାଧ୍ୟହୋଇ ଚାଷୀମାନେ କମ୍ ଦରରେ ଧାନ ବିକୁଛନ୍ତି। ଏ ପ୍ରସଙ୍ଗରେ କୃଷକ ସଂଗଠନଗୁଡିକ ପକ୍ଷରୁ ଆପତ୍ତି ଉଠୁଥିବାବେଳେ ଉଭୟ ଶାସକ ଓ ବିରୋଧିଦଳର କୃଷକ ଶାଖାଗୁଡିକ କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ସମାଧାନ ଲାଗି ସେଭଳି କିଛି ପଦକ୍ଷେପ ନେଉନାହାନ୍ତି।

# ଡାକ୍ତରଖାନାରୁ ଟିଭିରେ ରଥଯାତ୍ରା ଦେଖିଲେ ନବୀନ




**ଭୁବନେଶ୍ୱର, ୨୭।୬(ସମିସ):** ପ୍ରତିବର୍ଷ ରଥଯାତ୍ରାରେ ପୁରୀରେ ରଥାରୁଢ଼ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ ସହ ରଥ ଟାଣୁଥିଲେ ବିଜେଡି ସୁପ୍ରିମୋ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତବର୍ଷ ମଧ୍ୟ ସେ ପୁରୀରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ମାତ୍ର ଚଳିତ ବର୍ଷ ମୁମ୍ବାଇରେ ଚିକିତ୍ସାଧୀନ ଥିବାରୁ ସେ ପୁରୀ ଯାଇ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରି ପାରି ନାହାନ୍ତି। ଏହା ସତ୍ତ୍ୱେ ଡ଼ାକ୍ତରଖାନାରେ ଆଜି ଟିଭିରେ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାର ସିଧା ପ୍ରସାରଣ ଦେଖିଛନ୍ତି। ଡାକ୍ତରଖାନା ଶଯ୍ୟାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଛନ୍ତି। ଯାହାର ଭିଡିଓ ନବୀନ ନିଜ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଉଲ୍ଲେଖ କରିଛନ୍ତି ଯେ "ସେ ଦିବ୍ୟ, ସର୍ବବିଦ୍ୟ, ସେ ସାରା ଜଗତର ନାଥ। ଦୂରରେ ରହିଲେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଲି। ଜୟ ଜଗନ୍ନାଥ"। ନବୀନଙ୍କ ସଫଳ ଅସ୍ତ୍ରୋପଚାର ପରେ ଏବେ ତାଙ୍କର ଫିଜିଓଥେରାପି ଚାଲିଛି। ରଥଯାତ୍ରା ଅବସରରେ ବିଜେଡି ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକମାନେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ନିଜ ପ୍ରିୟ ନେତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସେ ଓଡ଼ିଶା ଫେରିଆସିବେ ବୋଲି ଦଳୀୟ ନେତାମାନେ ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଆସୁଛି ଲଘୁଚାପ; ବଢ଼ିବ ବର୍ଷା

**ଭୁବନେଶ୍ୱର, ୨୭।୬ (ସମିସ):** ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଜାରି ରହିଥିବାବେଳେ ପୁଣି ଏକ ଲଘୁଚାପ ଓଡ଼ିଶାରେ ଅଧିକ ବର୍ଷା କରାଇବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ୨୯ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି ଓ ବିଶେଷ କରି ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି। ୨ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ଥିବାବେଳେ ପୁଣି ୪ କିମ୍ବା ୫ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ତେଣୁ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ଏସ୍‌ଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଶନିବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ମଧ୍ୟ ବର୍ଷା ହୋଇପାରେ। ୨୯ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୩୦ରେ ଅନେକ ସ୍ଥାନରେ ପ୍ରବଳ ହେବ।

# ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗିଦେଲେ

**ଜଳେଶ୍ୱର ବ୍ଲକ, ୨୭।୬ (ସମିସ):** ନବଜାତ ଶିଶୁକନ୍ୟାକୁ ପୋଖରୀରେ ଫିଙ୍ଗି ହତ୍ୟା କରିବା ପରେ ମାଟି ଖୋଳି ପୋତିଦେଲେ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ ଓଲମରା ପଞ୍ଚାୟତ ରାଜନଗର ଗ୍ରାମରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଗତ ୧୯ ତାରିଖରୁ ଏହି ଘଟଣା ଘଟିଥିବା ବେଳେ ଜଳେଶ୍ୱର ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ବାପା-ମା'ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ, ଗ୍ରାମର ଦେବୁ ନାୟକ ଓ ତାଙ୍କ ପତ୍ନୀ ସୁଭଦ୍ରା। କିନ୍ତୁ ପୁଲିସ୍ ନବଜାତ ଶିଶୁକନ୍ୟାର ଶବ ପାଉନାହିଁ। ଯେଉଁ ସ୍ଥାନରେ ଶବ ପୋତାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ, ସେଠାରେ ଖୋଳାଖୋଳି କରି ପୁଲିସ୍ ନିରାଶ ହୋଇଛି।

ସୂଚନାନୁଯାୟୀ, ଶିଶୁକନ୍ୟାଟି ଜନ୍ମ

**ବାପା-ମା' ଅଟକ, ଶବ ପାଉନି ପୁଲିସ**

ହେବାର ୩ ଦିନ ପରେ, ଗତ ୧୯ ତାରିଖ ଦିନ ଏହି ଦମ୍ପତି ନବଜାତ ଶିଶୁକନ୍ୟାକୁ ପଡ଼ୋଶୀ କାଳିଆ ନାୟକଙ୍କ ବାଡ଼ିରେ ଥିବା ଗଡ଼ିଆକୁ ଫିଙ୍ଗି ଦେଇଥିଲେ। ପରେ ଶବକୁ ନେଇ ନିଜ ବାଡ଼ିରେ ପୋତି ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ୨୫ ତାରିଖରେ ଗାଁର ଭଦ୍ରବ୍ୟକ୍ତିଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଦେବୁ ଓଲଟି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଦିଲ୍ଲୀପ ଦାସ ନାମକ ଜଣେ ଗ୍ରାମବାସୀ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରିଥିବା ବେଳେ ଏସ୍‌ଆଇ ଲୋପାମୁଦ୍ରା ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି। ଦେବୁ ଓ ସୁଭଦ୍ରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି।

ଅପରପକ୍ଷେ, ସୁଭଦ୍ରା ଗର୍ଭବତୀ ହେବା ଏବଂ ଶିଶୁକନ୍ୟାକୁ ଜନ୍ମ ଦେବା ନେଇ ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ଏଏସ୍‌ଏମ୍ ସେଣ୍ଟର୍‌ରେ କୌଣସି ତଥ୍ୟ ନାହିଁ। ପୋତାଯାଇଥିବା ସ୍ଥାନକୁ ପୁଲିସ୍ ଖୋଳିଥିଲେ ମଧ୍ୟ ଶିଶୁକନ୍ୟାର ଶବ ମିଳିନି। ଏହି ଦମ୍ପତି ବାରମ୍ବାର ବୟାନ ବଦଳାଇବା, ଶିଶୁକନ୍ୟା ଜନ୍ମ ବାବଦ କୌଣସି ସରକାରୀ ତଥ୍ୟ ନରହିବା ଏବଂ ଶବ ନ ମିଳିବା ଘଟଣାକୁ ରହସ୍ୟମୟ କରିଦେଇଛି। ଏ ବାବଦରେ ଜଳେଶ୍ୱର ଏସ୍‌ଡିପିଓ ମାନସ ଦେଓ କହିଛନ୍ତି, ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଘଟଣା ଉପରୁ ପରଦା ହଟିବ।

# ହାତୀ ଆକ୍ରମଣରେ ଜଣେ ମୃତ

**ତେଲକୋଇ, ୨୭।୬(ସମିସ):** ଘର ପାଖ ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ଜୁଆଙ୍ଗ ଜନଜାତି ସମ୍ପ୍ରଦାୟର ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଧନେଶ୍ୱର ଜୁଆଙ୍ଗ। ଘର କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ରାଇସୁଆଁ ପଞ୍ଚାୟତ କୁଳଙ୍ଗ ବଲାଙ୍ଗି ସାହିରେ। ଧନେଶ୍ୱର ଶୁକ୍ରବାର ନିକଟସ୍ଥ ଝିଙ୍କଦରି ଜଙ୍ଗଲକୁ ଛେଳି ଓ ଗୋରୁ ଚରାଇବାକୁ ଯାଇଥିଲା ବେଳେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ଧନେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଧନେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ବନ କର୍ମଚାରୀ ଘଟଣାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି।



# ଭକ୍ତ ଓ ଭଗବାନଙ୍କର ମହାମିଳନ: ଶ୍ରଦ୍ଧାଳୁ ଟାଣିଲେ ରଥ















ଧର୍ମଶାଳା, ୨୭।୬(ସମିସ)

ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରର ସେବାୟତମାନେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ପରେ ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଧର୍ମଶାଳା ମ୍ୟୁନସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ଛେରାପହଁରା କରିବା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ଘୋଷଯାତ୍ରାରେ ଯୋଗଦେଇ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ରଥ ୧୬ନଂ ଜାତୀୟ ରାଜପଥ ଦେଇ ଆସିବା ପରେ ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର, ଧର୍ମଶାଳା ବଜାର ଦେଇ ହାଟପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ସେଠାରେ ନିତିକାନ୍ତି ଅନୁଯାୟୀ ପୂଜା କରାଯାଇ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ମାଉସୀ ମା' ଘରେ ରଖାଯାଇଥିଲା। ଆଜି ଝିପଝିପି ବର୍ଷା ଲାଗିରହିଥିବା ସତ୍ତ୍ୱେ ରଥଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରେ ହଜାର ହଜାର ଲୋକ ଯୋଗଦେଇ ରଥ ଟାଣିଥିଲେ। ମୁନ୍ସୀମିଳନ କମିଟି ସମ୍ପାଦକ ପ୍ରମୋଦ କୁମାର ଦାସ, ଗଗନ ବରାଳ, ବିଚିତ୍ର ସ୍ୱାଇଁ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ଶରତ ଓଝା, ମନୋଜ ରାଉଳ, ପ୍ରବୋଧ ପାତ୍ର, ଅମୀୟ ମହାନ୍ତି, ରମେଶ ମହାନ୍ତି, ମନ୍ଦିର କମିଟି ପକ୍ଷରୁ କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ସମ୍ପାଦକ ମନୋଜ ରଣା, ପ୍ରଭୁଦତ୍ତ ଜେନା, ଅଭୟ କୁମାର ରାଉତ, ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ କମିଟି ସଭ୍ୟମାନେ ରଥ ଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କର ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମରେ ଶ୍ରଦ୍ଧା ଓ ଭକ୍ତି ପୂର୍ବକ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗ୍ରହଣରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳେ ଶ୍ରୀବିଗ୍ରହମାନଙ୍କର ନୀତିକାନ୍ତି ପରେ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶ୍ରୀବିଗ୍ରହମାନଙ୍କର ଘୋଷଯାତ୍ରା ପାଇଁ ରଥଟଣା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କର ପହଣ୍ଡି ପରେ କୁନି ରାଜା ବେଶରେ ଦେଖିବାକୁ ମିଳିଥିବା ପ୍ରଭାତ ମଲ୍ଲିକ ରଥରେ ଛେରାପହଁରା କରିଥିଲେ। ସଂକୀର୍ତ୍ତନ, ଶଙ୍ଖ, ହୁଳହୁଳି ପରିବେଶରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ବିଞ୍ଝାରପୁର ବ୍ଲକର ଫତେପୁର, କଲ୍ୟାଣପୁର, ମାଁସଡା, ଅଳକୁଣ୍ଡ, ବରିକୂଳ, କଣ୍ଟିପୁର ଆଦି ସ୍ଥାନମାନଙ୍କରେ ଥିବା ଜଗନ୍ନାଥ ମନ୍ଦିରରେ ଅପରାହ୍ନରେ ମହାସମାରୋହରେ ଘୋଷଯାତ୍ରା ପାଳିତ ହୋଇଯାଇଛି।

**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ଗ୍ରାମରେ ଆଜି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ସମାରୋହରେ ପାଳନ କରାଯାଇଛି। ପ୍ରଥମେ ତିନି ଦିଅଁଙ୍କ ପୂଜାର୍ଚ୍ଚନା ପରେ ରଥାରୂଢ଼ ହୋଇଥିଲେ। ଗ୍ରାମର ସପ୍ତା ଗୃହ ମନ୍ଦିରରୁ ବାହାରି ମହାଦେବ ମନ୍ଦିର ନିକଟ ମାଉସୀମା ମନ୍ଦିରରେ ପହଞ୍ଚିଥିଲେ। ଗ୍ରାମର ସମାଜସେବୀ ନଟବର ମଲ୍ଲିକ ଛେରାପହଁରା କରିଥିଲେ। ପରିଚାଳନା କମିଟି ର ପରିଚାଳକ ପୁରୁଷୋତ୍ତମ ମଲ୍ଲିକ ସଞ୍ଚାଳନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ସେଠୀ ଧାରବିବରଣୀ ପ୍ରଦାନ କରିଥିଲେ। ନଛିପୁର ନିଳାଦ୍ରୀ ବିହାରରେ ପବିତ୍ର ଘୋଷଯାତ୍ରା ପାଳନ କରାଯାଇଛି। ଦେବାଶିଷ ଆଚାର୍ଯ୍ୟ ଛେରାପହଁରା କରିଥିଲେ। ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣିଥିଲେ।

**କର୍ଯ୍ୟାଁଗୋଲା:** ପୂର୍ବ ଯାଜପୁର ଅନ୍ତର୍ଗତ ନାରିଗାଁ ସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ରରେ ପାରମ୍ପରିକ ରଥଯାତ୍ରା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶରେ ପାଳିତ ହୋଇଯାଇଛି। ପ୍ରଭାତରୁ ଶୃଙ୍ଖଳିତ ଭାବେ ମନ୍ଦିରର ନିତୀକାନ୍ତି ପାଳନ ହେବା ସଙ୍ଗେ ସଙ୍ଗେ ଶ୍ରୀଜୀଉଙ୍କୁ ପୂଜକମାନେ ଯଥା ସମୟରେ ବିଗ୍ରହମାନଙ୍କୁ ରଥାରୂଢ଼ କରାଇଥିଲେ। ଦିବା ୩ ଘଟିକା ସମୟରେ ରଥଟଣା ଆରମ୍ଭ ହୋଇ ବିରିପଟା ସ୍ଥିତ ମାଉସୀ ମା' ମନ୍ଦିରରେ ଯଥାସମୟରେ ପହଞ୍ଚିଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ସେବାସଂସ୍ଥାର ପ୍ରଜ୍ଞାଲୋଚନା ଓ ଛାତ୍ର ମେଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ସୁବାସ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ଦୀନବନ୍ଧୁ ସାହୁ, ସେବା ସଂସ୍ଥାର ସଭାପତି ଅକ୍ଷୟ କୁମାର ଧଳ, ପ୍ରମୋଦ କୁମାର ସ୍ୱାଇଁ, ସମାଜସେବୀ ରମେଶ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଉପେନ୍ଦ୍ର କୁମାର ସାମଲ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଘୋଷକ ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଦାମୋଦର ବେହେରା ପ୍ରମୁଖ ଯୋଗଦେଇଥିଲେ। ସେବା ସଂସ୍ଥାର ସାଧାରଣ ସମ୍ପାଦକ ଘନଶ୍ୟାମ ରାୟ, ନିରଞ୍ଜନ ନାୟକ, ନରେନ୍ଦ୍ର କୁମାର ରାଉତ, ଶ୍ରୀନିବାସ ବାରିକ୍, ମନୋଜ କୁମାର ଧଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଏହି ବ୍ଲକର ଦାମୋଦରପୁର ଗ୍ରାମର ଜଗନ୍ନାଥ ରଥରେ ସମାଜସେବୀ ଜଗଦୀଶ ଶଙ୍କର ସାହୁ ଛେରାପହଁରା କରିଥିଲେ। ୩ ଠାକୁରଙ୍କୁ ରଥରେ ମାନସିପାଟଣା ଗ୍ରାମର ଗୁଣ୍ଡିଚା ନଗର ଅଣାଯାଇଥିଲା।

**ବ୍ରହ୍ମବରଦା:** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ପବିତ୍ର ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ବଡି ଭୋରରୁ ସେବକମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରେ ଦ୍ୱାର ଫିଟା, ମଙ୍ଗଳ ଆଳତି, ସୂର୍ଯ୍ୟପ୍ରଭା, ଅବକାଶ ଓ ଆଜ୍ଞାମାଳ ଅଣାଯାଇ ରଥ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା। ପରେ ପରେ ସେବକମାନେ ପ୍ରଥମେ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି କରି ରଥାରୂଢ଼ କରିଥିଲେ। ଅପରାହ୍ନ ୪ଟାରେ ରଥଯାତ୍ରା ପୂଜା କମିଟିର ମୁଖ୍ୟ ସୁକାନ୍ତ ବିଶ୍ୱାଳ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥକୁ ଟାଣି ଟାଣି ବ୍ରହ୍ମବରଦା ହାଟସ୍ଥିତ ମାଉସିମା ମନ୍ଦିର (ଦୁର୍ଗା ମଣ୍ଡପ) ନିକଟରେ ବିଜେ କରାଇଥିଲେ।

**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଏହି ରଥଯାତ୍ରାକୁ ନେଇ ସ୍ଥାନୀୟ ଅଞ୍ଚଳ ଉତ୍ସବ ମୁଖର। ଏହି ଥାନା ଅନ୍ତର୍ଗତ କବାଟବନ୍ଧ, ଐତିହାସିକ ପୀଠ ବଳରାମପୁର ଉପରଗଡ଼, ଚଉଷଠିପଡ଼ା, ରାମପୁର କଇଥା, ବଳରାମପୁର ତଳଗଡ଼, ଗଡ଼ମଧୁପୁର, ମୁରାଲୀପୁର, ସମେତ ଅନ୍ୟାନ୍ୟ ଅଞ୍ଚଳରେ ଏହି ଯାତ୍ରା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଏହି ଯାତ୍ରାରେ ସାମିଲ ହୋଇ ଥିଲେ। ଘଣ୍ଟ ଘଣ୍ଟା, ବାଦ୍ୟ, ହରିବୋଲ, ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

**ଦଶରଥପୁର:** ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଆଜି ଦଶରଥପୁର ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସିଧେଶ୍ୱର, ଖଣ୍ଡରା, ମଲ୍ଲୀକାପୁର, ଧରମପୁର, ବରହଟା, ଇଜାପୁର, ଝୁମ୍ପୁରୀ, ଦଶରଥପୁର, ମଲିକ ସାହି, କଟୁରିଆ, ନାରିଗାଁ, ଖାନନଗର, ଛତ୍ରପଡ଼ା, ତଳିହା, ଥାଲୁକୁଡି, ନିଜାମପୁର, ପାରିପଦା, ବିରଜାପୁର, ବିଜିପୁର, ଦାମୋଦରପୁର, ନନ୍ଦିପୁର, ବାବଲପୁର, ଭେଲଙ୍ଗ, ପାଳଦା, ମନ୍ଦାରଖଣ୍ଡ, ରହସୋଇ ପର୍ଯ୍ୟନ୍ତ ତିନି ଦିଅଁଙ୍କ ଏହି ରଥଯାତ୍ରାରେ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ନାରିଗାଁ ସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ରଥ ଟଣା ଆରମ୍ଭ ହୋଇ ବିରିପଟା ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲା। ମନ୍ଦିର କମିଟିର ପ୍ରମୁଖ ଘନଶ୍ୟାମ ରାୟ, କାର୍ଯ୍ୟକର୍ତ୍ତା ସୁବାସ ଚନ୍ଦ୍ର ରାଉତ, ଅକ୍ଷୟ କୁମାର ବଳ, ରମେଶ ଚନ୍ଦ୍ର ରାଉତ, ପ୍ରମୋଦ ସ୍ୱାଇଁ, ଉପେନ୍ଦ୍ର କୁମାର ସାମଲ, ପୂର୍ଣ୍ଣଚନ୍ଦ୍ର ସାମଲ, ସୁବାସ ଚନ୍ଦ୍ର ମହାପାତ୍ର, ଦାମୋଦର ବେହେରା ସହଯୋଗ କରିଥିଲେ।

ଜୟନ୍ତରା ପଞ୍ଚାୟତ କୁଟୁରିଆ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଖାନନଗର, ତଳିହା, ବିଜିପୁର, ନନ୍ଦିପୁର, ବରହଟା ଅଞ୍ଚଳରେ ତିନି ଠାକୁରଙ୍କୁ ରଥାରୁଢ଼ କରାଯାଇ ରଥଯାତ୍ରା ସମାପନ ହୋଇଥିଲା। ଖଣ୍ଡରା ସାହୁ ସାହି ପକ୍ଷରୁ ଅନୁଷ୍ଠିତ ହେଉଥିବା ରଥଯାତ୍ରା ୭୮ ବର୍ଷରେ ପହଞ୍ଚିଥିବା ବେଳେ ଚଳିତ ବର୍ଷର ରଥଯାତ୍ରା ଅପରାହ୍ନ ୪ ଟାରୁ ଆରମ୍ଭ ହୋଇଥିଲା। ରଥକୁ ଖଣ୍ଡରା ଛକରେ ଥିବା ମାଉସି ମା' ନିକଟରେ ପହଞ୍ଚାଇଥିଲେ। ସେହିପରି କନିକାପଡ଼ା ପଞ୍ଚାୟତ ଦାମୋଦରପୁର ଠାରେ ଅନୁଷ୍ଠିତ ରଥଯାତ୍ରାରେ ସମାଜସେବୀ ଜଗଦୀଶ ଶଙ୍କର ସାହୁ ଛେରା ପହଁରା କରିଥିଲେ। ତିନି ଠାକୁରଙ୍କ ରଥ ମାନସିଂପାଟଣା ଗ୍ରାମ ଗୁଣ୍ଡିଚା ନଗର ପର୍ଯ୍ୟନ୍ତ ଆସିବା ପରେ ରଥଯାତ୍ରା ସମାପନ ହୋଇଥିଲା।

**ବାଲିଚନ୍ଦ୍ରପୁର:** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ପ୍ରତିଷ୍ଠା କରାଯାଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ୪୫ ତମ ରଥଯାତ୍ରା ଉତ୍ସବ ଆଜି ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ପୂଜକ ନିରଞ୍ଜନ ମିଶ୍ର ରଥଯାତ୍ରା ନୀତିକାନ୍ତି ଓ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ ପରେ ଶ୍ରୀ ଜିଉମାନଙ୍କୁ ଏକ ସୁସଜ୍ଜିତ ରଥରେ ଉପବେଶନ କରାଯାଇଥିଲା। ପରେ ପରେ ପୂର୍ଣ୍ଣଚନ୍ଦ୍ର ମିଶ୍ର ରଥ ଉପରେ ଛେରାପହଁରା କାର୍ଯ୍ୟ ସମାପନ କରିବା ପରେ ଉପସ୍ଥିତ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ରଥ ଟଣା କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପାଖରୁ ଏହି ରଥ ବାହାରି ବ୍ୟାଙ୍କ ରୋଡ଼ ଦେଇ ଜାତୀୟ ରାଜପଥ ଅତିକ୍ରମ କରି ଥାନା ରୋଡ଼ ଦେଇ ରୁକୁଟିପାଟ ସ୍ଥିତ ମାଉସୀମା ମନ୍ଦିର ନିକଟରେ ପହଞ୍ଚି ଥିଲା। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟି ମୁଖ୍ୟ ଶୈଳେନ୍ଦ୍ର ନାରାୟଣ ଦେଓଙ୍କ ମାର୍ଗ ଦର୍ଶନରେ ଟ୍ରଷ୍ଟ ପକ୍ଷରୁ ସର୍ବଶ୍ରୀ ମାନ ଭଞ୍ଜନ ରାଉତରାୟ, ମାନସ ଦେଓ, ପ୍ରକାଶ ଚନ୍ଦ୍ର ସାମଲ, ଲକ୍ଷ୍ମୀଧର ବାନା ଓ ରମେଶ କୁମାର ଦାସଙ୍କ ସମେତ ଟ୍ରଷ୍ଟ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜିର ଏହି ରଥଟଣା କାର୍ଯ୍ୟକ୍ରମ ଶେଷ ହୋଇଥିଲା। ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଚଣ୍ଡିଖୋଲ, କୁନ୍ଦଳ ସମେତ ବଡ଼ଚଣାର ବିଭିନ୍ନ ସ୍ଥାନରେ ଆଜି ଏହି ରଥଯାତ୍ରା କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିଲା। ସେହିଭଳି ପତରାଜପୁର ଗ୍ରାମର ରଥଯାତ୍ରା ବହୁ ଧୁମଧାମ ରେ ପାଳନ କରାଯାଇଛି।

**ରସୁଲପୁର:** ସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଆଜି ଆନନ୍ଦ ଉଲ୍ଲାସର ସହିତ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଛି। ହରିପୁର, ଗୋବିନ୍ଦପୁର, ଚଣ୍ଡିପୁର, ଜଗନ୍ନାଥପୁର, ଇଛାପୁର, ପ୍ରଥମାଖଣ୍ଡ ସହିତ ବହୁ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ହରିପୁର ଜଗନ୍ନାଥ ମଠରେ ଆଜି ସକାଳୁ ପାରମ୍ପରିକ ପୂଜାର୍ଚ୍ଚନା ଓ ଦିବସ ନୀତି ପରେ ମଇଲମ କରାଯାଇ ସେନାପଟା ନୀତି ହୋଇ ଦିଅଁ ମାନଙ୍କୁ ରଥଯାତ୍ରା ପାଇଁ ପ୍ରସ୍ତୁତ କରାଯାଇଥିଲା। ଅପରାହ୍ନ ୩ଟା ପରେ ଧାଡି ପହଣ୍ଡି ଆରମ୍ଭ ହୋଇଥିଲା। ରଥ ପର୍ଯ୍ୟନ୍ତ ଆସିବା ବାଟରେ ଛେକ ଭୋଗ ଲାଗି ହୋଇଥିଲା। ଦିଅଁ ମାନେ ରଥାରୁଢ ହେବା ପରେ ଛେରାପହଁରା ହୋଇଥିଲା। ପରେ ଚାରମାଳ ଫିଟାଯାଇଥିଲା ଓ ରଥରେ ଘୋଡା ଲାଗି ହୋଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡଠାକୁର ବଳଭଦ୍ରଙ୍କ ରଥ ଗଡ଼ିଥିଲା। ସୁଭଦ୍ରାଙ୍କ ରଥ କୁ ପାରମ୍ପରିକ ଭାବରେ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ୬ଟାରେ ତିନିରଥ ଗୋବିନ୍ଦପୁର ଠାରେ ଥିବା ମାଉସୀ ଘର ନିକଟରେ ପହଁଚିଥିଲେ। ଝିପିଝିପି ବର୍ଷା ସ୍ୱେ ରଥ ଟାଣିବା ପାଇଁ ଓ ଦେଖିବା ପାଇଁ ଶ୍ରଦ୍ଧାଳୁ ମାନଙ୍କର ପ୍ରବଳ ଭିଡ ହୋଇଥିଲା। ସେହିପରି ଚଣ୍ଡିପୁର ରଥ କୁଆଖିଆ ବଜାର ସ୍ଥିତ ମାଉସୀ ଘର ପର୍ଯ୍ୟନ୍ତ ଟଣାହୋଇ ଆସିଥିଲା। ସମସ୍ତ ମନ୍ଦିର ରେ ପ୍ରାୟତଃ ଅପରାହ୍ନରେ ରଥଟଣା ହୋଇଥିଲା।

## ପାଣିକୋଇଲିରେ ରଥଯାତ୍ରା

ପାଣିକୋଇଲି: କୋଟି ଜନତାର ମଉଡମଣି, ବିଶ୍ୱ ନୟନ୍ତା ମହାପ୍ରଭୂ ଜଗନ୍ନାଥଙ୍କ ଭାଇ ଭଉଣୀ ସହ ଗୁଣ୍ଡିଚା ଯାତ୍ରା। ଭକ୍ତ ଓ ଭଗବାନଙ୍କର ମହାମିଳନ। ବର୍ଷକ ପରେ ଚହୁବାହାକୁ ଦେଖିବା ଓ ରଥ ଟାଣିବା ପାଇଁ ଭକ୍ତ ଓ ଦର୍ଶକଙ୍କ ଅପେକ୍ଷାର ଅନ୍ତ ଘଟିଛି। ଶେଷରେ ଆଜି ମହାପ୍ରଭୁ ଭାଇ ଓ ଭଉଣୀଙ୍କୁ ଧରି ରଥରେ ଦର୍ଶନ ଦେଇଛନ୍ତି ଭକ୍ତ ମାନଙ୍କୁ। ଦୀର୍ଘ ଦିନ ପରେ ଆଜି ସମସ୍ତେ ଅପଲକ ନୟନରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ଭକ୍ତମାନେ ଅନାଇ ବସିଥିଲେ। ପୁରପଲ୍ଲୀରେ ସମସ୍ତ ଜଗନ୍ନାଥ ମନ୍ଦିରରେ ରଥ ଟଣା ମହାସମାରୋହରେ ପାଳିତ ହୋଇଛି। ପାଣିକୋଇଲି ମହାବୀର କଲୋନୀ, ମଣିପୁର, ସୋତି, ଚାନ୍ଦପୁର, ନୂଆପଦା, ଓଟିନ୍ଦା, କାଙ୍କଲା, ଧନପୁର ଆଦି ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ ଦେଖିବା ଲାଗି ଭକ୍ତ ଭିଡ ଜମିଥିଲା। ରଥ ଦଉଡି ଧରିବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଜାତି ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଶଙ୍ଖ, ହୁଳହୁଳି ଘଣ୍ଟ ନାଦ ଓ ନାମ ସଙ୍କିର୍ତ୍ତନରେ ରେ ସମସ୍ତେ ପ୍ରଭୁଙ୍କୁ ଟାଣିନେଇଥିଲେ ମାଉସୀ ମା ମନ୍ଦିରକୁ। ଶାନ୍ତି ଶୃଙ୍ଖଳାର ସହିତ ରଥଟଣା ସମାପନ ହୋଇଥିବା ବେଳେ ସବୁଠି ପୁଲିସ ମୁତୟନ କରାଯାଇଥିଲା।

## ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତୀ; ଆଜି ରଥଟଣା

ସୁକିନ୍ଦା: ସୁକିନ୍ଦାରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଛନ୍ତି। ସମସ୍ତ ସ୍ଥାନରେ ହେଉଥିବା ରଥଯାତ୍ରା ଠାରୁ ସୁକିନ୍ଦା ରଥଯାତ୍ରା ଭିନ୍ନ ଓ ନିଆରା। ପୁରୁଣା ପରମ୍ପରା ଅନୁଯାୟୀ ସୁକିନ୍ଦାରେ ଆଜି ଦିନରେ ଚାରି ଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଏ। ବିଧି ଅନୁସାରେ ସମସ୍ତ ପୂଜାର୍ଚ୍ଚନା ପରେ ରାଜା ସାହେବ ଛେରାପହଁରା କରିଥାନ୍ତି। ପରେ ରଥକୁ ଥରେ ମାତ୍ର ଟଣାଯାଏ। ବଡ଼ଦାଣ୍ଡରେ ରଥ ଉପରେ ଠାକୁର ରହନ୍ତି। ଭକ୍ତମାନେ ଠାକୁରଙ୍କୁ ରଥ ଉପରେ ଦର୍ଶନ କରିବାର ସୁଯୋଗ



ପାଇଥାନ୍ତି। ପରଦିନ ଭକ୍ତମାନେ ରଥକୁ ଟାଣି ଗୁଣ୍ଡିଚା ମନ୍ଦିର ନିକଟକୁ ନେଇଥାନ୍ତି। ଦ୍ୱିତୀୟ ଦିନ ଜନସମାଗମ ବେଶ୍ ଅଧିକ ରହିଥାଏ। ଦୀର୍ଘ ବର୍ଷ ପରେ ଚଳିତ ବର୍ଷ ସୁକିନ୍ଦାରେ ସମ୍ପୂର୍ଣ୍ଣ ନୂତନ ରଥ ନିର୍ମାଣ ହୋଇଛି। ସେଥିପାଇଁ ଚଳିତ ବର୍ଷ ଭକ୍ତଙ୍କ ଭିତରେ ଆନନ୍ଦ ଦେକାଦେଇଛି। ଏକ ଅଗ୍ନିକାଣ୍ଡରେ ରଥରେ ନିଆଁ ଲାଗିବା ପରେ ନୂତନ ରଥ ପାଇଁ ସୁକିନ୍ଦା ବାସୀ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟରେ ଦାବି କରିଥିଲେ। ନୂତନ ରଥ ନିର୍ମାଣ ପାଇଁ ମନ୍ତ୍ରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଜଗନ୍ନାଥ ମହୋତ୍ସବ ପାଳିତ

ଯାଜପୁର: ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଥିବା ସର୍ବପୁରାତନ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ସାର୍ଥକ ଫାଉଣ୍ଡେସନ ଆନୁକୂଲ୍ୟରେ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁଲେଖ ବନ୍ଦେ। ।ବିସ୍ତର ଅତିରିକ୍ତ ଅୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗ ଦେଇ ଜଗନ୍ନାଥ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଆଶୁତୋଷ ପରିଡ଼ା, ମନୀଷା ବେହେରା ପ୍ରମୁଖ ଯୋଗ ଦେଇ ଫାଉଣ୍ଡେସନର ଏହି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କମଳାକାନ୍ତ ମିଶ୍ର ଫାଉଣ୍ଡେସନର ସଭାପତି ସଞ୍ଜୟ ମିଶ୍ର ଆଗାମୀ ଦିନରେ ଦିବ୍ୟାଙ୍ଗମାନଙ୍କ ପାଇଁ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଦିବ୍ୟାଙ୍ଗ ମାନଙ୍କ ପାଇଁ ବର୍ଷ ତମାମ ବିଭିନ୍ନ ସ୍ୱାସ୍ଥ୍ୟ କ୍ୟାମ୍ପ, ୩ ଚକିଆ ଯାନ ପ୍ରଦାନ ଭଳି ଅନେକ ଜନ ହିତକର କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ପରିଶେଷରେ ଅନ୍ୱେଷଣ ଥିଏଟର ଗ୍ରୁପର କଳାକାରଙ୍କ ଦ୍ୱାରା ଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜହ୍ନା ବଳଦେବଜୀଉ ମନ୍ଦିରରେ ରଥଯାତ୍ରା

ଶଙ୍ଖଚିଲା: କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ବଳଦେବଜୀଉ ମନ୍ଦିରରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମହାପ୍ରଭୁଙ୍କ ନୀତିକାନ୍ତି ପରେ



ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନା କରାଯାଇଥିଲା। ଏହା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥକୁ ଅଣା ଯାଇଥିଲା। ସନ୍ଧ୍ୟା ସମୟରେ ରଥ ଟଣାଯାଇ ମାଉସୀ ମନ୍ଦିର ନିକଟକୁ ଶ୍ରଦ୍ଧାଳୁମାନେ ଆଣିଥିଲେ। ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି ଅଭିଳାଷ ବୋଇତାଇ ଛେରାପହଁରା କାର୍ଯ୍ୟ ସମାପନା କରିଥିବା ବେଳେ ପୂଜକ ଗୋପବନ୍ଧୁ ପାଢ଼ୀ, ମୃତ୍ୟୁଞ୍ଜୟ ପାଢ଼ୀ ଓ ପୁରୋହିତ ରାଜ କିଶୋର ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ। ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀ ଉପସ୍ଥିତ ରହି ରଥ ଟଣା କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ଶେଷ କରିଥିଲେ। ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଆସନ୍ତାକାଲି ମହାପ୍ରଭୁ ପହଣ୍ଡି କରାଯାଇ ମାଉସୀ ମନ୍ଦିରରେ ବିଜେ କରାଯିବ।

## ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଗୁଣ୍ଡିଚା ମହୋତ୍ସବ

ଯାଜପୁର: ଯାଜପୁର ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଜଗନ୍ନାଥ ମନ୍ଦୀର ପରିସରରେ ଗୁଣ୍ଡିଚା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ, ବିଜେଡି ନେତା ଭବ ପ୍ରସାଦ ଦାସ, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପଣ୍ଡିତ ଜ୍ଞାନରଞ୍ଜନ ପତି, ଭୁପତି ଭୁଷଣ ମିଶ୍ର ପ୍ରମୁଖ ଯୋଗ ଦେଇ ଯାଜପୁରରେ ଜଗନ୍ନାଥ ମନ୍ଦିର ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସଭାପତି ସନ୍ତୋଷ କୁମାର ମଲ୍ଲିକ, ସମ୍ପାଦକ ଆଲୋକ ବେହେରା ଏବଂ କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ମହାନ୍ତିଙ୍କ ଦ୍ୱାରା ସକାଳୁ ରଥଯାତ୍ରା ପରିଚାଳନା କରାଯାଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ପରମ୍ପରା ମୁତାବକ ଆସନ୍ତାକାଲି ରଥଟଣା ଯାଇ ମାଉସୀ ମା' ମନ୍ଦିରକୁ ନିଆଯିବ ବୋଲି ଜଣାପଡ଼ିଛି।



## ଦେବୀ ସୁଭଦ୍ରାଙ୍କ ରଥଙ୍କୁ ଟାଣିଲେ ମହିଳା

ବରୁଆଁ: ଯାଜପୁର ସଦର ଓ ଏହାର ଆଖପାଖ ଅଞ୍ଚଳରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାର ବହୁ ପୁରାତନ ହରିପୁର ଜଗନ୍ନାଥ ମଠରେ ଶ୍ରୀଗୁଣ୍ଡିଚା ପୂର୍ବଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଓ ରଥ ଖଳାରେ ତିନି ରଥ ପ୍ରତିଷ୍ଠା ଓ ନେତ୍ର ଉତ୍ସବ ସମ୍ପର୍ଣ୍ଣ କରାଯାଇଥିଲା। ପ୍ରାତଃରୁ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରାଯାଇ ନିର୍ଦ୍ଧାରିତ ସମୟରେ ସ୍ୱପ୍ନେଶ୍ୱରପୁର ଶାସନ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ ପରେ ପରେ ପ୍ରଭୁ ବଳଭଦ୍ର ଦେବୀ ସୁଭଦ୍ରା ଓ ଜଗନ୍ନାଥଙ୍କ ନିକଟରେ ଛେକ ଭୋଗ ଓ ଆଳତି ପରେ ରଥାରୁଢ଼ କରାଯାଇଥିଲା। ମନ୍ଦିରର ପୂଜକ ଶଙ୍କର୍ଷଣ ଦାଶଙ୍କ ଛେରାପହରା ଓ ନୀତି ସମ୍ପନ୍ନ ପରେ ଅପରାହ୍ନ ୪ଟାରେ ହରିପୁର ଜଗନ୍ନାଥ ମନ୍ଦିରରୁ ଗୋବିନ୍ଦପୁର ସ୍ଥିତ ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥଟଣା ଆରମ୍ଭ ହୋଇଥିଲା। ଦେବୀ ସୁଭଦ୍ରାଙ୍କ ରଥଙ୍କୁ କେବଳ ମହିଳାମାନେ ଟାଣିଥିଲେ। ସନ୍ଧ୍ୟା ପୂର୍ବରୁ ତିନି ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ଜଣାପଡ଼ିଛି। ସେହିପରି ସାହସ ପୁର, ବଡ ତ୍ରିଲୋଚନ ପୁର, ମତକ୍ଷବାଦ ଓ ବେରୁଦାରେ ଶାନ୍ତି ଶୃଙ୍ଖଳାର ସହ ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପର୍ଣ୍ଣ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟାପକ ପୋଲିସ ମୁତୟନ ରହିଥିବା ଦେଖିବାକୁ ମିଳିଥିଲା।

ସ୍ମୃତିରେ ...

ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



୯୯ ତମ ଜୟନ୍ତୀ
ତା: ୨୮.୦୬.୨୦୨୫
(ଶନିବାର)

ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

## ଦଲଗାଁ ଛକ-କବାଟବନ୍ଧ ମେଡିକାଲ ରାସ୍ତା

# ତ୍ରୁଟିପୂର୍ଣ୍ଣ ପୋଲ ମରାମତି ପାଇଁ ଲୋକେ ହୀନସ୍ତା



**କବାଟବନ୍ଧ, ୨୭।୬(ସମିସ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକାର ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି ଏବଂ ଖାମଖିଆଲ ମନୋଭାବ ଯୋଗୁଁ ଅସୁବିଧା ଭୋଗୁଛନ୍ତି ହଜାର ହଜାର ଜନସାଧାରଣ। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଉଥିବା ଜଣାପଡ଼ିଛି। ସୂଚନା ମୁତାବକ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ପଞ୍ଚାୟତର ଦଲଗାଁ ନିକଟରେ ଥିବା ମାଛ ଡଙ୍ଗା ପୋଲ ଉପରେ ଯାତାୟାତ ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଦଲଗାଁ ଛକ ନିକଟରୁ କବାଟବନ୍ଧ ମେଡିକାଲକୁ ସଂଯୋଗ କରୁଥିବା ଏହି ରାସ୍ତାର ମାଛ ଡଙ୍ଗା ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏହାର ମରାମତି କରିବା ପାଇଁ ପୋଲକୁ ଭାଙ୍ଗି ଦିଆଯାଇଥିଲା। ଏହା ପରେ ଅତି ଖାମଖିଆଲ ଭାବେ ପାଇପ୍ ପକାଇ ତା' ଉପରେ ମୋରମ ପକାଇ ଦିଆଯିବା ଫଳରେ ବର୍ଷା ଯୋଗୁଁ ଏହା କାଦୁଅ ହୋଇଯାଇଛି। ଏହା କବାଟବନ୍ଧ ମେଡିକାଲକୁ ମୁଖ୍ୟ ରାସ୍ତା ହୋଇଥିବାରୁ ତାଳଜଙ୍ଗ, ଅଞ୍ଜିରା, ଚକ୍ରଧରପୁର, ନୂଆଗଡ଼, ବଳରାମପୁର, କୁସୁନପୁର, ବାଉଁଶଡୋଳ, ବଲାଙ୍ଗିଆ, ଆଦି ଅନେକ ଗାଁର ଶହ ଶହ ରୋଗୀ ଏହି ରାସ୍ତା ଦେଇ କବାଟବନ୍ଧ ମେଡିକାଲକୁ ଯିବାଆସିବା କରନ୍ତି। ଜାତୀୟ ରାଜପଥରେ କୌଣସି ଦୁର୍ଘଟଣା ହେଲେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏହି ରାସ୍ତା ହିଁ ମୁଖ୍ୟ ଅଟେ। କୃଷକଟିଏ ମଧ୍ୟ ନିଜ ଚାଷ ଜମିକୁ ଚାଷ ଉପକରଣ ବା ଯନ୍ତ୍ରପାତି ନେଇ ଯାଇପାରୁନାହାଁନ୍ତି। ଯାହାକି ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏପରିକି ଖାଲି ପାଦରେ ଚାଲି ଚାଲିଯିବା ମଧ୍ୟ ସମ୍ଭବ ହେଉନାହିଁ।

ଗୁରୁବାର ଅପରାହ୍ନରେ ଏହି ପୋଲ ଉପରେ ମୋରମ ପକାଇ ଦିଆଯିବା ସହିତ ତାକୁ ରୋଲିଂ ନ କରି ଖାଲି ସମାନ କରି ଦିଆଯାଇଥିଲା। ଏହା ପରେ ବର୍ଷା ଯୋଗୁଁ ପ୍ରବଳ କାଦୁଅ ହୋଇଥିଲା। ରାସ୍ତାରେ ଯିବା ଆସିବା ଅନୁପଯୋଗୀ ହୋଇଥିଲେ ମଧ୍ୟ ତାହା ଜଣାପଡୁ ନ ଥିଲା। ରାସ୍ତା ସମାନ ଦେଖା ଯାଉ ଥିବାରୁ ସେହି ରାତି ପ୍ରାୟ ୧୧ଟା ବେଳେ ଏକ କାର୍ ଯାଉଥିବା ସମୟରେ କାଦୁଅରେ ଅଟକି ଯାଇଥିଲା। ଏହା ପଛରେ ଆସୁଥିବା ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଗାଡ଼ି ପଛକୁ ପଛ ଅଟକି ରହିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ରାତି ପ୍ରାୟ ୧ଟା ବେଳେ ଗାଡ଼ିଟିକୁ ବାହାର କରାଯାଇଥିଲା। ସକାଳୁ ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆ ଯାଇଥିଲେ ମଧ୍ୟ କାଦୁଅ ଉପରେ ଅତି ତରବରିଆ ଭାବରେ କେବଳ ଡଷ୍ଟ ବିଛି ଦେଇଥିଲେ। ଅନ୍ୟ ପକ୍ଷରେ ଏହି ପୋଲ ମରାମତିକୁ ନେଇ କୌଣସି ପ୍ରୋଜେକ୍ଟ ବା ଟେଣ୍ଡର ହୋଇ ନ ଥିବା ଶୁଣିବାକୁ ମିଳୁଛି। ବର୍ଷା ଋତୁ ସମୟରେ ପୋଲ ଭାଙ୍ଗି ଦେଇ ଅତି ତରବରିଆ ଭାବେ ତ୍ରୁଟିପୂର୍ଣ୍ଣ ନିର୍ମାଣ ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଥିବା ଅଭିଯୋଗ ହେଉଛି। ଏହି ପୋଲ କାମ ସମ୍ବନ୍ଧରେ ସବିଶେଷ ତଥ୍ୟ ପାଇଁ ବିଭାଗୀୟ ଯନ୍ତ୍ରୀ ଏବଂ ଏସ୍‌ଡିଓଙ୍କୁ ଫୋନ କରାଯାଇଥିଲେ ମଧ୍ୟ ଫୋନ ସୁଇଚ ଅଫ ରହିଥିବା ଜଣାପଡ଼ିଛି। ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଯାତାୟାତ ପାଇଁ ଅବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କାଳିଆପାଣି ଥାନା ଅଧିକାରୀଙ୍କ ଦବଙ୍ଗଗିରି

# ବିଜେଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ



**ଯାଜପୁର, ୨୭।୬(ସମିସ):** ଗତକିଛି ଦିନ ଧରି କାଳିଆପାଣି ଥାନା ଅଧିକାରୀଙ୍କ ବିରୋଧରେ ନାନା ପକ୍ଷପାତିତାର ଅଭିଯୋଗ ହୋଇ ଆସୁଥିଲା। ଶାସକ ଦଳର ବୋଲକରା ହୋଇ ସେ କାର୍ଯ୍ୟ କରୁଥିବା ଅଭିଯୋଗ ହେବା ସହିତ ବିଜେଡି କର୍ମୀ ଓ ନେତାଙ୍କୁ ଆକ୍ରମଣ କରିବାକୁ ଧମକ ଦେଉଥିବା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଅଭିଯୋଗ କରିଥିଲେ। କାଳିଆପାଣିରେ ବିଜେଡି ସମର୍ଥିତ ଶ୍ରମିକ ସଂଗଠନ କାର୍ଯ୍ୟାଳୟ ଭଙ୍ଗାରୁଜା କରିବା ଘଟଣାରେ ପୁଲିସର ପକ୍ଷପାତିତା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି ବିଜେଡି ସାମାଜିକ କର୍ମୀ ସିଦ୍ଧାର୍ଥ ବେହେରା। ସିଦ୍ଧାର୍ଥଙ୍କୁ ଆଜି କାଳିଆପାଣି ପୁଲିସ ଘରୁ ଉଠାଇ ନେଇ ତାଙ୍କୁ ପ୍ରବଳ ମାଡ ମାରିଥିବା ଅଭିଯୋଗ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ସୁକିନ୍ଦା ଡାକ୍ତରଖାନାକୁ ଚିକିତ୍ସା କରିବାକୁ ଆଣିଥିବା ବେଳେ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡେଇ ଏଭଳି ଘଟଣାକୁ ନେଇ ନିନ୍ଦା କରିବା ସହିତ ବିଜେପି ସରକାରର ଏହା ଚରିତ୍ର କି ବୋଲି ପ୍ରଶ୍ନ କରିଛନ୍ତି। କାଳିଆପାଣି ଥାନା ଅଧିକାରୀ ଶିବ ଚରଣ ବେହେରା ସିଦ୍ଧାର୍ଥଙ୍କୁ ଏଭଳି ମରଣାନ୍ତକ ଆକ୍ରମଣ କରିଥିବା ଶ୍ରୀ ଘଡେଇ ଅଭିଯୋଗ କରିବା ସହିତ ଏଥିପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବରୁ କାଳିଆପାଣି ଥାନା ଅଧିକାରୀ କ୍ଷମାନମାଗିଲେ ଖଣି ଅଞ୍ଚଳ ବନ୍ଦ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଚେତାବନୀ ଦେଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିନଥିବା ବେଳେ ଏହାକୁ ନେଇ ସମଗ୍ର ସୁକିନ୍ଦା ଅଞ୍ଚଳରେ ଅଶାନ୍ତିର ବାତାବରଣ ଦେଖାଦେଇଛି।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପାଣିକୋଇଲି, ୨୭।୬(ସମିସ):** ପାଣିକୋଇଲିସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷର ଛାତ୍ର/ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମଦନ ମୋହନ ପାତ୍ର ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ପାର୍ବତୀ ନାଥ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦିପ୍ତୀପ୍ରଭା ସ୍ୱାଇଁ, ପ୍ରଜ୍ଞାସା ସାମଲ, ଦୀପା ଦାସ, ଶତାବ୍ଦୀ ସ୍ମରଣିକା, ମଧୁସ୍ମିତା ମହାରଣା ଙ୍କ ସମେତ ୨ୟ ଓ ୪ର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସାଗରିକା ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ଆଇନଜୀବୀଙ୍କ ପରଲୋକ



**ବ୍ୟାସନଗର, ୨୭।୬ (ସମିସ):** ବ୍ୟାସନଗର ଅଞ୍ଚଳର ବଶିଷ୍ଠ ଆଇନଜୀବୀ ଓ ସମାଜସେବୀ ସନ୍ତୋଷ କୁମାର ଜେନା (୬୫) ଙ୍କର ନୂଆଦିଲ୍ଲୀର ମହାରାଜା ଉଗ୍ରସେନ ହସ୍ପିଟାଲ୍‌ରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ କିଡ୍‌ନୀ ରୋଗ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ୨୨ ତାରିଖ ଦିନ ନୂଆଦିଲ୍ଲୀରୁ ଭୁବନେଶ୍ୱର ବିମାନ ଯୋଗେ ଅଣାଯାଇ ସେଠାରୁ ତାଙ୍କ ବ୍ୟାସନଗର ବାସଭବନକୁ ଅଣାଯାଇଥିଲା। ସେଠାରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତା' ପରେ ତାଙ୍କର ଅନ୍ତିମ ସତ୍କାର କରା ଯାଇଥିଲା। ତାଙ୍କ ମୃତ୍ୟୁ ରେ ବ୍ୟାସ ନଗର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ଦୁର୍ଘଟଣାରେ ମୃତ ଶ୍ରମିକଙ୍କ ପରିବାରକୁ ସହାୟତା



**ସୁକିନ୍ଦା, ୨୭।୬(ସମିସ):** କଳିଆପାଣି ଥାନା ଅନ୍ତର୍ଗତ ଇମ୍ପା ଖଣିରେ କାର୍ଯ୍ୟ କରୁଥିବା ଏସ୍‌ଏମ୍‌ପିଏଲ୍ କମ୍ପାନୀର ନିର୍ମାଣାଧୀନ ଏକ କୋଠାଘରର ପ୍ରିକାଷ୍ଟ ସ୍ଲାବ୍ ପଡ଼ିଯିବାରୁ ଗତ ମେ' ୩୧ ତାରିଖରେ ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ସେହି ଶ୍ରମିକଙ୍କ ପରିବାରକୁ ଆଜି ସମବାୟମନ୍ତ୍ରୀ ପ୍ରଦୀପ ବଳସାମନ୍ତ କମ୍ପାନୀ ଦ୍ୱାରା ପ୍ରଦତ୍ତ ୧୫ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି। ମୃତକଙ୍କ ବାପା, ମା', ବିଧବା ସ୍ତ୍ରୀ ସହିତ ୨ ଶିଶୁ ମନ୍ତ୍ରୀ ଶ୍ରୀବଳସାମନ୍ତଙ୍କ ସୁକିନ୍ଦା ସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ରହି କ୍ଷତିପୂରଣ ବାବଦରେ କମ୍ପାନୀ ଚେକ୍ ଗ୍ରହଣ କରିଥିଲେ।

ସୂଚନା ଥାଉକି ଝାଡ଼ଖଣ୍ଡ ରାଜ୍ୟ ଗୋଡ଼ା ଜିଲ୍ଲା ପୋରିଆହାଲ ଥାନା ବୀରନିଆ ଗାଁର ପ୍ରଭୁ ଦୟାଲ ତନ୍ତ୍ୱାଙ୍କ ପୁଅ ଅଙ୍ଗଦ ତନ୍ତ୍ୱା(୩୬) ଇମ୍ପା ଖଣିରେ ମହେଶ୍ୱରୀ କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିବା ଏନ୍‌ଏମ ରୁଫ ଡିଜାଇନର ଏକ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ଏହି ଦୁର୍ଘଟଣାରେ ତାଙ୍କ ପରିବାର ଏକ ମାତ୍ର ରୋଜଗାରିଆ ପୁତ୍ର ଅଙ୍ଗଦର ମୃତ୍ୟୁ ଘଟିବା ଦ୍ୱାରା ବୁଢା ବାପା, ମା, ସ୍ତ୍ରୀ ଓ ୪ଜଣ ନାବାଳକ ଏବଂ ଜଣେ ୯ମାସର ଶିଶୁ ଅସହାୟ ହୋଇପଡ଼ିଥିଲେ। ଓଡ଼ିଶା ମାଇନିଂ ୱାର୍କସ ୟୁନିୟନର ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା ସମ୍ପୃକ୍ତ ଠିକା ସଂସ୍ଥା ଉପରେ ଚାପ ପକେଇ କ୍ଷତିପୂରଣ ବାବଦରେ ୧୫ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ପ୍ରଦାନ କରିବାରେ ସହଯୋଗ କରିଥିଲେ। ତେବେ ଅଙ୍ଗଦଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ଏ ବାବଦରେ କଳିଆପାଣି ଥାନାରେ ୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହି କ୍ଷତିପୂରଣ ପ୍ରଦାନ ସମୟରେ କମ୍ପାନୀ ପକ୍ଷରୁ କୁନ୍ଦନ ସିଂ, ଦିଲ୍ଲୀପ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା, ୨୭।୬(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର କୋଣାର୍କ ପେଟ୍ରୋଲ ପମ୍ପର ଅନତି ଦୂରରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ସୁକିନ୍ଦା ପୁଲିସ। ସୂଚନା ମୁତାବକ କୋଣାର୍କ ପେଟ୍ରୋଲ ପମ୍ପ ପାଖ ରାଜପଥ କଡରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସୁକିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

# ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ

**ଯାଜପୁର, ୨୭।୬(ସମିସ):** ଯାଜପୁର ସହର ସ୍ଥିତ ବୈଷ୍ଣବ ଦତ୍ତ ହାଇସ୍କୁଲ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତି ମୂର୍ତ୍ତିରେ ଗଙ୍ଗା ଜଳରେ ସ୍ନାନ କରାଯାଇ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସମାଜସେବୀ, ଗାନ୍ଧୀବାଦୀ ନିସିତ୍ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଯାଜପୁର ମୁଖ୍ୟ ବ୍ୟାଙ୍କର ଚିଫ୍ ମ୍ୟାନେଜର ସ୍ମୃତି ରଞ୍ଜନ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ, ଗୀତାଞ୍ଜଳି ସାହୁ, ସୁକେଶିନୀ ବାରିକ, ସ୍ୱାତୀ ସାମଲ, ସୋନାଲୀ ସାହୁ, ଶୁଭଶ୍ରୀ ସଙ୍ଗୀତା ଶତପଥି, ଲିପ୍ସା ସ୍ୱାଇଁ, ବର୍ଷାରାଣୀ ସ୍ୱାଇଁ, ପ୍ରଜ୍ଞାପରମିତା ରାଉତ, ମାଳତୀ ପତି, ସଞ୍ଜିତା ବେହେରା, ସବିତାରାଣୀ ବଳ, ସୁରମା ଦାସ, ଏମ୍‌ଡି ସାଜିଦ୍ ଓ ସହକର୍ମୀ ଶକ୍ତିକାନ୍ତ ମହାନ୍ତି, ଇତିଶ୍ରୀ ପରିଡ଼ା, ରତ୍ନାକର ଦାସ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନି ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାହିତ୍ୟ ସମାଜ ପକ୍ଷରୁ ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୨୭।୬(ସମିସ):** କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀଙ୍କୁ ଆଜି ଅପରାହ୍ନରେ ଜାରକା ହାଇସ୍କୁଲସ୍ଥିତ ଆମ ପାଠାଗାର ପରିସରରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସାହିତ୍ୟ ସମାଜର ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡ. ରୁଦ୍ରନାରାୟଣ ପୃଷ୍ଟି, ଡ.ରବୀନ୍ଦ୍ର ବିହାରୀ, ଡା.ବିଜୟ କୁମାର ଶତପଥୀ ଓ ସାଧାରଣ ସମ୍ପାଦକ ଡ.ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ. ଶ୍ରୀ ପାଢ଼ୀଙ୍କ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ସେହିପରି ମିର୍ଜାପୁରସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଓ ହରିଦାସପୁର ସ୍ଥିତ ହୋଲି ଜେଶସ ସ୍କୁଲ ତତଫରୁ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଅଧ୍ୟକ୍ଷ ବଳଭଦ୍ର ଦାଶ, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ସାହିତ୍ୟ ସଂଗଠିକା ମିନତୀ ସାହୁ, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ବିଜୟ କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସ୍ୱାଇଁ, କଥାକାର ଅର୍ଜୁନ ପୃଷ୍ଟି, କବି ଧ୍ରୁବଚରଣ ବିଶ୍ୱାଳ, ଶିକ୍ଷାବିତ ବିଭୂତି ଭୂଷଣ ପାଳ, ବ୍ରଜକିଶୋର ଦାଶ, ଶିକ୍ଷୟିତ୍ରୀ କାମିନୀ ନାୟକ, ରୂପାଲି ସମ୍ପାଦକ ପ୍ରହଲ୍ଲାଦ ପଣ୍ଡା, ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ,




ବିଜୟ କୁମାର ଦେବତା, ଅଖିଳ କୁମାର ସ୍ୱାଇଁ, ସବିତା ମିଶ୍ର, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଶଶିଭୂଷଣ ଦ୍ୱାରି, ଗୋଲକ ଚନ୍ଦ୍ର ପଲେଇ, ଶୁଭକାନ୍ତ ନାୟକ, ପ୍ରଭାତ ତ୍ରିପାଠୀ, ପ୍ରମୁଖ ଡ଼କ୍ଟର ଶ୍ରୀ ପାଢ଼ୀଙ୍କ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କବି ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ରୋଟାରୀ କ୍ଲବ୍‌ର ପରିଚାଳନା ସମିତି ବୈଠକ





**ଧର୍ମଶାଳା, ୨୭।୬(ସମିସ):** ଜାରକା ରୋଟାରୀ କ୍ଲବ ମିଳିତ ପରିଚାଳନା ସମିତିର ଏକ ବୈଠକ ରୋଟାରୀ କାର୍ଯାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଆଡଭୋକେଟ ରାଜେନ୍ଦ୍ର କୁମାର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୂର୍ବତନ ଏଡିଜି ରୋଟାରୀଆନ ବିନୋଦ କୁମାର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ବର୍ଷର ସଭାପତି ଇଂ.ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନା ଆଗାମୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିଥିଲେ। ଆସନ୍ତା ୩୦ରେ କମିଟି କାର୍ଯ୍ୟକାଳର ଅବଧି ଶେଷ ହେଉଥିବାରୁ ଜୁଲାଇ ୧ରେ ନୂତନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ବିଜୟ କୁମାର ଶତପଥୀ, ଲକ୍ଷ୍ମୀକାନ୍ତ ଚୌପଟ୍ଟନାୟକ, ଧରଣୀଧର ଦାଶ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ଜୟନ୍ତ କୁମାର ସାହୁ, ଡା. ନିହାର ରଞ୍ଜନ କର, ହରିହର ପଣ୍ଡା, ଚକ୍ରଧର ଲେଙ୍କା, ପ୍ରମୋଦ କୁମାର ସାମଲ, ଅଜାମ୍ବର ସାହୁ, ଚକ୍ରଧର ଲେଙ୍କା, ସତ୍ୟାନନ୍ଦ ବରାଳ, ଆଡ଼ଭୋକେଟ ଆଲୋକ କୁମାର ସାହୁ, ଅମୁଲ୍ୟ କୁମାର ମହାରଣା, ଦେବେନ୍ଦ୍ର କୁମାର ଜେନା, ଜ୍ୟୋତି ଆଚାର୍ଯ୍ୟ, ଇନ୍ଦ୍ରମଣି ନାୟକ ଓ ଜୟଗୁରୁ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ସମ୍ପାଦକୀୟ



ସମସ୍ତେ ବିଶ୍ୱକୁ ପରିବର୍ତ୍ତନ କରିବା କଥା କୁହନ୍ତି, କିନ୍ତୁ ନିଜକୁ ପରିବର୍ତ୍ତନ କରିବା କଥା ଭାବନ୍ତି ନାହିଁ।
-ଲିଓ ଟଲଷ୍ଟୟ

ସକାଳ
THE SAKALA

## ବିଶ୍ୱାସ ଓ ଶାନ୍ତି

ଚୀନ୍‌ରେ ସଦ୍ୟ ଅନୁଷ୍ଠିତ 'ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ)'ର ଚିଠା ପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛି। ଆତଙ୍କବାଦୀ ନିରୋଧ ଏବଂ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ଓ ସୁରକ୍ଷା ଏହି ସଂଗଠନର ପ୍ରମୁଖ ଆଭିମୁଖ୍ୟ ହୋଇଥିଲେ ହେଁ ଗତ ଏପ୍ରିଲ୍ ୨୨ ତାରିଖରେ କାଶ୍ମୀରର ପହଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ଉକ୍ତ ଚିଠା ପ୍ରସ୍ତାବରେ ସ୍ଥାନ ପାଇନାହିଁ। ଅଥଚ ପାକିସ୍ତାନର ବାଲୋଚିସ୍ତାନରେ ଗତ ମାର୍ଚ୍ଚ ମାସର ଟ୍ରେନ୍ ଅପହରଣ ଘଟଣା ସ୍ଥାନ ପାଇଛି। ଅର୍ଥାତ୍ ଆଞ୍ଚଳିକ ଶାନ୍ତି ଓ ସହାବସ୍ଥାନ ଦିଗରେ ବାଧାସୃଷ୍ଟିକାରୀ କାରକ ଓ ଘଟଣାମାନଙ୍କ ବିଷୟରେ ଆଲୋଚନା କରି ସ୍ଥାୟୀ ସମାଧାନର ସୂତ୍ର ବାହାର କରିବା ପାଇଁ ଉଦ୍ଦିଷ୍ଟ ଆଜେଣ୍ଡାରେ ବାଲୋଚିସ୍ତାନ ଘଟଣାକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ପହଲ୍‌ଗାମ୍ ଘଟଣାକୁ ଆଦୌ ଗୁରୁତ୍ୱ ଦିଆଯାଇନାହିଁ। ଏଥିରୁ ପାକିସ୍ତାନ ପ୍ରତି ଚୀନ୍‌ର ଦୁର୍ବଳତା ଓ ସହୋଦର ଭାବ ଏବଂ ଭାରତ ପ୍ରତି ଥିବା ବୈରୀ ମନୋଭାବ ପୁଣି ଥରେ ସାମ୍ନାକୁ ଆସିଛି। ଅପରପକ୍ଷରେ ଏସୀୟ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଅସ୍ଥିରତା ଓ ଅଶାନ୍ତିର ବାତାବରଣ ସୃଷ୍ଟି କରିବାରେ ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ଭୂମିକା ଥିବାରୁ ଭାରତ ତା'ର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଓ କଠୋର ଆଭିମୁଖ୍ୟ ଜରିଆରେ ଦୁଇ ଦୁଷ୍ଟ ପଡ଼ୋଶୀଙ୍କୁ କଡ଼ା ବାର୍ତ୍ତା ଦେଇଛି ଯେ ଆତଙ୍କବାଦକୁ ପ୍ରୋତ୍ସାହନ ଓ ବିସ୍ତାରବାଦୀ ଆଭିମୁଖ୍ୟ ଦ୍ୱାରା ସ୍ଥାୟୀ ଶାନ୍ତି ଓ ପ୍ରଗତି ହାସଲ କରିହେବ ନାହିଁ।

୧୦ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ୍ ଆଞ୍ଚଳିକ ସଂଗଠନରେ ଭାରତ ସମେତ ଚୀନ୍, ପାକିସ୍ତାନ, ରୁଷ୍, ଇରାନ୍, କାଜାକ୍‌ସ୍ତାନ, କିରଗିଜ୍‌ସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ ଓ ବେଲାରୁଷ୍ ସଦସ୍ୟ ଅଛନ୍ତି। ୨୦୨୩ରେ ଭାରତ ଏହାର ଅଧ୍ୟକ୍ଷତା କରୁଥିବା ବେଳେ ଗତ ବର୍ଷ ପାକିସ୍ତାନ ଓ ଚଳିତ ବର୍ଷ ଚୀନ୍ ଅଧ୍ୟକ୍ଷତା କରୁଛି। ଉଲ୍ଲେଖଯୋଗ୍ୟ ଯେ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚୀନ୍ ଓ ପାକିସ୍ତାନର ପ୍ରତିନିଧି ପ୍ରତ୍ୟକ୍ଷ ଉପସ୍ଥିତ ନଥିଲେ। କିନ୍ତୁ ସଦାସର୍ବଦା ସହଯୋଗ ଓ ଶାନ୍ତିର ବାର୍ତ୍ତା ଦେଉଥିବା ଭାରତ ବନ୍ଧୁତ୍ୱର ହାତ ବଢ଼ାଇଚାଲିଛି ଏବଂ ବନ୍ଧୁତ୍ୱର ପରିଭାଷା ହିଁ ସବୁ ସମସ୍ୟା, ଦ୍ୱନ୍ଦ୍ୱର ସମାଧାନ ବୋଲି ମନ୍ତ୍ର ଦେଇଛି। ଗତବର୍ଷ ଭାରତର ବୈଦେଶିକ ମନ୍ତ୍ରୀ ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ଚଳିତ ବର୍ଷ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତରୁ ପ୍ରତିନିଧିତ୍ୱ କରୁଛନ୍ତି। ଅଥଚ ଚୀନ୍ କିମ୍ବା ପାକିସ୍ତାନ ଶାନ୍ତିର ଭାଷା ବୁଝିପାରୁନାହାନ୍ତି।

ଆତଙ୍କବାଦର ପ୍ରାୟୋଜକ ରାଷ୍ଟ୍ର ଭାବେ ପାକିସ୍ତାନର କୁଖ୍ୟାତି ସାରା ବିଶ୍ୱରେ ବ୍ୟାପୁଥିବା ବେଳେ ଭାରତ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ। ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଯୋଗୁଁ ଭାରତ ସମେତ ଚୀନ୍-ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ସୀମା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିପଦରେ। ଚୀନ୍‌ର ବହୁ ଆକାଂକ୍ଷିତ 'ବେଲ୍‌ଟ ଆଣ୍ଡ ରୋଡ୍ ପ୍ରକଳ୍ପ(ବିଆରଆଇ)'ର ପାକିସ୍ତାନ ଦୃଢ଼ ଓ ଅନ୍ଧ ସମର୍ଥକ ହୋଇଥିବା ବେଳେ ଏହାଦ୍ୱାରା ଅଂଶୀଦାର ଦେଶମାନଙ୍କର, ବିଶେଷକରି ଭାରତର, ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା ଥିବାରୁ ଭାରତ ଏହି ପ୍ରକଳ୍ପର ବିରୋଧ କରୁଛି। ତେଣୁ ଚୀନ୍ ପାକିସ୍ତାନ ଜରିଆରେ ଭାରତ ଉପରେ ଦାଉ ସାଧିବାର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇ ଦେଇ ଚୀନ୍ ଏହା ପୁଣି ପରୋକ୍ଷରେ ପ୍ରମାଣିତ କରିଥିବା ବେଳେ ଭାରତ ବିରୋଧୀ ଖେଳରେ ବାଂଲାଦେଶକୁ ମୋହରା କରିଛି। ଏହି ପୃଷ୍ଠଭୂମିରେ 'ଏସ୍‌ସିଓ'ରେ ପହଲ୍‌ଗାମ୍ ଘଟଣା ସ୍ଥାନ ନ ପାଇବା ସେତେ ଆଶ୍ଚର୍ଯ୍ୟଜନକ ନୁହେଁ।

ସାମ୍ପ୍ରତିକ ଯୁଦ୍ଧମୁହାଁ ବିଶ୍ୱରେ ଅନେକ ରାଷ୍ଟ୍ରର ସାର୍ବଭୌମ ସଙ୍କଟାପନ୍ନ। ଦ୍ୱିପାକ୍ଷିକ ସମ୍ପର୍କରେ ବିଶ୍ୱାସର ଅଭାବ ହିଁ ଏଥିପାଇଁ ଦାୟୀ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଅବିଶ୍ୱାସର ବାତାବରଣକୁ ଆହୁରି ଉତ୍କଟ କରୁଛି ଆତଙ୍କବାଦ। ସହଯୋଗ, ସମନ୍ୱୟ, ନିଃସ୍ୱାର୍ଥପର ବନ୍ଧୁତ୍ୱ ଓ ବିଶ୍ୱାସ ବିନା ଏହି ସମସ୍ୟାର ସମାଧାନ ଅସମ୍ଭବ। 'ଏସ୍‌ସିଓ'ର ଚିଠାପ୍ରସ୍ତାବରେ ଭାରତ ସ୍ୱାକ୍ଷର କରିବାକୁ ମନା କରିଦେଇ ସଦସ୍ୟ ରାଷ୍ଟ୍ର ସମେତ ବିଶ୍ୱକୁ ଏହି ମନ୍ତ୍ର ଦେଇଛି। ବିଶ୍ୱ ସମୁଦାୟକୁ 'ଏସ୍‌ସିଓ' ସଦସ୍ୟ ରାଷ୍ଟ୍ର ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ଯୋଗଦାନ ଉଲ୍ଲେଖନୀୟ ଥିବାରୁ ଜାତିସଂଘରେ ପଶ୍ଚିମ ରାଷ୍ଟ୍ରର ବିକଳ୍ପ ହେବା ପାଇଁ ଉଦ୍ୟମ ହେବା ସହିତ ସୁରକ୍ଷା ପରିଷଦ ଅଧିକ ସ୍ୱଚ୍ଛ, ଦକ୍ଷ, ଗଣତାନ୍ତ୍ରିକ, ପ୍ରଭାବଶାଳୀ, ଉତ୍ତରଦାୟୀ ହେବା ଆବଶ୍ୟକ। କିନ୍ତୁ ଏ ଦିଗରେ ଚୀନ୍ ଓ ପାକିସ୍ତାନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ଯାଏଁ ଆଞ୍ଚଳିକ ଶାନ୍ତି ସହାବସ୍ଥାନ ସମ୍ଭବ ହୋଇପାରିବ ନାହିଁ।

ଏହି ଅବସରରେ ରାଜନାଥ ସିଂହ ଚୀନ୍ ପ୍ରତିପକ୍ଷ ଆଡ୍‌ମିରାଲ୍ ଡୋଙ୍ଗ ଜୁନ୍‌ଙ୍କୁ ସ୍ୱତନ୍ତ୍ର ଭାବେ ଆଲୋଚନା କରି ପହଲ୍‌ଗାମ୍ ଘଟଣା ଓ 'ଅପରେସନ୍ ସିନ୍ଦୂର' ବିଷୟରେ ସବିଶେଷ ତଥ୍ୟ ରଖି ପୁଣି ଥରେ ଅବଗତ କରାଇଥିବା ବେଳେ ଅନ୍ୟ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହିତ ବ୍ୟକ୍ତିଗତ ଆଲୋଚନା ସମୟରେ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପାଇଁ ବିଶ୍ୱାସ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ବିଶେଷକରି ଭାରତ-ଚୀନ୍ ସୀମା ଉତ୍ତେଜନା ଯେଉଁଭଳି ଭାବେ ଦ୍ୱିପାକ୍ଷିକ ବିଶ୍ୱାସ ଆଧାରିତ ଆଲୋଚନା ଜରିଆରେ ସଫଳ ହେଲା ତାହାର ଉଦାହରଣ ଦେଇ ଭବିଷ୍ୟତରେ ମଧ୍ୟ ଦୁଇରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଓ ସହଯୋଗ ଆଧାରିତ ସମ୍ପର୍କକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀସିଂହ ପରାମର୍ଶ ଦେଇଛନ୍ତି। ଏହିକ୍ରମରେ ଚୀନ୍ ପ୍ରତିପକ୍ଷଙ୍କ ସହିତ ରାଜନାଥ ସିଂହ ଗତ ପାଞ୍ଚ ବର୍ଷ ମଧ୍ୟରେ ଚାରିଥର ଭେଟି ସମାନ କଥା ଦୋହରାଇଛନ୍ତି। ଆଡ୍‌ମିରାଲ୍ ଜୁନ୍ ମଧ୍ୟ ଆପୋସ ଆଲୋଚନା ଓ ବିଶ୍ୱାସ ବଳରେ ପ୍ରତିବେଶୀ ସମ୍ପର୍କ ସୁଦୃଢ଼ ହୋଇପାରିବ ଏବଂ ଏହାଦ୍ୱାରା ଆଞ୍ଚଳିକ ଓ ବିଶ୍ୱଶାନ୍ତି ସମ୍ଭବ ହୋଇପାରିବ ବୋଲି ସହମତ ହୋଇଛନ୍ତି। କିନ୍ତୁ ଏହି ଦୁଷ୍ଟ ରାଷ୍ଟ୍ର ତା'ର ପ୍ରତିଶ୍ରୁତି କେବେ ପାଳନ କରିବାର ଉଦାହରଣ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଅବସରରେ ରାଜନାଥ ସିଂହ ରୁଷ ପ୍ରତିପକ୍ଷଙ୍କୁ ଭେଟି 'ଅପରେସନ୍ ସିନ୍ଦୂର'ରେ ରୁଷ୍ ନିର୍ମିତ ଏସ୍୪୦୦ ଏବଂ ସୁଖୋଇ ଲଢୁଆ ବିମାନର ପାରଦର୍ଶିତା ପାଇଁ କୃତଜ୍ଞତା ଜଣାଇଛନ୍ତି ଏବଂ ଆଗକୁ ମଧ୍ୟ ଏଭଳି ପ୍ରତିରକ୍ଷା ସହଯୋଗ ପାଇଁ ଆଶା ରଖିଛନ୍ତି। ଆମେରିକା ଏବେ ଯେଉଁଭଳି ଭାବେ ପାକିସ୍ତାନ ପଟକୁ ଢଳୁଛି ସେହି ଦୃଷ୍ଟିରୁ ପୁରୁଣା ମିତ୍ର ରାଷ୍ଟ୍ର ରୁଷ୍‌ର ସହଯୋଗ ଭାରତ ପାଇଁ ଏକାନ୍ତ ଆବଶ୍ୟକ।

'ଅପରେସନ୍ ସିନ୍ଦୂର' ପରବର୍ତ୍ତୀ ସମୟରେ ଭାରତ ତା'ର ବହୁଦଳୀୟ ରାଷ୍ଟ୍ରଦୂତମାନଙ୍କ ଜରିଆରେ ଯେଉଁ ବାର୍ତ୍ତା ବିଶ୍ୱ ସମୁଦାୟକୁ ଦେଇଥିଲା ସଦ୍ୟସମାପ୍ତ ଏସ୍‌ସିଓରେ ତାହାକୁ ପରୋକ୍ଷରେ ଦୋହରାଇଛି। ଏଥିସହିତ ପଡ଼ୋଶୀ ରାଷ୍ଟ୍ରଙ୍କୁ ଚେତାବନୀ ଦେଇଛି ଯେ ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମରେ ପ୍ରିୟାପ୍ରୀତିତୋଷଣ କିମ୍ବା ବଶମ୍ବଦତା ଆଦୌ ଗ୍ରହଣୀୟ ନୁହେଁ। ଆତଙ୍କର ମୂଳୋତ୍ପାଟନ ଏବଂ ଶାନ୍ତି ସହାବସ୍ଥାନ ପାଇଁ ଭାରତ ସହଯୋଗ କରିବାକୁ ସଦା ଆଗ୍ରହୀ। କିନ୍ତୁ ଏଥିରେ ପକ୍ଷପାତିତାକୁ ଭାରତ ଆଦୌ ବରଦାସ୍ତ କରିବ ନାହିଁ।

## ଅପାର-ଆଧାର କଷଣ

**ପ୍ରଭାତ କୁମାର ସାହୁ**

'ଆଧାର' ଭାରତୀୟ ନାଗରିକଙ୍କ ଅନନ୍ୟ ପରିଚୟପତ୍ର। କିନ୍ତୁ ଏହା ନାଗରିକ ପରିଚୟପତ୍ର ନୁହେଁ ବୋଲି କାର୍ଡରେ ଉଲ୍ଲେଖ ରହିଛି। 'ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି' ବା 'ଅପାର' ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସ୍ତର ଆକଳନ ନିମନ୍ତେ ବ୍ୟାଙ୍କ ପାସବୁକ୍ ପରି ଏକ ବୈଦ୍ୟୁତିକ ଦସ୍ତାବିଜ୍। ଏହା ମଧ୍ୟ ବିଦ୍ୟାର୍ଥୀମାନଙ୍କ ଏକ ପ୍ରମାଣପତ୍ର ସଦୃଶ। କିନ୍ତୁ ଏହି 'ଅପାର ଆଇଡି' ବର୍ତ୍ତମାନ ହଜାର ହଜାର ଶିକ୍ଷାର୍ଥୀଙ୍କ ସହିତ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସମସ୍ୟା ପାଲଟି ଯାଇଛି।

ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷାୟତନର ସମସ୍ତ ତଥ୍ୟ ୟୁଡାଇସ୍ ପୋର୍ଟାଲରେ ସଂରକ୍ଷିତ। ୟୁନିଫାଏଡ ଡିଜିଟାଲ ଇନଫର୍ମେସନ୍ ଅନ୍ ସ୍କୁଲ ଏଜୁକେସନ୍ (ୟୁଡାଇସ୍ ପ୍ଲସ୍) ଡାଟାବେସରୁ ବିଦ୍ୟାଳୟ ସ୍ଥାପନା, ବର୍ତ୍ତମାନର ସ୍ଥିତି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ତ ତଥ୍ୟ ଓ ଉପସ୍ଥାନ ସେଥିରେ ଉପଲବ୍ଧ। ବର୍ତ୍ତମାନ ସେସବୁ କାର୍ଯ୍ୟ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏମ୍‌ଆଇଏସଙ୍କ ତତ୍ତ୍ୱାବଧାନରେ କରାଯାଉଥିଲେ ମଧ୍ୟ ସାଧାରଣ ଶିକ୍ଷକମାନେ ଶିକ୍ଷଣ, ଶିକ୍ଷାଦାନ ଓ ଅଣଶିକ୍ଷଣ କାର୍ଯ୍ୟ ସହିତ ୟୁଡାଇସ୍ ପ୍ଲସରେ ଡେଟା ଅପଲୋଡ୍ କରିବାକୁ ବାଧ୍ୟ ହେଉଛନ୍ତି। ଶ୍ରେଣୀ ଅନୁଯାୟୀ ଶିକ୍ଷକ ନଥିବା ବିଦ୍ୟାଳୟରେ ଏହା ଅଧିକ ବୋଝ ପରି ଲାଗୁଛି। ପିଲାର ସମସ୍ତ କାଗଜପତ୍ର ଗ୍ରାମାଞ୍ଚଳର ପିତାମାତା ସଠିକ ଭାବେ ନିର୍ଦ୍ଧାରିତ ସମୟରେ ଦାଖଲ କରି ପାରନ୍ତି ନାହିଁ। ଯାହାଫଳରେ ଛାତ୍ରଛାତ୍ରୀ ପରୋକ୍ଷ ଭାବେ ହଇରାଣ ହୁଅନ୍ତି ଏବଂ ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା କରନ୍ତି।

ପିଲାମାନଙ୍କର ଜନ୍ମ ପ୍ରମାଣପତ୍ର, ନାମଲେଖା ପଞ୍ଜିକା ଓ ଆଧାର କାର୍ଡ ମଧ୍ୟରେ ତାଳମେଳ ରହୁ ନଥିବାରୁ ଅପାର ଆଇଡି ଜେନେରେଟ୍ ହେବା ଅସମ୍ଭବ ହେଉଛି। ଅପାର ଆଇଡି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟସ୍ତରୀୟ ସମସ୍ତ ପ୍ରଗତିକୁ ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟସ୍ ତଥା ବ୍ୟାଙ୍କ ପାସବୁକରେ ସଞ୍ଚିତ ରଖିବା ଉଦ୍ଦେଶ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ରେ ଗୁରୁତ୍ୱ ଦିଆଯାଇଛି। 'ୱାନ୍ ନେସନ ୱାନ ଏଜୁକେସନ୍ ଆଇଡି ସିଷ୍ଟମ'କୁ ପ୍ରାଧାନ୍ୟ ଦେଇ 'ଅପାର' ସ୍ୱତନ୍ତ୍ରତା ବଜାୟ ରଖିଛି। ଏହାର ଉଦ୍ଦେଶ୍ୟ ମହତ୍ ହୋଇପାରେ, କିନ୍ତୁ ଏଥିରେ ଛନ୍ଦି ହୋଇ ପଡୁଛନ୍ତି ସାଧାରଣ ଅଭିଭାବକ ଯାହାଙ୍କର ତଥ୍ୟଗତ ଓ ଦସ୍ତାବେଜ ଅମେଳ ରହୁଛି। 'ଅପାର'ର ବାରଅଙ୍କ ବିଶିଷ୍ଟ ସଂଖ୍ୟା ଯେ ବାଧ୍ୟତାମୂଳକ ନୁହେଁ ଏହା କହି ଗ୍ରାମାଞ୍ଚଳର ନିରୀହ ଅଭିଭାବକଙ୍କୁ ବୁଝାଇବାକୁ କେହି ପ୍ରସ୍ତୁତ ନୁହନ୍ତି।

ୟୁଡାଇସରେ ପେନ୍ (ପରମାନେଣ୍ଟ ଏଜୁକେସନ ନମ୍ବର) ଥାଇ ଓଡ଼ିଆ ଓ ଇଂରାଜୀ ନାମର ବନାନରେ ଅସମାନତା, ସାଙ୍ଗିଆରେ ତ୍ରୁଟି, ଲିଙ୍ଗଗତରେ ଭିନ୍ନତା, ଜନ୍ମ ପ୍ରମାଣ ପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ ଅଲଗା ହୋଇଥିବାରୁ 'ଅପାର' ଆଇଡି ସୃଷ୍ଟି ହୋଇପାରୁନାହିଁ। ଏ ପ୍ରକାର ସମସ୍ୟା ହେତୁ ହଜାର ହଜାର ବିଦ୍ୟାର୍ଥୀ ଏବେ 'ଅପାର'ରୁ ବଞ୍ଚିତ। ଏସବୁ ସମାଧାନ ପାଇଁ ଆଧାର କାର୍ଡ ଅଦ୍ୟତନ ବା ଅପଡେଟ୍ ହେବା ନିହାତି ଦରକାର। ପ୍ରଥମେ ଆଧାର ସଂଶୋଧନ ନିଜର ମୋବାଇଲ ଫୋନ୍ ମାଧ୍ୟମରେ କେତେକାଂଶରେ ହେଉଥିଲା। ଏବେ ସେହି କାର୍ଯ୍ୟ ସମାପନ ଜଟିଳ ହୋଇପଡୁଛି। ଆଧାର ସହିତ ଫୋନ୍ ନମ୍ବର ସଂଯୋଗୀକରଣ, ବାୟୋମେଟ୍ରିକ ଅପଡେଟ୍, ବନାନ ସଂଶୋଧନ ଆଦି ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସଂସ୍ଥା ଓ କର୍ତ୍ତୃପକ୍ଷ କିମ୍ବା ସ୍ୱୀକୃତିପ୍ରାପ୍ତ ଜନସେବା କେନ୍ଦ୍ରରେ ହେଉଥିବାରୁ ଅଭିଭାବକ ଓ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି। ୟୁଆଇଡିଏଆଇ (ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ) ଅନୁଷ୍ଠାନ ସମଗ୍ର ଦେଶରେ ଏହି ଏକକ ଅନନ୍ୟ ପରିଚୟ ପତ୍ର ପ୍ରସ୍ତୁତି ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିଥିଲେ ହୁଏତ କୋଟି କୋଟି ନାଗରିକ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ଆଜି ହନ୍ତସନ୍ତ ହେଉ ନଥା'ନ୍ତେ।

ଜନ୍ମ ସମୟରେ ପିତାମାତା ପିଲାଙ୍କ ନାମ ମନ ଖୁସିରେ ଦିଅନ୍ତି, କିନ୍ତୁ ସେହି ନାମକୁ ଟାଇପ କରିବା ବେଳେ ଅପରେଟରଙ୍କ ତରବରିଆ ଭାବ ନାମର ବନାନ ଅଶୁଦ୍ଧି ବା ବିକୃତୀକରଣ କରିବାର ଆଶଙ୍କା ଉପୁଜିଥାଏ। ଆଦିବାସୀ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଶିଶୁମାନଙ୍କ ନାମ ଲେଖିବାରେ ଭୁଲ୍ ହେବା ସ୍ୱାଭାବିକ୍। ଉପାନ୍ତ ଅଞ୍ଚଳରେ ଅଭିଭାବକ ଅଧିକ ଅସୁବିଧାରେ ପଡୁଛନ୍ତି। ଏହି ଭୁଲ୍ ଥିବା ସତ୍ତ୍ୱେ ପରବର୍ତ୍ତୀ ପର୍ଯ୍ୟାୟରେ ପିଲାମାନଙ୍କ ପଠନ ସମୟରେ 'ଆଧାର'ରେ ଥିବା ପଞ୍ଜିକୃତ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଇ ନାମକୁ ଅଣଦେଖା କରାଯାଏ। ଫଳତଃ ନାମର ସଂଶୋଧନ ଆବଶ୍ୟକ ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଅଭିଭାବକ। ବେଳେବେଳେ ଏମିତି ହୁଏ ଯେ ପିଲାଙ୍କ ପ୍ରକୃତ ଜନ୍ମ ତାରିଖ, ନାମ ବା ବାସସ୍ଥାନକୁ ଅନିଚ୍ଛାକୃତ ଭାବେ ଶିକ୍ଷକ ଓ ଅଭିଭାବକ ଗ୍ରହଣ କରି ନିଅନ୍ତି। ୟୁଡାଏସ୍ ପ୍ଲସ୍ ଷ୍ଟୁଡେଣ୍ଟ ମଡ୍ୟୁଲରେ ଶିଶୁମାନଙ୍କର ତଥ୍ୟ ଅପଲୋଡ୍ ନହେଲେ ଅସୁବିଧାରେ ପଡ଼ନ୍ତି ଶିକ୍ଷକ। ପିଲାଙ୍କ ଭବିଷ୍ୟତ ଅପେକ୍ଷା ବର୍ତ୍ତମାନର କାଗଜ ଚାଷ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ।

କୋଟି କୋଟି ଜନସାଧାରଣଙ୍କ 'ଆଧାର' ସଂଶୋଧନ ପାଇଁ 'ଆଧାର' କେନ୍ଦ୍ରଗୁଡ଼ିକୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ)କୁ ଦାୟିତ୍ୱ ପ୍ରଦାନ କଲା ପରେ ସେମାନଙ୍କ ମନମୁଖି କାର୍ଯ୍ୟକଳାପ ବେଳେବେଳେ ଅସହ୍ୟ ହୁଏ। ଜନସେବା କେନ୍ଦ୍ରମାନ ଅନେକ ପ୍ରକାରର କାଗଜ ଓ ପ୍ରମାଣପତ୍ର ନିହାତି ଜରୁରୀ ବୋଲି କହୁଛନ୍ତି। କିଏ କହୁଛି କମ୍ପ୍ୟୁଟରୀକୃତ ଜନ୍ମ ପ୍ରମାଣପତ୍ର ଦରକାର ତ କିଏ କହୁଛି ସ୍ଥାୟୀ ବାସସ୍ଥାନ ବା ଜନ୍ମସ୍ଥାନର ପ୍ରମାଣପତ୍ର ବାଧ୍ୟତାମୂଳକ। କିଏ କହୁଛି ଆଗେ ବାୟୋମେଟ୍ରିକ ଅପଡେଟ୍ କର ତ କିଏ ପରାମର୍ଶ ଦେଉଛି ଗେଜେଟ୍ ନୋଟିଫିକେସନ ସହିତ ଖବରକାଗଜରେ ସତ୍ୟପାଠ ଛାପି ତା'ର 'କଟିଂ' ନେଇ ଓକାକ ଯାଅ।

ଆରେ ଭଲ ପାଲା। ଆମ ପିଲା ପଢ଼ିବେ ବୋଲି ବିଲ ବାଡ଼ି ଘର ଦ୍ୱାର ଛାଡ଼ି ଆଧାର କାର୍ଡ ସଂଶୋଧନ କରିବା ପାଇଁ ଭୁବନେଶ୍ୱରରେ ଅଧିଆ ପଡ଼ିବାକୁ କାହାର ବେଳ ଅଛି? ଏକଥା ସିନା ବେପରୁଆ ଭାବେ ଜଣେ କହିଦେଲେ, କିନ୍ତୁ ଏହି ମାନସିକତା ସମସ୍ତ ମଣିଷଙ୍କ ପାଖେ ପରିଲକ୍ଷିତ ହେଉଛି। ଜନମଙ୍ଗଳ ସରକାର ସାଧାରଣ ଜନତାଙ୍କ ପାଇଁ ଔଷଧ ବଣ୍ଟନ କରିବା ପରି ବା ଜମିଜମା ସଂକ୍ରାନ୍ତ ମାମଲାକୁ ଘରକୁ ଘର ବୁଲି ସମାଧାନ କରିବା ଭଳି ଆଧାର ସଂଶୋଧନ କଲେ ଭଲ ହୁଅନ୍ତା। ଅବଶ୍ୟ ମଝିରେ କ୍ଲଷ୍ଟରସ୍ତରୀୟ ଯେଉଁ କ୍ୟାମ୍ପ୍ ପଡ଼ିଥିଲା ସେଥିରେ ମୁଣ୍ଡ ଗଣତି କେତେଜଣ ଉପକୃତ ହେଲେ। ସେଠାରେ କେବଳ ସାମାନ୍ୟ ତ୍ରୁଟିକୁ ସୁଧାରି ଦିଆଯାଇ ପାରିଲା। ବୃହତ୍ତର ତ୍ରୁଟିରେ କେହି ହାତ ମାରିଲେ ନାହିଁ। 'ଆଧାର' କେନ୍ଦ୍ରକୁ ଗଲେ କେହି ଦୃଢ଼ ଭାବରେ କହି ପାରୁନଥା'ନ୍ତି ଯେ ଗ୍ରାହକଙ୍କ ଦରଖାସ୍ତ ମଞ୍ଜୁର ହେବ ବୋଲି। ଅଭିଭାବକ ଟଙ୍କା ଖର୍ଚ୍ଚ କରନ୍ତି। ନଗଦ କାରବାର ବା ଦେୟ ବା ପ୍ରଦାନର ସୂଚନା ହସ୍ତଗତ ହୁଏ। କମ୍ପ୍ୟୁଟରରେ ଆପ୍ଲିକେସନ ଅପଲୋଡ୍ ହେଲା ପରେ ଓକାକ୍ ଦ୍ୱାରା ରିଜେକ୍ଟ ମେସେଜ(ଅଗ୍ରାହ୍ୟ ବା ନାକଚ ବାର୍ତ୍ତା) ଆସିଲେ ମଧ୍ୟ ଦାଖଲ କରାଯାଇଥିବା ଟଙ୍କା ଫେରସ୍ତ ହୁଏ କି ନାହିଁ ଜଣାପଡ଼େନାହିଁ। ଯେବେ ଟଙ୍କା ଫେରେ ଜନସେବା କେନ୍ଦ୍ରର କର୍ମଚାରୀ କିମ୍ବା ମାଲିକଙ୍କ ଆକାଉଣ୍ଟକୁ ଯାଏ।

'ଆଧାର' ସଂଶୋଧନ ଅନେକ ପ୍ରକାରର ରହିଛି। ଗୋଟିଏ ତ୍ରୁଟି ସଜାଡ଼ିଲେ ଆଉ କେତୋଟି ଭୁଲ୍ ଦୃଷ୍ଟିଗୋଚର ହୁଏ। ବିଭିନ୍ନ ସଂଶୋଧନ ପାଇଁ ବିଭିନ୍ନ ପ୍ରକାରର ଫି ରହିଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସେ ବିଷୟରେ ପଚାରିଲେ ବିରକ୍ତ ହୁଅନ୍ତି। ବିଭିନ୍ନ ପ୍ରକାର ସଂଶୋଧନ ପାଇଁ ମଧ୍ୟ ବିଭିନ୍ନ ପ୍ରକାର କାଗଜପତ୍ର ଆବଶ୍ୟକ ହେଉଛି। ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଆଧାର ସେବା କେନ୍ଦ୍ରଗୁଡ଼ିକୁ ବାରମ୍ବାର ଦୌଡ଼ି ଦୌଡ଼ି ହତାଶ ହେଲା ପରେ ଅଭିଭାବକଙ୍କ ମନରେ ଉଦାସୀନତା ପରିଲକ୍ଷିତ ହେଉଛି।

ସରକାର ଆଜି ଲୋକମାନଙ୍କର ସରକାର। ଲୋକଙ୍କର ହିତ ସାଧନ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ 'ଆଧାର' ଅପଡେଟ୍ କରିବା ପାଇଁ ସରଳୀକରଣ ଉପାୟକୁ ଅବଲମ୍ବନ କରିବା ସର୍ବାଦୌ ବାଞ୍ଛନୀୟ। ଯଦ୍ୱାରା ବିଦ୍ୟାର୍ଥୀମାନଙ୍କ 'ଅପାର' ଆଇ ଡି ଓ ଏବିସି ସଠିକ୍ ଭାବେ ସୃଷ୍ଟି ହୋଇପାରିବ। ଜାତୀୟ ଶିକ୍ଷା ନୀତି ୨୦୨୦ କୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଆଧାର ଜନିତ ଅନ୍ତରାୟ ହଟିଯିବ।

ଗୋପ(ପୁରୀ), ମୋ: ୭୯୭୮୬୩୫୨୭୬

## ଅନନ୍ତ ପଥ ଏ ରଥପଥ

**ଡକ୍ଟର ଫକୀର ମୋହନ ନାହାକ**

ପ୍ରଭୁ ବର୍ଷକୁ ଥରେ ବଡ଼ଦାଣ୍ଡକୁ ଆସନ୍ତି, ପୂଜା ପାଇବା ପାଇଁ ନୁହେଁ, ବରଂ ଆମକୁ କୋଳେଇ ନେବା ପାଇଁ ଆଉ ମନେ ପକାଇଦେବା ପାଇଁ ଯେ, ଏ ଧୂଳି ଧୂସରିତ ପବିତ୍ର ରଥପଥରେ କେବେ ସ୍ୱୟଂ ଲୀଳାମୟ, ଭକ୍ତଙ୍କ ସାଙ୍ଗରେ ଏକାଠି ଚାଲିବାର କଷ୍ଟ ବି ଉଠାନ୍ତି।

ଏମିତି ଏକ ବିଗ୍ରହ ଯାହାର ନା ହାତ ଅଛି ନା ପାଦ ଅଛି। ହେଲେ ଭୂମିରୁ ଭୂମା ଯାଏଁ ସେ ପରିବ୍ୟାପ୍ତ। ଯେ ଅପଲକ ନୟନରେ ସମଗ୍ର ବ୍ରହ୍ମାଣ୍ଡକୁ ଅନନ୍ତ କାଳ ପାଇଁ ଅବଲୋକନ କରିପାରନ୍ତି, ଏମିତି ଅପରିସୀମ ଅପାଣିପାଦ ବିଗ୍ରହ ବିଶ୍ୱରେ ଆଉ କେଉଁଠି ଅଛି କହିଲେ ସତରେ? ଏ ଅନନ୍ତ ପଥକୁ କାହିଁ କେଉଁ ଅନାଦି କାଳରୁ ଓହ୍ଲାଇ ଆସୁଛନ୍ତି ମହାପ୍ରଭୁ ନିଜର ଅଦୃଶ୍ୟ ବାହୁ ବନ୍ଧନୀରେ ସମସ୍ତଙ୍କୁ ବାନ୍ଧି ନେବା ପାଇଁ। କେବେ ପଚାରି ନାହାନ୍ତି ସେ, ତାଙ୍କୁ ଭେଟିବାକୁ ଆସିଥିବା ମଣିଷଟା କେଉଁ ଜାତିର, କେଉଁ ଧର୍ମର, କେଉଁ ସଂପ୍ରଦାୟର। ପଚାରିନାହାନ୍ତି କେବେ ତା'ର ଆର୍ଥିକ ସ୍ଥିତି, ସାମାଜିକ ଅବସ୍ଥା କିମ୍ବା ଶିକ୍ଷାଗତ ଯୋଗ୍ୟତା କ'ଣ। ସେ କେଉଁ ଭାଷାରେ ନିଜ ଭାବକୁ ପ୍ରକାଶ କରୁଛି ବା ଗଦ୍ୟ, ପଦ୍ୟ, ସଂଗୀତ, ନୃତ୍ୟ ନା ଅନ୍ୟ କିଛି ମାଧ୍ୟମରେ ନିଜ ମନ କଥାକୁ ତାଙ୍କୁ ଶୁଣାଇବାକୁ ଆସିଛି। ନା କେବଳ ନିରବ ରହି ଅଶ୍ରୁପ୍ଲୁତ ନୟନରେ ନିଜ ମନ କଥା ତାଙ୍କୁ ମନେ ମନେ ଶୁଣାଇ ଦେଉଛି। ଭାବ ବିନୋଦିଆ ହରି ବୁଝି ଯା'ନ୍ତି ସବୁକଥାକୁ। କହିବା ଆଗରୁ ଜାଣି ଯା'ନ୍ତି ମନକଥା। ତା'ନ ହୋଇଥିଲେ କି ଏ ରଥପଥ ବଡ଼ଦାଣ୍ଡ ଏମିତି ଅନନ୍ତ କାଳରୁ ଭକ୍ତଙ୍କୁ କୋଳେଇ ନିଅନ୍ତା!

ଜୀବନ ଓ ମୃତ୍ୟୁର ନିରନ୍ତର ଚକ୍ରରୁ ଖୁବ୍ ଊର୍ଦ୍ଧ୍ୱରେ ଏ ଅନନ୍ତ ରଥପଥ। ପିଢ଼ି ପରେ ପିଢ଼ି ମଣିଷ ଦୌଡ଼ି ଆସୁଛି ଏହି ରଥପଥକୁ। ସେ ଜାଣିଛି ଯେ, ତା' ପିତୃପୁରୁଷ ଆଉ ଉତ୍ତରପୁରୁଷର ତ୍ରାଣକର୍ତ୍ତା ଏହି ଅନନ୍ତ ଜଗନ୍ନାଥ। ଏହି ରଥପଥରେ ହିଁ ଲେଖା ହୋଇଛି ତା' ମୁକ୍ତିର କଥା, ତିଆରି ହୋଇଛି ତା' ମୋକ୍ଷର ମାର୍ଗ। ପ୍ରତିବର୍ଷ ଯେତେବେଳେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ରଥଯାତ୍ରାର ଆୟୋଜନ ହୁଏ, ସେତେବେଳେ ଏକ ଅସାଧାରଣ ଘଟଣା ଘଟେ, ଯାହା ଧର୍ମ, ଜାତି, ସମୟ, ସମ୍ବତ୍ସର, ଶତାବ୍ଦୀର ସୀମାକୁ ଅତିକ୍ରମ କରେ। କେହି କାହାକୁ ଜାଣିନଥିବା ମଣିଷମାନେ ଏକାଠି ହୁଅନ୍ତି ଏଇଠି। ସମସ୍ତଙ୍କ ମନରେ ଥା'ନ୍ତି କେବଳ ଶ୍ରୀଜଗନ୍ନାଥ। ମହାଶୂନ୍ୟରୁ ଯଦି ମାପି ହୁଅନ୍ତା, ତା'ହାଲେ ଆମେ ଜାଣିପାରନ୍ତେ ବଡ଼ଦାଣ୍ଡରେ ଅଦୃଶ୍ୟ ଭାବରେ ଅବସ୍ଥାନ କରୁଥିବା ଭାବାବେଗମାନଙ୍କୁ। ଦେଖି ହୁଅନ୍ତା ଯଦି, ଦେଖି ନିଅନ୍ତେ ଏହି ଅନନ୍ତ ପଥରେ ଉଭା ମଣିଷମାନଙ୍କ ମନକୁ। ହେଲେ ସେ ଦାୟିତ୍ୱ କ'ଣ ଆମର? ଏ ସମସ୍ତେ ଯେଉଁଥି ପାଇଁ ଆସିଛନ୍ତି, ଯାହାଙ୍କ ପାଇଁ ଆସିଛନ୍ତି, ସେ ପରା ନିଜେ ନିଜ ଆସ୍ଥାନ ଛାଡ଼ି ଆସିଛନ୍ତି, ଏଇମାନଙ୍କ ମନକଥା ଜାଣିବା ପାଇଁ!

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କିମ୍ବା ରଥ ମହୋତ୍ସବ କେବଳ ଏକ ଧାର୍ମିକ ଶୋଭାଯାତ୍ରା ନୁହେଁ, ବରଂ ଏକ ମହାନ ଆଧ୍ୟାତ୍ମିକ ଯାତ୍ରା, ଯାହା ଲକ୍ଷ ଲକ୍ଷ ମଣିଷଙ୍କୁ ବିଶ୍ୱାସ, ବିନମ୍ରତା ଏବଂ ବିଶ୍ୱବୋଧର ଏକ ଭିନ୍ନ ଭାବଧାରାରେ ଏକତ୍ରିତ କରେ। ଆମ ହାତ ଆକାଶକୁ ଛୁଉଁ ବରଂ ଆମ ପାଦ ସବୁବେଳେ ମାଟି ସହିତ ଯୋଡ଼ି ହୋଇ ରହିଥାଉ। ଏହି ଭାବନା ହିଁ ରହିଛି ମହାପ୍ରଭୁଙ୍କ ଘୋଷଯାତ୍ରାର ପ୍ରେକ୍ଷାପଟରେ। ନିଜ ମାଟି, ନିଜ ଜନ୍ମସ୍ଥାନ ଅନ୍ତୁଡ଼ିଶାଳ ସହିତ ଯୋଡ଼ି ହୋଇ ରହିବା ଉଦ୍ଦେଶ୍ୟରେ ହିଁ ତ ମହାପ୍ରଭୁ କେବେ ନିଜ ଇଚ୍ଛା ପ୍ରକାଶ କରିଥିଲେ ବର୍ଷରେ ଥରେ ଅନ୍ତତଃ ଗୁଣ୍ଡିଚା ମନ୍ଦିରକୁ ବୁଲିଯିବା ପାଇଁ। ଆଉ ସେବେଠାରୁ ଚାଲିଛି ଏହି ଅନନ୍ତ ଯାତ୍ରା, ଯାହା ମହାପ୍ରଭୁଙ୍କୁ ତାଙ୍କ ମୂଳ, ତାଙ୍କ ବନ୍ଧୁ ପରିଜନ ଏବଂ ପ୍ରାକୃତିକ ଜଗତ ସହିତ ପୁନଃ ସଂଯୋଗ ପାଇଁ ତାଙ୍କ ଆଗ୍ରହର ପ୍ରତୀକ ପାଲଟିଯାଇଛି।

ଏ ଯାତ୍ରାରେ ଯେତେବେଳେ ଅଭିଯାତ୍ରୀ ହୋଇ ବାହାରନ୍ତି ମହାପ୍ରଭୁ, ସେତେବେଳେ ତାଙ୍କୁ ଆଉ ଶ୍ରୀମନ୍ଦିରର ଗର୍ଭଗୃହରେ ଥିବା କଟକଣା, ରୀତିନୀତି କିଛି ମାନିବାକୁ ପଡ଼େନି। ଅନନ୍ତ ଆକାଶ ତଳେ ପ୍ରକୃତିର କୋଳରେ ସେ ନିଜ ସହିତ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଆଗକୁ ଚାଲନ୍ତି। ତାଙ୍କରି ରଥପଥରେ ଧୀରେ ଧୀରେ ଭକ୍ତ ତାଙ୍କ ନିକଟତର ହୁଏ। ମନର କଥାକୁ ବଖାଣେ। ସମସ୍ତଙ୍କ ଅଭିମାନ, ଅଭିଯୋଗକୁ ନିଜ ଅନନ୍ତ ହୃଦୟରେ ସ୍ଥାନ ଦେଇ ଭକ୍ତ ସହିତ ଏକାକାର ହୋଇଯାଆନ୍ତି ମହାପ୍ରଭୁ। ବିନା ବାଛବିଚାରରେ ସମସ୍ତଙ୍କୁ କୋଳେଇ ନିଅନ୍ତି ବଳୀୟାରଭୁଜ। ଏ ଦୃଶ୍ୟ ଦେଖିଲେ ଅନୁଭବ ହୁଏ, ଯେମିତି ଦେବତ୍ୱର ଧରାବତରଣ ହୋଇଛି। ଭୂମିକୁ ସ୍ପର୍ଶ କରୁଛନ୍ତି ଭଗବାନ। ପ୍ରଭୁ ଜଗନ୍ନାଥଙ୍କ ବିଶାଳ, କରୁଣାମୟ ଚକାଡୋଳାକୁ ଦେଖି ଦେଇ ତାରି ଭିତରେ ସମାହିତ ହୋଇଯାଏ ଏ ଅନନ୍ତ ଜନସମୁଦ୍ର। ବଡ଼ଦାଣ୍ଡରେ ରଥ ଟାଣିଲା ବେଳେ ଲାଗେ ଯେମିତି ଲକ୍ଷ ଲକ୍ଷ ହାତ ଗୋଟିଏ ହୃଦୟରେ ସେ କୋଟି ହୃଦୟେଶ୍ୱରଙ୍କୁ ନିଜ ହୃଦୟ ସିଂହାସନରେ ବସାଇ ଟାଣି ନେଉଛନ୍ତି ଅନନ୍ତ ପଥରେ।

ରଥପଥରେ ଚଳନ୍ତି ଦେଉଳ ତିନି ରଥ ଗଡ଼ିଗଲା ବେଳେ 'ଜୟ ଜଗନ୍ନାଥ!' ଧ୍ୱନିରେ ପ୍ରକମ୍ପିତ ହୁଏ ଚଉଦ ଭୁବନ। ସମସ୍ତେ ଏମିତି ଏକ ଅବସ୍ଥାରେ ଥା'ନ୍ତି ଯେ, କିଏ ଭକ୍ତିରେ ହସୁଥା'ନ୍ତି, କାନ୍ଦୁଥା'ନ୍ତି, ଗୀତ ଗାଉଥା'ନ୍ତି ଏବଂ ନୃତ୍ୟ କରନ୍ତି ଅଥବା ରଥପଥରେ ଲୋଟିପଡ଼ନ୍ତି। ମଣିଷ ଗଢ଼ିଥିବା ବିଭାଜନର ରେଖା ଏ ଅନନ୍ତ ପଥରେ ଅପସରିଯାଏ। ଧନୀ-ଗରିବ, ସନ୍ଥ-ସନ୍ଦେହୀ, ବୃଦ୍ଧ-ଯୁବକ ସମସ୍ତେ ପ୍ରଭୁଙ୍କ ସହିତ ଏକ ହୋଇଯା'ନ୍ତି। ଏ ରଥଯାତ୍ରାର ପ୍ରତ୍ୟେକ ଉପାଦାନ ଗଭୀର ପ୍ରତୀକବାଦରେ ପରିପୂର୍ଣ୍ଣ। ପ୍ରଭୁ ଜଗନ୍ନାଥଙ୍କ ରୂପ - ବଡ଼ ବଡ଼ ଚକା ଆଖି ଓ ଅସମ୍ପୂର୍ଣ୍ଣ ଅଙ୍ଗ ଅନନ୍ତକୁ ପ୍ରତିନିଧିତ୍ୱ କରେ। କହିଯାଏ ଗୋଟିଏ କଥା ଆଦି କିମ୍ବା ଅନ୍ତ ବିନା ଏକ ହିଁ ଈଶ୍ୱର, ଯିଏ କି ମଣିଷର ସମସ୍ତ କଳ୍ପନାକୁ ଅତିକ୍ରମ କରିପାରନ୍ତି। ଏ ପବିତ୍ର ଘୋଷଯାତ୍ରା ଜନ୍ମ-ପୁନର୍ଜନ୍ମ ମାଧ୍ୟମରେ ଆତ୍ମାର ଯାତ୍ରାର ରୂପକ ମାତ୍ର।

ଆଜି ମଧ୍ୟ ଏକ କ୍ରମବର୍ଦ୍ଧିଷ୍ଣୁ ବିଖଣ୍ଡିତ ବିଶ୍ୱରେ ରଥଯାତ୍ରା ଏକତା, ନମ୍ରତା ଓ ଆଶାର ଏକ ଆଲୋକପଥ ଭାବରେ ଠିଆ ହୋଇଛି। ପ୍ରମାଣ କରୁଛି ଯେ, ସେ ଦିବ୍ୟସତ୍ତା ସମସ୍ତଙ୍କର। ଏ ଅନନ୍ତ ରଥପଥ ହିଁ ଶ୍ରୀଜଗନ୍ନାଥ। ଏହା ବିଶ୍ୱର ଆଧ୍ୟାତ୍ମିକ ଐତିହ୍ୟ ଏବଂ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଅନନ୍ତ ବନ୍ଧନର ଏକ ଜୀବନ୍ତ ପ୍ରତିମୂର୍ତ୍ତି। ବର୍ଷ ପରେ ବର୍ଷ ଏମିତି ଅନନ୍ତ କାଳ ଯାଏଁ ଜାରି ରହିଥିବ ଏ ଅନନ୍ତ ଯାତ୍ରା। ଯେତେବେଳେ ପଶ୍ଚିମାକାଶରେ ସୂର୍ଯ୍ୟ ଅସ୍ତଗାମୀ ହେଉଥିବେ, ଯେତେବେଳେ ଶେଷ ରଥ ମନ୍ଦିର ଦ୍ୱାରରେ ପହଞ୍ଚୁଥିବ ଏବଂ ସଂକୀର୍ତ୍ତନରେ ଉଦଣ୍ଡ କୀର୍ତ୍ତନ କରୁଥିବା ଭକ୍ତମାନେ ଥକି ପଡୁଥିବେ, ସେତେବେଳେ ଘରମୁହାଁ ହେବାକୁ ଚାହୁଁଥିବ ଭକ୍ତ, ହେଲେ ତା'ମନରେ ଥିବ ଗୋଟିଏ କଥା - ପ୍ରଭୁ କେବଳ ମନ୍ଦିର ଏବଂ ରଥାରୂଢ଼ ହୋଇ ନାହାନ୍ତି, ତାଙ୍କୁ ମୁଁ ତ ମୋ ହୃଦରତ୍ନସିଂହାସନରେ ବସାଇ ଯାତ୍ରା କରୁଛି...।

ଜୟ ଜଗନ୍ନାଥ!

(ମଣିପାଲ ବିଶ୍ୱବିଦ୍ୟାଳୟ)
ଜୟପୁର(ରାଜସ୍ଥାନ) ମୋ: ୯୯୩୭୨୫୨୪୬୪

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ବିଗ୍ରହ ତତ୍ତ୍ୱମୂଳକ ଉପସ୍ଥାପନାରେ ପଦ୍ମସମ୍ଭବଙ୍କୁ ସମସ୍ତ ସର୍ବଶ୍ରେଷ୍ଠମାନଙ୍କର ସମାହାର ଭାବେ ଉପସ୍ଥାପିତ କରାଯାଇଛି। ଏଥିରେ ତାଙ୍କର କୁଳ ଓ ଦୃଶ୍ୟମାନ ବାହ୍ୟରୂପକୁ ମଧ୍ୟ ନିରୂପିତ କରାଯାଇଛି। ଏଥିରେ ସବା ଉପରେ ରହିଛନ୍ତି 'ଧର୍ମକାୟା ଅମିତାଭ'। ତାଙ୍କ ତଳକୁ 'ସମ୍ଭୋଗକାୟା ଅବଲୋକିତ'। ସବା ତଳଭାଗରେ 'ନିର୍ମାଣକାୟା' ପଦ୍ମସମ୍ଭବ ତାଙ୍କ ଦୁଇ ସହଚରୀଙ୍କ ସହ। ଏହି ଦୁଇ ସହଚରୀ ଦୁଇପାଖରେ ତାଙ୍କୁ ଖପୁରୀରେ ମଦ୍ୟ ଓ ରକ୍ତ ଧରି ତର୍ପଣ କରୁଥବାର ଦେଖାଯାଏ।

ୟେସେ ସୋଗ୍ୟାଲ: ପଦ୍ମସମ୍ଭବଙ୍କର ତିବ୍ବତ ରହଣି ସମୟରେ ଏହି ମହିଳା ଜଣଙ୍କ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭୂମିକା ତୁଲାଇଛନ୍ତି। ୟେସେ ହେଉଛନ୍ତି ତିବ୍ବତର ଏକ ପାହାଡ଼ିଆ ନିମ୍ନଭୂମି ଅଞ୍ଚଳର କାରଚେନ ନାମକ ଜଣେ ସର୍ଦ୍ଦାର ଅଥବା ଜମିଦାରଙ୍କ କନ୍ୟା। ଷୋହଳ ବର୍ଷ ବୟସରେ ୟେସେ ରାଜା ଖ୍ରୀଙ୍କର ପତ୍ନୀ ହୋଇଥିଲେ। ପଦ୍ମସମ୍ଭବ ତିବ୍ବତ ଆସିବା ପରେ ସେ ପଦ୍ମସମ୍ଭବଙ୍କ ସହ ଛାଇ ପରି ସବୁବେଳେ ରହିବା ସହ ତାଙ୍କର ବ୍ୟକ୍ତିଗତ ସହକାରୀ ବା ସଚିବ ଭଳି ଦାୟିତ୍ୱ ତୁଲାଉଥିଲେ। ସେ ପଦ୍ମସମ୍ଭବଙ୍କୁ ବିଭିନ୍ନ ବିଷୟରେ ଅବସର ସମୟରେ ଭିନ୍ନ ଭିନ୍ନ ପ୍ରଶ୍ନ ପଚାରିବା ସହ ଉତ୍ତର ସବୁକୁ ସଙ୍ଗେ ସଙ୍ଗେ ଲିପିବଦ୍ଧ କରି ପକାଉଥିଲେ। ଏହି ସମୟରେ ସେ ତାନ୍ତ୍ରିକ ଶିକ୍ଷାର ନିର୍ଯାସ ସବୁକୁ ମଧ୍ୟ ପ୍ରଶ୍ନଛଳରେ ଉତ୍ତର ଶୁଣି ସେସବୁକୁ ଅନୁବାଦ କରି ପକାଇ ଓ ସେସବୁର ଅର୍ଥକୁ ପ୍ରତୀକାତ୍ମକ ରୂପରେ ଏକ ସାଙ୍କେତିକ ଲିପି ପ୍ରୟୋଗ କରି ସଂହିତା ଆକାରରେ ଲିପିବଦ୍ଧ କରିପକାଉଥିଲେ। ଏଗୁଡ଼ିକୁ ଗୁପ୍ତଆକାରରେ ଅତ୍ୟନ୍ତ ଦୁର୍ଲଭ ବସ୍ତୁ ଭାବେ ସାଇତି ରଖିବା ପାଇଁ ଚମଡ଼ା ଭଳି ଦୀର୍ଘସ୍ଥାୟୀ ଏକ ସ୍ୱତନ୍ତ୍ର କାଗଜ ବ୍ୟବହାର କରୁଥିଲେ। ଏହିଭଳି ଶହ ଶହ ଗ୍ରନ୍ଥ ପ୍ରସ୍ତୁତ କରି ସେଗୁଡ଼ିକୁ ଜଳବାୟୁ ଜନିତ କ୍ଷୟକ୍ରିୟାରୁ ନିରାପଦ ଭାବେ ତିବ୍ବତର ଚାରିଆଡ଼େ ପଦ୍ମସମ୍ଭବଙ୍କ ଦ୍ୱାରା ଚିହ୍ନିତ ସ୍ଥାନମାନଙ୍କରେ ଲୁକ୍କାୟିତ ଭାବେ ସାଇତି ରଖାଗଲା। ୟେତେ ପଦ୍ମସମ୍ଭବଙ୍କର ସବୁଠାରୁ ଅଧିକ ନିକଟତର ଶିଷ୍ୟ ଥିଲେ ଏବଂ ସେ ପ୍ରାୟ ପଦ୍ମସମ୍ଭବଙ୍କର ସମସ୍ତ ପ୍ରକାର ଶିକ୍ଷାକୁ ଆୟତ୍ତ କରି ସବୁର ଅଧିକାରିଣୀ ହୋଇ ପାରିଥିଲେ। ତାଙ୍କୁ ଦେବୀ ସରସ୍ୱତୀଙ୍କର ଅବତାର ରୂପେ ତିବ୍ବତରେ ଗ୍ରହଣ କରାଯାଇଛି।

ଯଥାର୍ଥରେ ପଦ୍ମସମ୍ଭବ ତିବ୍ବତରେ ସମସ୍ତ ସଫଳତା ଅର୍ଜନ କରିଥିଲେ ଯେଉଁ କାର୍ଯ୍ୟରେ ଶାନ୍ତ ରକ୍ଷିତ ପ୍ରଥମେ ବିଫଳ ହୋଇଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଲା ପଦ୍ମସମ୍ଭବଙ୍କ ଚମତ୍କାରୀ ପ୍ରତିଭା ଓ ଶକ୍ତି ଫଳରେ ସମସ୍ତ ତିବ୍ବତବାସୀ, ସେ ବନ୍ ଧର୍ମାବଲମ୍ବୀ ହୁଅନ୍ତୁ ଅଥବା ସାଧାରଣ ନାଗରିକ, ସଂପୂର୍ଣ୍ଣ ଭାବେ ପଦ୍ମସମ୍ଭବଙ୍କ ଅନୁଗାମୀ ହୋଇଗଲେ। ପ୍ରଥମେ ସେମାନେ ତାଙ୍କ କାର୍ଯ୍ୟକଳାପ ସବୁକୁ ଅତ୍ୟନ୍ତ ବିସ୍ମୟର ସହ ଅନୁଧ୍ୟାନ କରି ତାଙ୍କଠାରେ ଶ୍ରେଷ୍ଠଗୁରୁଙ୍କର ଉପସ୍ଥିତି ବୋଧ ହେବା ପରେ ତାଙ୍କୁ ଗୁରୁଭାବେ ଗ୍ରହଣ କରିବକୁ ମାନସିକ ସ୍ତରରେ ବାଧ ହୋଇଯାଇଥିଲେ। ଯଥାଶୀଘ୍ର ସେ ତିବ୍ବତର ସଂରକ୍ଷକ ସନ୍ଥ ଅଥବା ମହାପୁରୁଷ ରୂପେ ପ୍ରତିଷ୍ଠିତ ହୋଇଗଲେ। ସେହି କାଳରୁ ତିବ୍ବତୀୟମାନଙ୍କର ତାଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା ପ୍ରଶଂସାତ୍ମକ ଭାବ ଓ ବିସ୍ମୟଭାବ ଏପର୍ଯ୍ୟନ୍ତ ତିଷ୍ଠି ରହିଛି ଓ ଚାଲିଆସୁଛି। ବହୁପ୍ରକାରର ଅଦ୍ଭୁତ ଓ ଅଲୌକିକ ଘଟଣା ଦ୍ୱାରା ସେ ସେଠାରେ ନିଜର ସ୍ଥିତି ଓ ପ୍ରତିଷ୍ଠାକୁ ଦୃଢ଼ କରିପାରିଥିଲେ। ସବୁଠାରୁ ବଳି ବିସ୍ମୟକର ଘଟଣାକ୍ରମ ଥିଲା ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ସହ ତାହାର ସୁଦୃଢ଼ୀକରଣ ଏବଂ ତାହା ପ୍ରଭାବକୁ ବ୍ୟାପକ ଓ ଅତ୍ୟନ୍ତ ବଳଶାଳୀ କରିବାରେ ତାଙ୍କର କାର୍ଯ୍ୟ ଓ ସଫଳତା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆଜିଠୁ ରତ୍ନଭଣ୍ଡାର ମରାମତି

ପୁରୀ, ୨୭।୬ (ସମିସ): ପ୍ରତିବର୍ଷ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କଲେ ସେହି ସମୟରେ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ଏବଂ ମରାମତି ହୋଇଥାଏ। ଯେହେତୁ ଏହି ସମୟରେ ମହାପ୍ରଭୁ ରତ୍ନସିଂହାସନରେ ନ ଥା'ନ୍ତି ତେଣୁ ଯାଞ୍ଚ ଏବଂ କାମ କରିବା ସହଜ ହୋଇଥାଏ। ତେଣୁ ରବିବାର ଯାଞ୍ଚ ହେବ ଶ୍ରୀମନ୍ଦିରର ଗର୍ଭଗୃହ। ଏଥିପାଇଁ ଶନିବାର ଭାରା ବନ୍ଧାଯିବ। ଏବର୍ଷ ଗର୍ଭଗୃହରେ କନକମୁଣ୍ଡି ଉପରେ ଥିବା ପୁରୁଣା କାଠଫ୍ରେମ୍ ଜାଲି ବଦଳ କରାଯିବ। ଏହା ବଦଳରେ ସେହି ସ୍ଥାନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଫ୍ରେମ୍ ସହିତ ଜାଲି ସ୍ଥାପନ କରାଯିବ। ଶ୍ରୀମନ୍ଦିର ବୈଷୟିକ କମିଟି ଅଧ୍ୟକ୍ଷ ପ୍ରଫେସର ଏସ୍. କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ, ଏଏସ୍‌ଆଇ ଏବଂ ପୂର୍ତ୍ତ ବିଭାଗର ମିଳିତ ଟିମ୍ ଏହି ନିରୀକ୍ଷଣ କରିବେ।

ବିଶେଷକରି ଗର୍ଭଗୃହର ସ୍ଥିତି ଯାଞ୍ଚ କରାଯିବ। ବାୟୁ ସଞ୍ଚାଳନ ବ୍ୟବସ୍ଥା ଏବଂ ଦରକାର ପଡ଼ିଲେ, ଏହାର ଆବଶ୍ୟକ ମରାମତି ହେବ। ସେହିପରି କୌଣସି ପଥର ଯଦି ଖରାପ ହୋଇଥାଏ, ତାହାକୁ ପରିବର୍ତ୍ତନ କରାଯିବ। ଏଥିସହ ଛୋଟଧରଣର ଆବଡ଼ାଖାବଡ଼ା ହୋଇଥିଲେ, ତାହାର କେମିକାଲ ଫିଲିଙ୍ଗ୍ କରାଯିବ। ଏତଦ୍‌ବ୍ୟତୀତ ପାର୍ଶ୍ୱ ଦେବଦେବୀ ମନ୍ଦିର ସ୍ଥିତି ମଧ୍ୟ ଯାଞ୍ଚ ହେବ। ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା, ତାହାର ସ୍ଥିତି କେମିତି ରହିଛି, ତାହାକୁ ମଧ୍ୟ ଅନୁଧ୍ୟାନ କରିବ ଯୁଗ୍ମ କମିଟି। ଅନ୍ୟପକ୍ଷରେ ଶନିବାରଠାରୁ ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ। ବାକି ଥିବା ବାହାର ଭଣ୍ଡାର କାମ କରିବ ଏଏସ୍‌ଆଇ।

# ୬୦ ବର୍ଷ ଭିତରେ ଏପରି ଦୃଷ୍ଟାନ୍ତ ନାହିଁ: ନିରଞ୍ଜନ

ଭୁବନେଶ୍ୱର,୨୭।୬(ସମିସ): ଚଳିତ ବର୍ଷ ରଥଯାତ୍ରାରେ ଯାହା ଘଟିଛି, ଗତ ୫୦-୬୦ ବର୍ଷ ଭିତରେ ଏବର୍ଷ ଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳି ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏଥର ରଥଯାତ୍ରାର ଆୟୋଜନ ଅନ୍ୟ ବର୍ଷ ଅପେକ୍ଷା ଅଧିକ ଭଲ ହୋଇଥିଲା। ତା' ସତ୍ତ୍ୱେ ରଥ ଚାଲିଲା ନାହିଁ। ଜଣେ ଜଗନ୍ନାଥ ବିଶ୍ୱାସୀ ଭକ୍ତ ଭାବେ ଯେତେ ଦୂର ଧାରଣା ଗତ ୫୦/୬୦ ବର୍ଷ ଭିତରେ ରଥ ଚାଲିବାରେ ଏ ବର୍ଷ ପରି ଦୃଷ୍ଟାନ୍ତ ନାହିଁ। କାହିଁକି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଏ ଲୀଳା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହିତ ଟିଭିରେ ପଣ୍ଡିତ ମାନେ କହୁଛନ୍ତି, ସାଲବେଗ ବା ଯାଜପୁରର ୧୨ ବର୍ଷର ବାଳକକୁ ଜଗନ୍ନାଥ ଅପେକ୍ଷା କରିଥିଲେ। ମାତ୍ର ସେ ଜଣେ ଦୁର୍ବଳମନା ବ୍ୟକ୍ତି। ତେଣୁ ତାଙ୍କ ମନରେ ବହୁତ ଦ୍ୱନ୍ଦ୍ୱ ଓ ଆଶଙ୍କା ଆସୁଛି। ତା ଭିତରେ ଗତ ବର୍ଷର ରଥଯାତ୍ରାରେ ଘଟିଥିବା ଘଟଣା ଆନ୍ଦୋଳିତ କରୁଛି। ଗତ ବର୍ଷ ବଳଭଦ୍ରଙ୍କୁ ପହଣ୍ଡିବେଳେ ଯେପରି ଅବହେଳା ପ୍ରଦର୍ଶନ କରାଗଲା, ସେଥିପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏପରି ଅବହେଳା ପାଇଁ ଚତୁର୍ଦ୍ଧାମୂର୍ତ୍ତିଙ୍କର କଣ ଅସନ୍ତୋଷ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଆମର ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ କିମ୍ବା ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗି ଓଡିଶା ବାସୀଙ୍କୁ ଅଧିକ କ୍ଷତିରୁ ରକ୍ଷା କରନ୍ତୁ ବୋଲି ନିରଞ୍ଜନ ନିବେଦନ କରିଛନ୍ତି।

## ଅବଶିଷ୍ଟାଂଶ

### ପାହୁଣ୍ଡେ ଗଡ଼ି ଅଟକିଲା...

କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା। ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମଯାନରେ ଶ୍ରୀନଅରରୁ ଆସି ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୩ଟା ୪୦ରେ ଫେରିଯାଇଥିଲେ। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାଲମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଏହାପରେ ନୀତିକାନ୍ତି ସଅଳ ସଅଳ ହୋଇଥିଲା। ଅପରାହ୍ଣ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଏହାର ୧୦ ମିନିଟ୍ ପରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟମାଡ଼ରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହାପରେ ଦେବଦଳନ ଏବଂ ଶେଷରେ ବିଧି ରକ୍ଷା ପାଇଁ ଥରୁଟିଏ ନନ୍ଦିଘୋଷ ରଥଟଣା ଯାଇଥିଲା।


ହେଲେ ବଡ଼ଠାକୁର ଶ୍ରୀବଳଭଦ୍ର ଭକ୍ତଙ୍କୁ ନାକେଦମ୍ କରିଥିଲେ। ଗଡୁ ନ ଥିଲା ତାଳଧ୍ୱଜ ରଥ। ବିଭିନ୍ନ ସ୍ଥାନରେ ଏପରିକି, ୧୦ ମିନିଟ୍‌କୁ ଥରେ ଲେଖାଏଁ ମୋଡ଼ ନେଇଥିଲା। ଝାଳନାଳ ହୋଇ ମୋଡ଼ ବଦଳାଉଥିଲେ ଭୋଇ ଏବଂ ମହାରଣା ସେବକ। କେଜାଣି କାହିଁକି ଅଭିମାନ କରିଥିଲେ ଶ୍ରୀବଳଭଦ୍ର। ସାଢ଼େ ୩ ଘଣ୍ଟାରେ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଯାଇଥିଲା ତାଳଧ୍ୱଜ ରଥ। ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ପର୍ଯ୍ୟନ୍ତ ଗଡ଼ିଥିବା ବେଳେ ଅଟକି ରହିଛି। ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ପରେ କେବଳ ବିଧି ରକ୍ଷା ପାଇଁ ଗୋଟିଏଥର ଗଡ଼ିଥିଲା। ଏହାପରେ ରାତି ହୋଇଯିବାରୁ ରଥଟଣା ବନ୍ଦ ରହିଛି। ତେବେ ନନ୍ଦିଘୋଷ ରଥ ନିକଟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। କିଛି ଭକ୍ତ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଅନ୍ୟମାନେ ଉଦ୍ଧାର କରିଥିଲେ। ଏହି ଠେଲାପେଲାରେ ପ୍ରାୟ ୭/୮ ଜଣ ଆହତ ହୋଇଥିଲେ। ଦୁଇଟି ଆମ୍ବୁଲାନ୍ସରେ ସେମାନଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଚତୁଃପାର୍ଶ୍ୱକୁ କର୍ଡନ କରାଯାଇ ଲାଇଟ୍ ଲଗାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ରାତିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ। ରଥ ଉପରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶନିବାର ସକାଳ ସାଢ଼େ ୯ଟାରେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ଠାକୁରଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଆଡ଼ପମଣ୍ଡପକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି। ଆଉ ଏହା ପରଠାରୁ ଜନ୍ମବେଦୀରେ ଆରମ୍ଭ ହେବ ମହାପ୍ରଭୁଙ୍କ ଲୀଳାଖେଳା।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ...

ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଛି। ଆଜି ସକାଳେ ଯଥାରୀତିରେ ଠାକୁରଙ୍କ ମଙ୍ଗଳ ଆଳତି, ମହାସ୍ନାନ ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ରଥଖଳାରେ କଳସ ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ପୂଜାନୀତି ସମ୍ପନ୍ନ କରାଯିବା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଶେଷରେ ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ଦର୍ପଦଳନ ରଥର ପୂଜାନୀତି ସମ୍ପନ୍ନ ହୋଇଥିଲା। ପରେ ପରମ୍ପରା ଅନୁସାରେ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଠାକୁରାଣୀଙ୍କ ଆଜ୍ଞାମାଳ ଆସିଥିଲା। ବର୍ଷା ପାଇଁ ବିଳମ୍ବରେ ପହଣ୍ଡିଆମାନେ ଗୋଟିପହଣ୍ଡିରେ ସମସ୍ତ ଠାକୁରଙ୍କୁ ନାଟ ମନ୍ଦିରର ମଧ୍ୟଭାଗକୁ ବିଜେ କରାଇବା ପରେ ଆରମ୍ଭ ହୋଇଥିଲା ଗୁଣ୍ଡିଚା ପହଣ୍ଡି ବେଶ। ମହାରାଜା ପ୍ରବୀଣ କୁମାର ଭଞ୍ଜଦେଓ ଛେରାପହଁରା କରିଥିଲେ। ପରେ ପହଣ୍ଡିଆମାନେ ଗୋଟିପହଣ୍ଡିରେ ରଥଖଳାରେ ପହଞ୍ଚାଇ ଠାକୁରଙ୍କୁ ରଥାରୂଢ଼ କରାଇଥିଲେ।

# ଡାକି ନେଇ ପିଟିଲେ: ପୁଲିସ ମାଡ଼ରେ ସାମ୍ବାଦିକ ଲହୁଲୁହାଣ




**ସରକାରଙ୍କ ଅପାରଗତା ଲାଗି ସାମ୍ବାଦିକଙ୍କୁ ମାଡ଼: ବିଜେଡି**

**କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କଲେ ପିସିସି ସଭାପତି**

ଭୁବନେଶ୍ୱର,୨୭।୬(ସମିସ): ରଥଯାତ୍ରା ଦେଖିବାକୁ ସାମ୍ବାଦିକଙ୍କୁ ଡ଼ାକିନେଲେ। କଡର୍‌ନ ପାସ ଦେଲେ, ମାତ୍ର ପୁରୀରେ ପହଞ୍ଚିବା ପରେ ରଥଯାତ୍ରା ଦେଖାଇବା ପରିବର୍ତ୍ତେ ପୁଲିସ ଲଗାଇ ପିଟିଲେ । ଏଥିରେ କିଛି ସାମ୍ବାଦିକ ଆହତ ହୋଇଛନ୍ତିକ ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ ଷ୍ଟିଚ୍ ପଡ଼ିଛି । ଯାହାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଓ ବିରୋଧୀ ବିଜେଡି ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରିଛି।

ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ, କାର୍ଯ୍ୟରତ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଭୁବନେଶ୍ୱରର ଜୟଦେବ ଭବନ ନିକଟରୁ ଏକ ସ୍ୱତନ୍ତ୍ର ବସ୍‌ରେ ପୁରୀ ନେଇଥିଲେ। ସେମାନଙ୍କୁ କଡର୍‌ନ ପାସ୍ ବି ଦିଆଯାଇଥିଲା। ମାତ୍ର ପୁରୀରେ ପୁଲିସ ସେମାନଙ୍କୁ କଡର୍‌ନ ଭିତରକୁ ଛାଡ଼ିଲା ନାହିଁ ଓଲଟି ପିଟିପିଟି ସେମାନଙ୍କୁ ଆହତ କଲା। ଏଥିରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ହାତ ଓ ଛାତିରେ ଆଘାତ ଲାଗିଛି, ଜଣେ ମହିଳା ସାମ୍ବାଦିକାଙ୍କ ହାତରେ କ୍ଷତ ସୃଷ୍ଟି ହେବାରୁ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ କିଛି ସାମ୍ବାଦିକ ମଧ୍ୟ ପୁଲିସ ମାଡ଼ରେ ଆହତ ହୋଇ ସମ୍ବାଦ ସଂଗ୍ରହ କରିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରତ୍ୟେକ ବର୍ଷ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପବିତ୍ର ରଥଯାତ୍ରାର ଖବର ପ୍ରସାରଣ ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଏ; ମାତ୍ର ଚଳିତ ବର୍ଷ ପରି ଘଟଣା କେବେ ଦେଖାଯାଇ ନ ଥିଲା। ରାଜ୍ୟ ସରକାରଙ୍କ ଅପାରଗତା ଲାଗି ଶ୍ରୀକ୍ଷେତ୍ରରେ ସାମ୍ବାଦିକମାନେ ପୁଲିସ ଠାରୁ ମାଡ ଖାଇଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ପୁଲିସର ଏଭଳି ଅମାନବୀୟ ଆଚରଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ପବିତ୍ର ରଥଯାତ୍ରାରେ ବିଭ୍ରାଟ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ସେହିପରି ସାମ୍ବାଦିକଙ୍କ ଆକ୍ରମଣକୁ ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରଥଯାତ୍ରାରେ ରାଜ୍ୟ ସରକାର ସ୍ୱୀକୃତିପ୍ରାପ୍ତ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ହେଲେ ପୁଲିସ ଆକ୍ରମଣରେ ୬ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଗୁରୁତର ଆହତ ହୋଇଛନ୍ତି। ଜଣେ ମହିଳା ସାମ୍ବାଦିକଙ୍କ ହାତରେ ୨୦ ଷ୍ଟିଚ୍ ପଡ଼ିଛି। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହିତ ସିସି କ୍ୟାମେରା ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

# ପାସ୍ ବଣ୍ଟନରେ ମହାବିଭ୍ରାଟ

**ନିଜ ଲୋକଙ୍କୁ ଦୁଇ ମନ୍ତ୍ରୀ ବାଣ୍ଟିଛନ୍ତି ୬ ହଜାର ପାସ୍**

**ଭିଆଇପି- ଭିଭିଆଇପି ପାସ୍‌ଧାରୀଙ୍କ ଯୋଗୁ ବିଶୃଙ୍ଖଳା**

**ସରକାରଙ୍କୁ କଟୁ ସମାଲୋଚନା କଲେ ଭକ୍ତ ଓ ଶ୍ରଦ୍ଧାଳୁ**

ଭୁବନେଶ୍ୱର, ୨୭।୬(ସମିସ): ଚଳିତବର୍ଷ ପୁରୀ ରଥଯାତ୍ରାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ନନ୍ଦିଘୋଷ ରଥ ମାତ୍ର ଦୁଇ ପାହୁଣ୍ଡ ଆଗକୁ ଗଡ଼ି ସିଂହଦୁଆର ସାମ୍ନାରେ ଛିଡ଼ା ହୋଇଛି। ରଥ ଚାରିପଟେ କଡର୍‌ନ ଭିତରେ ମାତ୍ରାଧିକ ଭିଆଇପି ଓ ଭିଭିଆଇପି ପାସ୍‌ଧାରୀଙ୍କ ଭିଡ଼ ଯୋଗୁଁ ଏଭଳି ବିଭ୍ରାଟ ଘଟିଥିବା ଅଭିଯୋଗ ହେଉଛି। ସୁରକ୍ଷା କଡ଼ନ୍ ଭିତରେ ଏତେ ମାତ୍ରାରେ ଭିଡ଼ ଯୋଗୁଁ ରଥ ଟାଣିବା ସମ୍ଭବ ହୋଇ ନ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଭିଡ଼ ହ୍ରାସ ପାଇଁ ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇନଥିଲା। କଡ଼ନ୍ ଭିତରୁ ଯେତିକି ଲୋକଙ୍କୁ ଖାଲି କରାଯାଉଥିଲା। ପୁଣି କିଛି ସମୟ ଭିତରେ ସେତିକି ଭିଡ଼ ହୋଇଯାଉଥିଲା। ସମସ୍ତେ ପାସ୍ ଧରି କର୍ଡନ୍ ଭିତରକୁ ପ୍ରବେଶ କରୁଥିବାରୁ ପୁଲିସ କାହାକୁ ଅଟକାଇ ପାରୁନଥିଲା। ଶେଷରେ ଏଭଳି ଅସୁବିଧାର ସାମ୍ନା କରିବାକୁ ପଡ଼ିଥିଲା। ଏଥିସହ କିଛି ଯୁବକମାନେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ଫଟୋ ସମ୍ବଳିତ ସ୍ୱେଚ୍ଛାସେବୀ ଆଇଡି କାର୍ଡ ପକାଇ କଡର୍‌ନ ଭିତରେ ଭିଡ଼ ଜମାଇଥିଲେ। ରଥଯାତ୍ରାରେ ଏଭଳି ବିଭ୍ରାଟ ବିଗତ ୫୦ ବର୍ଷ ଭିତରେ କେବେ ହୋଇ ନ ଥିଲା ବୋଲି ଜଗନ୍ନାଥ ପ୍ରେମୀ କ୍ଷୋଭର ସହ କହିଛନ୍ତି।

ଅପରାହ୍ଣ ୪ଟାରେ ରଥ ଟଣା ଆରମ୍ଭ ହୋଇଥିଲା । ମାତ୍ର କଡର୍ ଭିତରେ ପାସଧାରୀଙ୍କ ଭିଡ଼ ଯୋଗୁଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିଭଳି ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ମରିଚିକୋଟ ଛକ ଯାଏ ଯାଇ ପାରିଥିଲା। ମାତ୍ର ସନ୍ଧ୍ୟା ୭ଟା ସୁଦ୍ଧା ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବିଲ୍‌କୁଲ୍ ବି ଟଣା ହୋଇ ପାରିନଥିଲା। କଡର୍‌ନ ଭିତରୁ ପୁଲିସ ପାସ୍‌ଧାରୀମାନଙ୍କୁ ହଟାଇବାକୁ ବହୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା। ରଥ ଟଣା ହୋଇ ନ ପାରିବା ଯୋଗୁଁ ଶେଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ବହୁ ବିଳମ୍ବ ହୋଇଯାଇଥିବାରୁ ଶେଷରେ ନନ୍ଦିଘୋଷ ରଥ କେବଳ ଗୋଟିଏ ପାହୁଣ୍ଡ ଆଗକୁ ଗଡ଼ିଥିଲା। ତା'ପରେ ରଥ ଟଣା ବନ୍ଦ ହୋଇଥିଲା। ଆସନ୍ତାକାଲି ସକାଳ ୯ଟାରୁ ରଥଟଣା ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଥିଲେ। ପୂର୍ବରୁ ରଥଯାତ୍ରା ସମୟରେ ବି ପାସ୍ ବଣ୍ଟନ କରାଯାଉଥିଲା। ଭିଆଇ ଓ ଭିଭିଆଇପି ଶ୍ରେଣୀର ଲୋକମାନେ ପାସ୍ ନେଇ ରଥ ନିକଟକୁ ଯାଉଥିଲେ। ମାତ୍ର ଏତେ ମାତ୍ରାରେ ପାସ୍‌ଧାରୀ କେବେ ରଥ ନିକଟରେ ଭିଡ଼ ହେଇନଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି।

ବିଶେଷକରି ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଦୁଇ ଜଣ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀ ହଜାର ହଜାର ସଂଖ୍ୟାରେ ପାସ୍ ବାଣ୍ଟିବାରୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହେଉଛି। ଉଭୟ ମନ୍ତ୍ରୀ ପାଖାପାଖି ୬ରୁ ୭ହଜାର ପାସ୍ ବାଣ୍ଟିଥିବାବେଳେ ଅନ୍ୟମାନେ ବି ୪ରୁ ୫ ହଜାର ପାସ୍ ବାଣ୍ଟିଥିଲେ। ତେଣୁ ପାଖାପାଖି ୧୫ରୁ ୨୦ ହଜାର ପାସ୍‌ଧାରୀ ପରିବାର ସହ ରଥକୁ ଘେରି ରହିଥିଲେ। କିଛି ଯୁବକ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଫଟୋ ସମ୍ବଳିତ ଆଇଡି କାର୍ଡ ପକାଇ କଡନ୍ ଭିତରେ ବୁଲୁଥିଲେ। ପୁଲିସ ସେମାନଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ ହେଁ ସେମାନେ ଶୁଣି ନ ଥିଲେ। ରଥଯାତ୍ରାରେ ଏଭଳି ମହାବିଭ୍ରାଟ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କୁ କୁଠାରଘାତ କରିଛି। ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ପୂର୍ବବର୍ଷ ବଡ଼ଠାକୁରଙ୍କୁ ପକାଇ ଦେବା ଘଟଣାରେ ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଲେନି। ଏବେ ବି ରଥଯାତ୍ରା ଏଭଳି ବିଭ୍ରାଟ ଦେଖିବାକୁ ମିଳୁଛି। ବାସ୍ତବରେ ସରକାର ଏସବୁ ପରିଚାଳନା କରିବାରେ ସାମର୍ଥ୍ୟ ରଖୁନାହାନ୍ତି ବୋଲି ଜଗନ୍ନାଥ ପ୍ରେମୀ ଅଭିଯୋଗ କରିଛନ୍ତି।

# ବିଏଡ୍ ପ୍ରବେଶିକା ପରୀକ୍ଷାରେ ଜାଲିଆତି

**ନାମଲେଖା ପ୍ରକ୍ରିୟା ସାମୟିକ ଭାବେ ରଦ୍ଦ**

**ସଚିବ ବଦଳିଲେ ବଦଳୁଛି ନିୟମ**

ଭୁବନେଶ୍ୱର,୨୭।୬(ସମିସ): ବିଏଡ୍ ପ୍ରବେଶିକା ପରୀକ୍ଷାରେ ଜାଲିଆତି ଅଭିଯୋଗ ଦିନକୁ ଦିନ ଲମ୍ବୁଛି। ଅଧିକ ନମ୍ବର ରଖିବାକୁ ପରୀକ୍ଷାର୍ଥୀମାନେ ଆଶା କରିଥିବାବେଳେ ସେମାନଙ୍କୁ କମ୍ ମାର୍କ ମିଳିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କିଛି ପରୀକ୍ଷାର୍ଥୀ ଉଚ୍ଚଶିକ୍ଷା ବିଭାଗରେ ଅଭିଯୋଗ କରିବା ପରେ ଖାତା ପୁନଃ ମୂଲ୍ୟାୟନ କରାଯାଇ ସେମାନଙ୍କର ନମ୍ବର ବୃଦ୍ଧି କରାଯାଇଛି। ସେହିପରି ପରୀକ୍ଷାର୍ଥୀଙ୍କ ଅଭିଯୋଗ ଆଧାରରେ ନାମଲେଖା ପ୍ରକ୍ରିୟାକୁ ସାମୟିକ ଭାବେ ଉଚ୍ଚଶିକ୍ଷା ବିଭାଗ ରଦ୍ଦ କରିଛି। ପ୍ରତି ବିଷୟରେ ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନ କରିବାକୁ ଏସ୍ଏସ୍‌ବିକୁ ନିର୍ଦ୍ଦେଶ ଦେଇଛି। ବିଶେଷଜ୍ଞମାନେ ଆନ୍‌ସାର୍ କି' ପୁନଃ ଯାଞ୍ଚ କରିବେ। ଫଳରେ ପିଲାଙ୍କୁ ପୁଣିଥରେ ପରିବର୍ତ୍ତିତ ନମ୍ବର ମିଳିବ। ଏହାପରେ ଯାଇ ନାମଲେଖା ପାଇଁ ନୂତନ ଟାଇମ୍‌ଲାଇନ୍ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପୂର୍ବରୁ ଡ. ମଧୁସୂଦନ ମିଶ୍ର ସଚିବ ଥିବାବେଳେ ପ୍ରୋଭିଜନାଲ୍ ଆନ୍‌ସାର୍ କି' ପ୍ରକାଶ ପାଉଥିଲା। ହେଲେ ଡ. ରାଜେଶ୍ କୁମାର ସାହୁ ସଚିବ ହେଲାପରେ ଏହି ବ୍ୟବସ୍ଥାକୁ ବନ୍ଦ କରି ଦିଆଗଲା। ତେଣୁ ସମ୍ପାଦକ ବଦଳିଲେ ନିୟମ ବଦଳୁଛି କି ବୋଲି ମଧ୍ୟ ପରୀକ୍ଷାର୍ଥୀ ପ୍ରଶ୍ନ କରିଛନ୍ତି। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପରିଚାଳିତ ଏହି ପରୀକ୍ଷା ବିବାଦୀୟ ହୋଇପଡ଼ିଛି। ୮ଜଣ ପିଲାଙ୍କ କୋଡିଂରେ ଭୁଲ୍ ହୋଇଥିବା ଏବଂ ସେମାନଙ୍କ ନମ୍ବର ବଢ଼ିବ ବୋଲି ଏସ୍ଏସ୍‌ବି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଫଳରେ ପ୍ରାୟ ୧ଲକ୍ଷ ୩୦ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏସ୍ଏସ୍‌ବିର ବିଭିନ୍ନ କାର୍ଯ୍ୟକଳାପକୁ ସନ୍ଦେହ କରିବା ସହ ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ କରିବାକୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦାବି କରୁଛନ୍ତି। ଜଣେ ପରୀକ୍ଷାର୍ଥୀ ୬୧.୨୫ ମାର୍କ ରଖିବେ ବୋଲି ନିଶ୍ଚିତ ଥିଲେ ମଧ୍ୟ ୫୫.୨୫ ମାର୍କ ପାଇଥିବା ତାଙ୍କ ଭାଇ ଅଭିଯୋଗ ଆଣିଛନ୍ତି। ଏଣୁ ପ୍ରୋଭିଜିନାଲ୍ ମାର୍କସିଟ୍ ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଏପରି ବହୁ ଅଭିଯୋଗ ଥିବାବେଳେ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବାକୁ ପରୀକ୍ଷାର୍ଥୀମାନେ ପ୍ରସ୍ତୁତ ହେଉଛନ୍ତି।

ଅପରପକ୍ଷରେ ଏସ୍ଏସ୍‌ବି ସଚିବ ଡ. ସାହୁ କହିଛନ୍ତି ଯେ, ଗାଇଡ୍‌ଲାଇନ୍ ଅନୁସାରେ ପରୀକ୍ଷା ପରିଚାଳନା କରାଯାଇଛି। ବିଏଡ୍ ବିଜ୍ଞପ୍ତିରେ ପ୍ରୋଭିଜିନାଲ୍ ଆନସାର୍ କି' ସମ୍ପର୍କରେ କୌଣସି ଉଲ୍ଲେଖ ନଥିଲା। ଏସ୍ଏସ୍‌ବି ପକ୍ଷରୁ ଏନେଇ ମଧ୍ୟ କୌଣସି ସୂଚନା ଦିଆଯାଇ ନ ଥିଲା। ତେବେ ଏସ୍ଏସ୍‌ବି ସଚିବଙ୍କ କଥାକୁ ପରୀକ୍ଷାର୍ଥୀ ବିରୋଧ କରିଛନ୍ତି। କେଉଁ ଗାଇଡ୍‌ଲାଇନ୍‌ରେ ପ୍ରୋଭିଜିନାଲ୍ ଆନସାର୍ କି' ପ୍ରକାଶ ପାଇବ ନାହିଁ ବୋଲି ଉଲ୍ଲେଖ ରହିଛି ଓ ତାହା କେବେ ପ୍ରକାଶ ପାଇଥିଲା, ତାହାକୁ ସଚିବ ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପୂର୍ବରୁ ପରୀକ୍ଷା ପରେ ପ୍ରୋଭିଜିନାଲ୍ ଆନ୍‌ସାର କି' ପ୍ରକାଶ ପାଉଥିଲା। ଏହାପରେ ପରୀକ୍ଷାର୍ଥୀମାନେ ତଥ୍ୟ ସହିତ ଅଭିଯୋଗ କରୁଥିଲେ। ଏହାପରେ ସେସବୁକୁ ବିଚାର କରାଯାଇ ଚୂଡାନ୍ତ ମାର୍କ ପ୍ରକାଶ ପାଉଥିଲା। ମାତ୍ର ଏବେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ୨୭ଶହ ସିଟ୍ ପାଇଁ ପ୍ରାୟ ୪୭ଗୁଣା ପିଲା ପ୍ରବେଶିକା ଦେଇଛନ୍ତି। ନିଜ ପିଲାଙ୍କୁ ନାମଲେଖାରେ ସୁଯୋଗ ଦେବାକୁ ଜାଲିଆତି କରାଯାଇଛି ବୋଲି ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି।

**ଗାଁକୁ ନାହିଁ ରାସ୍ତା; ଆସି ପାରିଲାନି ଆମ୍ବୁଲାନ୍ସ**

# ଭାରରେ ବୁହାହେଲେ ଗର୍ଭବତୀ



ଅଧାବାଟରେ ପ୍ରସବ

କୋରାପୁଟ, ୨୭।୬ (ସମିସ): ଗାଁକୁ ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ। ତେଣୁ, ପ୍ରବଳ ବର୍ଷାରେ ଗର୍ଭବତୀଙ୍କ ଉପରେ ଜରିପାଲ ପକାଇ ଭାରରେ ୫କିମି ବୁହାଇଲେ। ସମସ୍ୟା କେବଳ ସେତିକିରେ ସରିଲାନି; ଅଧାବାଟରେ ଗର୍ଭବତୀଜଣଙ୍କ ଏକ ଶିଶୁକନ୍ୟା ପ୍ରସବ କଲେ। ଏଭଳି ଏକ ଅଭାବନୀୟ ଘଟଣା ଜୟପୁର ବ୍ଲକ୍ କେବିଡି ପଞ୍ଚାୟତ କୁସୁମଭଟା ଗ୍ରାମରେ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, କୁସୁମଭଟା ଗ୍ରାମର ତ୍ରିନାଥ ମୁଦୁଲିଙ୍କ ଗର୍ଭବତୀ ପତ୍ନୀ ରଇଲା ମୁଦୁଲିଙ୍କର ଶୁକ୍ରବାର ସକାଳେ ପ୍ରସବ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା। ଆମ୍ବୁଲାନ୍ସ ଆସିଲା। କିନ୍ତୁ, ରାସ୍ତା ନଥିବା ଯୋଗୁଁ କୁସୁମଭଟା ଗ୍ରାମରୁ ୫କିଲୋମିଟର ଦୂର ମାଣ୍ଡିଖୁଣ୍ଟା ଗ୍ରାମ ନିକଟରେ ଅଟକି ରହିଥିଲା। ଏପଟେ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ଓ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ପ୍ରବଳ ବର୍ଷା ସତ୍ତ୍ୱେ ସ୍ୱାମୀ ତ୍ରିନାଥ ଗ୍ରାମବାସୀଙ୍କ ସହାୟତାରେ ସ୍ତ୍ରୀକୁ ଜରିପାଲ ଢାଙ୍କି ଏକ ଖଟରେ ଭାର କରି ମାଣ୍ଡିଖୁଣ୍ଟା ଗ୍ରାମ ପର୍ଯ୍ୟନ୍ତ ବୋହି ଆଣିଥିଲେ। ରଇଲାଙ୍କୁ ଭାରରେ ଆଣିବା ସମୟରେ ସେ ରାସ୍ତା ମଝିରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ମାଆ ଓ ନବଜାତକ ଶିଶୁକନ୍ୟାକୁ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚା ଯାଇଥିଲା। ବର୍ତ୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି।

**IN THE COURT OF THE CIVIL JUDGE (JUNIOR DIVISION) DHAMNAGAR**
**CS. NO. 15 OF 2005**

୧) କ) ଦୁର୍ଗାପ୍ରସାଦ ମହାପାତ୍ର ବୟସ ବ୪୯ର୍ଷ
୧)ଖ) ଦେବେନ୍ଦ୍ରପ୍ରସାଦ ମହାପାତ୍ର ବୟସ ବ୪୬ବର୍ଷ, ଉଭୟଙ୍କର ପିତା- ୰ ଯଦୁନାଥ ମହାପାତ୍ର, ସା- ଶ୍ୟାମପୁର, ପୋ./ଥା- ଧାମନଗର, ଜି- ଭଦ୍ରକ
୧)ଗ) ଶ୍ରୀମତୀ ସଂଜୁକ୍ତା ନାୟକ, ବୟସ ବ୬୦ର୍ଷ, ସ୍ୱା- ଲକ୍ଷ୍ମଣ ନାୟକ, ସା- ମୁବାରକପୁର, ପୋ/ଥା- ଭଣ୍ଡାରିପୋଖରୀ, ଜି- ଭଦ୍ରକ
୧)ଘ) ପ୍ରଭାତୀ ସାହୁ, ବୟସ ବ୫୨ର୍ଷ, ସ୍ୱା- ଚନ୍ଦନ ସାହୁ, ସା- ନୂଆ ମିରଜାପୁର, ପୋ- ସାମନ୍ତରାପୁର, ଥା/ଜି- ଯାଜପୁର
୨) ନାରାୟଣ ଚନ୍ଦ୍ର ମହାପାତ୍ର, ବୟସ ବ୫୨ର୍ଷ, ପି- ୰ ଅଭୟ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ
୩) କୈଳାସ ଚନ୍ଦ୍ର ଜେନା, ବୟସ ବ୩୮ର୍ଷ, ପି- ଯୁଧିଷ୍ଠିର ଜେନା, ସା- ଦକ୍ଷିଣବାଡ, ପୋ/ଥା- ଧାମନଗର, ଜି- ଭଦ୍ରକ
୪) ଜଗନ୍ନାଥ ତ୍ରିପାଠୀ, ବୟସ ବ୩୨ର୍ଷ, ପି- ରାମଚନ୍ଦ୍ର ତ୍ରିପାଠୀ, ସା- ଶ୍ୟାମପୁର, ପୋ/ଥା- ଧାମନଗର, ଜି- ଭଦ୍ରକ ..... ବାଦୀମାନେ

ବନାମ

୧) କଲେକ୍ଟର, ଭଦ୍ରକ, ସା/ପୋ/ଥା/ଜି- ଭଦ୍ରକ
୨) ତହସିଲଦାର, ଧାମନଗର, ଥା/ପୋ- ଧାମନଗର, ଜି- ଭଦ୍ରକ
୩) ମୁଖ୍ୟ ଜିଲ୍ଲା ଭେଟେନାରୀ ଅଫିସର, ଭଦ୍ରକ, ଥା/ପୋ/ଜି- ଭଦ୍ରକ
୪)କ) ନାରାୟଣ ମହାପାତ୍ର ବୟସ ବ୬୦ର୍ଷ
୪)ଖ) ପ୍ରଭାତ ମହାପାତ୍ର ବୟସ ବ୫୦ର୍ଷ
୪)ଗ) ବାସନ୍ତୀ ମହପାତ୍ର ବୟସ ବ୪୭ର୍ଷ
୪)ଘ) ମଞ୍ଜୁ ମହାପାତ୍ର ବୟସ ବ୪୦ର୍ଷ
୪)ଙ) ସୁଭଦ୍ରା ମହାପାତ୍ର ବୟସ ବ୨୧ର୍ଷ
୪)ଚ) କାଜଲ ମହାପାତ୍ର ବୟସ ବ୧୯ର୍ଷ
କ୍ରମିକ ନଂ. ୪(କ) ଓ ୪(ଖ) ମାନେ ପୁତ୍ର ଓ କ୍ରମିକ ନଂ. ୪(ଗ)ରୁ ୪(ଙ)ମାନେ ଝିଅ, ପି- ୰ ଶଙ୍କର୍ଷଣ ମହାପାତ୍ର, ସା/ପୋ/ଥା- ଧାମନଗର, ଜି- ଭଦ୍ରକ ..... ବିବାଦୀମାନେ

**ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୧ ରୁଲ୍ ୮ ମୁତାବକ ନୋଟିସ**

ଏହିକି ନିମ୍ନ ତଫସିଲ ବୃତ୍ତି ପକ୍ଷେ ବିବାଦୀ ନଂ. ୪(କ) ଲଗାଏତ ୪(ଙ)ୟର ମାନଙ୍କର କୌଣସି ମାଲିକାନା ସତ୍ତ୍ୱ ନଥିବା ଓ ତାହା ସରକାରୀ ସମ୍ପତ୍ତି ଥିବା ଘୋଷଣା ପ୍ରଚାର ସହ ବିବାଦୀ ନଂ. ୪(କ) ଲଗାଏତ ୪(ଙ) ମାନଙ୍କ ବିରୁଦ୍ଧେ ଚିରସ୍ଥାୟୀ ନିଷେଧାଜ୍ଞା ଦାବୀରେ ବାଦୀମାନେ ସର୍ବସାଧାରଣଙ୍କ ପ୍ରତିନିଧି ସ୍ୱରୂପ ମୋକଦ୍ଦମା ଆଗତ କରିଅଛନ୍ତି ।

ଯଦି କୌଣସି ବ୍ୟକ୍ତି ଏହି ମୋକଦ୍ଦମାରେ ପକ୍ଷଭୁକ୍ତ ହେବାକୁ ଚାହାନ୍ତି ସେମାନେ ତା.୩୦.୦୬.୨୦୨୫ରିଖ ଘ.୧୦.୩୦ମିନିଟରେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ନିଜର ପକ୍ଷ ବା ଦରଖାସ୍ତ ଦେଇପାରିବେ।

ତଫସିଲ ବୃତ୍ତି

ଜିଲ୍ଲା- ଭଦ୍ରକ, ଥାନା- ଧାମନଗର, ମୌଜା- ଶାମପୁର, ମେଜର ବନ୍ଦୋବସ୍ତ ଖା୧୦୫୭/୨୨୫ତା, ଖସଡା ନଂ. ୨୬୫୪, ଏ୦.୩୦ଡିସିମିଲି ।

ସା/- ସିଜେଜେଡି, ଧାମନଗର

**KEDAR SECURITY SERVICE PVT. LTD.**
Plot No.1352, 2861, 371, Sai Vihar, Lane No. 2, Jagannath Nagar, Bhubaneswar : 751025, Odisha, Phone: 0674-2549701 / 9937482107

**RECRUITMENT**

KEDAR SECURITY SERVICE PVT. LTD is inviting applications from eligible candidates for engagement in FRA cell of Sub-Collector's Office in Mayurbhanj District under the Scheme 'Da-JGUA' (Candidates of Mayurbhanj District will be accepted only)

**COORDINATORS:** 4 Posts (Qualification: MSW & PGDCA) Salary: Rs.35,000/- (Inc. EPF, ESI, GST & SC as applicable)

**MIS ASSISTANT:** 4 Posts (Qualification: Graduate & PGDCA) Salary: Rs.25,000/- (Inc. EPF, ESI, GST & SC as applicable)

**WORK EXPERIENCE:**

**COORDINATOR:** (1. Minimum 2-3 years experience in NGO / Social Sector Projects. 2. Experience of working with Govt. Project, 3. Experience of networking with line Dept. of Govt.)

**MIS ASSISTANT:** (1. Minimum 2 years experience in data entry and large-scale database management in any reputed govt. / private agency. 2. Proficiency in the use of MS Office specifically MS Office, MS Excel & conversant with internet / use of online platform is a mandatory requirement)

Interested Candidates are requested to send their details to
Email: info@kedarsecurity.com
Website: www.kedarsecurity.com
Floating of Advertisement - 27.06.2025
Last Date of Application: - 2nd of July 2025 by 5 PM
NB: The application received after date will not be taken into the consideration. Holidays will be enumerated with the timeline of application date.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
By virtue of an affidavit before the Notary Public on dated 26.06.2025. I Renubala Mishra, D/o- Sitaram Nayak, residing at Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No. 220/3175, Po- Bhubaneswari Colony, Ps- Mancheswar, Bhubaneswar-751006, Odisha. I have changed my name from Renu Mishra to Renubala Mishra. I shall be known **RENUBALA MISHRA** for all purposes.

**AFFIDAVIT**
I Anju Agarwal, D/o- Mul Chan Agrawal residing at Duplex-18, Greater Sambalpur, Bareipali, Sambalpur- 768006 declare by this affidavit No. 11875 dtd.24.6.2025 that, now onwards I shall be known as **Anju Agrawal** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 26/06/2025. I, **Priyadarshini Jagdev,** Address: Plot No. 1040, Gadasahi, Nayapalli, PO/PS- Nayapalli, Bhubaneswar, Dist- Khordha, PIN-751012, Odisha declare that I have changed my name from **Priyadarsini Pradipta Jana To Priyadarshini Jagdev.** Henceforth, I shall be known as **Priyadarshini Jagdev,** W/o- Priti Sundar Jagdev for all future purposes.
**Priyadarshini Jagdev**

# ଗାଁଠାରୁ ସହର; ସବୁଠି ଜଗନ୍ନାଥମୟ







ଭଣ୍ଡାରିପୋଖରୀ/ବାରିକପୁର,୨୭ ।୬(ସମିସ): ସର୍ବତ୍ର ଆଜି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀ ସ୍ଥିତ ସର୍ବପୁରାତନ ବଳଦେବଜୀଉ ପୀଠରେ ଭାବ ଭକ୍ତିର ସହିତ ରଥଯାତ୍ରା ପାଳିତ ହୋଇଥିଲା। ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ତିନି ଠାକୁର ବିରାଜମାନ କରି ଶ୍ରୀଗୁଣ୍ଡିଚା ଯାତ୍ରାରେ ମାଉସୀ ଘରକୁ ଯାଇଥିଲେ। ଅପରାହ୍ନ ଚାରିଟା ଠାରୁ ରାତ୍ରି ଆଠଟା ଯାଏଁ ରଥଟଣା ହୋଇଥିଲା। ପାଖାପାଖି ପାଞ୍ଚ ହଜାରରୁ ଅଧିକ ଶ୍ରଦ୍ଧାଳୁ ବଳଦେବଜୀଉଙ୍କ ରଥ ଯାତ୍ରାରେ ଯୋଗ ଦେଇଥିଲେ। ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସରପଞ୍ଚ ସୁଜାତା ସାହୁ ପ୍ରମୁଖ ପୀଠରେ ଉପସ୍ଥିତ ରହି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ସେହିଭଳି ସରସଦା ପଞ୍ଚାୟତ ଏକବୋଲା ଠାରେ ରଥଯାତ୍ରା ପାଳିତ ହୋଇଯାଇଛି। ପୂଜକ ବିଶ୍ୱନାଥ ପାଣୀଙ୍କ ଦ୍ୱାରା ମହାପ୍ରଭୁଙ୍କ ସ୍ନାନ ସହିତ ବାଲ୍ୟ ଭୋଗ ଓ ପଣା ଆଦି ପ୍ରଦାନ ପରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ। ଗ୍ରାମର ପିତାମ୍ବର ଦିଅ ଛେରାପହଁରା କରିଥିବା ବେଳେ ସରୋଜ କୁମାର କବି ସଙ୍କଳ୍ପ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବୟାବନାପୁର ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ରଥଯାତ୍ରା ପାଳିତ ହୋଇଯାଇଛି। ଅନୁରୂପ ଭାବେ ତୁଳସୀପୁର, ରହଣିଆ,ମାଳଦା, ରାଢ଼ୋ, ଆଖୁଆପଦା,ମଣୀନାଥପୁର,କୁଲଣା, ମଞ୍ଜୁରୀ ରୋଡ, ନାଆମୀ, କୁରିଗାଁ, ଜଗନ୍ନାଥ ପ୍ରସାଦ, ଜଳମଣ୍ଡୁଆ, ବିଷ୍ଣୁପୁର, ଝୁଟଣା, ନପଙ୍ଗ ପ୍ରମୁଖ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।

**ବନ୍ତ/ଆଗରପଡ଼ା:** ଜିଲ୍ଲାରେ ଅନ୍ୟତମ ପୁରାତନ ତଥା ପ୍ରମୁଖ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଆଗରପଡ଼ା ଠାରେ ଅପୂର୍ବ ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ସ୍ୱତନ୍ତ୍ର ରୀତିନୀତି ସରିବା ପରେ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ଶ୍ରୀମନ୍ଦିରରୁ ଧାଡ଼ି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ





ସିଂହ ରୌପ୍ୟ ଖଡ଼ିକାରେ ଛେରାପହଁରା କରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀଜୀଉମାନେ ମନ୍ଦିରକୁ ବିଜେ କରିଥିଲେ। ପ୍ରାକ୍ତନମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବରିଷ୍ଠ ସମାଜସେବୀ ଅଶୋକ ନାୟକ, ପଦ୍ମନ ରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଘୋଷଯାତ୍ରାରେ ସାମିଲ ଥିଲେ। ଭୁବନେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ହୃଦୟ ରଞ୍ଜନ ସିହ୍ନା, ପ୍ରଭାତୀ ସିହ୍ନା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ପ୍ରଦୀପ୍ତ ସିଂହ, ଇଣ୍ଟର ନ୍ୟାସନାଲ ହ୍ୟୁମାନ ରାଇଟ୍ସ ଫୋରମ ଯୁଗ୍ମ ସଂପାଦିକା ସଂଯୁକ୍ତା ସିଂହ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଭାରପ୍ରାପ୍ତ ଥାନାଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ପୋଲସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଅକ୍ଷୟ ସ୍ମୃତି ଫାଉଣ୍ଡେସନ ପକ୍ଷରୁ ଟଙ୍କ ତୋରାଣୀ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା।

**ଧାମନଗର/ଦୋବଲ/ଅସୁରାଳି:** ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍ଏସି ଅଞ୍ଚଳରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ସମସ୍ତ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଯାଇଥିଲା। ଧାମନଗର ଏନ୍ଏସି ଅଞ୍ଚଳ ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ଦଇପୁର ପଞ୍ଚାୟତ ଠାକୁରପାଟଣା ଗ୍ରାମରେ ବ୍ଲକର ସବୁଠାରୁ ବଡ଼ ତିନି ରଥରେ ଠାକୁରଙ୍କ ବିଜେ ପରେ ଅପରାହ୍ନରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ନଦୀଗାଁର ପୂରାତନ ଘୋଷଯାତ୍ରା ଧୁମଧାମରେ ପାଳନ କରାଯାଇଥିଲା। ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆରେ ଏଥର ଘୋଷଯାତ୍ରା ୪୭ ବର୍ଷରେ ପଦାର୍ପଣ କରିଛି। ସେହିପରି ଏନ୍ଏସି ଅଞ୍ଚଳସ୍ଥିତ ତାଳପଦା ଓ ଶ୍ୟାମପୁରରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଭକ୍ତିର ସହ ପାଳିତ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ଧାମନଗର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା। ସେହିପରି କୋଠାର, ଅସୁରାଳି, କଲ୍ୟାଣୀ, ଗୋବିନ୍ଦପୁର, ପଳିକିରୀ, ଅନହରପୁର, ଇଛଦା, ଭଗବାନପୁର, ଚୁଡାକୁଟି, ଦୋବଲ, ସୋଧ, ଦିହୁଡି ଆନନ୍ଦପୁର, ଐତିହାସିକ ଗୋହିରାଟିକିରି ପୀଠ, କରଦା, ସୋହଡ଼ା, ଝାରଡିଆ, ଭଟପୁର, କୋରୁଆ, ନରସିଂହପୁର, ଧୂଷୁରୀ, ବେତାଳିଗାଁ, ରଇପୁର, ସାହୁସାହି, ନୂଆସାହି, ଅନଳଡିହ ଓ ଅନ୍ୟ ପଞ୍ଚାୟତରେ ତିନି ଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ଅଧିକାଂଶ ଗ୍ରାମରେ ପିଲାମାନଙ୍କ ଦ୍ୱାରା କୁନିରଥ ଟଣା ବେଶ ମନୋରମ ଦୃଶ୍ୟ ଥିଲା। ସୁରକ୍ଷା ଦୃଷ୍ଟିରୁ ଧାମନଗର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରଯାଇଥିଲା। ଧାମନଗର ବ୍ଲକ ଗୋବିନ୍ଦପୁର ଗାଁରେ ଘୋଷଯାତ୍ରାରେ ବରିଷ୍ଠ ନାଗରିକ ଫକୀର ମୋହନ ଜେନା ଛେରାପହଁରା କରିଥିଲେ। ଧୂଷୁରୀ ସ୍ଥିତ ରଥଯାତ୍ରାରେ ନରସିଂହପୁର(ଧୂଷୁରୀ) ଜଗନ୍ନାଥ ମନ୍ଦିରର ସଭାପତି ନିଶିକାନ୍ତ ସ୍ୱାଇଁ, ସମ୍ପାଦକ ନିରୋଦ କୁମାର ବେହେରା ଏବଂ ଶ୍ରୀ ଜଗନ୍ନାଥ କମିଟି ସଦସ୍ୟ ମାନଙ୍କ ଦ୍ୱାରା ଧୂଷୁରୀ ରଥଯାତ୍ରା ମହୋତ୍ସବ ପରିଚାଳନା କରାଯାଇଥିଲା।

**ଆରଡ଼ି:** ପବିତ୍ର ଶୈବପୀଠ ଆଖଣ୍ଡଳମଣିଙ୍କ ଧାମରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇ ଭକ୍ତମାନଙ୍କ ଦ୍ୱାରା ରଥଟଣା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥ ଟାଣିଟାଣି ନେଇ ମାଉସୀ ମା' ଘରେ ପହଞ୍ଚାଇବା ପରେ ଯଥାବିଧି ଅନୁସାରେ ମହାପ୍ରଭୁଙ୍କୁ ଭୋଗ ଲାଗି କରାଯାଇଥିଲା। ସେହିପରି ଭୂଇଁପୁର ଜଗନ୍ନାଥ ମନ୍ଦିର, ନାନ୍ଦପୁର, ମଠଡିହ ଓଳଗ, ଦୋହରାପାଟଣା, ସୁନ୍ଦରପୁର ଆଦି ଅଞ୍ଚଳରେ ଧୁମଧାମର ସହ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।



● ହରିବୋଲ କ୍ଷେତ୍ରରେ ଛେରାପହଁରା କଲେ ଜିଲ୍ଲାପାଳ

## ସୁଭଦ୍ରା ରଥକୁ ଟାଣିଲେ ମହିଳା



ଭଦ୍ରକ: ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର ଭଦ୍ରକ ବ୍ଲକ୍ କେଶପୁର ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ଘୋଷଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସକାଳ ୬ଟାରୁ ଦ୍ୱାରପାଳ ପୂଜା ପରେ ପରେ ନିର୍ଦ୍ଧାରିତ ସମୟସୂଚୀ କ୍ରମେ ସୂର୍ଯ୍ୟପୂଜା, ରଥ ସଂସ୍କାର ଧ୍ୱଜାରୋପଣ, ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହାପ୍ରଭୁଙ୍କର ସ୍ନାନ ଓ ପୂଜନ କାର୍ଯ୍ୟକ୍ରମ ପରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ତିନିରଥ ଉପରେ ପବିତ୍ର ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ। ଛେରାପହଁରା କାର୍ଯ୍ୟକ୍ରମ ପରେ .ରମାଳ ଫିଟାଯାଇ ରଥଟଣା ଆରମ୍ଭ ହୋଇଥିଲା। ମାତା ସୁଭଦ୍ରା ଦେବୀଙ୍କ ଦେବଦଳନ ରଥକୁ ସ୍ୱତନ୍ତ୍ର ଭାବରେ ମହିଳାମାନଙ୍କ ଦ୍ୱାରା ଟଣାଯାଇଥିଲା। ଶାନ୍ତିଶୃଙ୍ଖଳାର ସହ ତିନିରଥ ଟଣାଯାଇ ସନ୍ଧ୍ୟା ସୁଦ୍ଧା ତିହିଡ଼ି ବ୍ଲକ୍ ଗୁଆମାଳର ମୋଡ଼ସାହି ସ୍ଥିତ ମାଉସୀ ବାଡ଼ିରେ ପହଞ୍ଚିଥିଲା। ବେନ୍ତାଳ ଗ୍ରାମପଞ୍ଚାୟତ ସମିତିସଭ୍ୟ ସରୋଜ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତାଭାବେ ଶ୍ରୀଧର ପୁହାଣ, ନଗେନ୍ଦ୍ର ପ୍ରସାଦ ଦାସ, ବଳରାମ ପଣ୍ଡା, ସଂଜୀବ ସାହୁ, ରଘୁନାଥ ପଣ୍ଡା, ପୂଜକ ଜଗନ୍ନାଥ ପଣ୍ଡା ପ୍ରମୁଖ ଏହି ରଥଯାତ୍ରାର ଆୟୋଜନ ଓ ପରି.ଳନାରେ ସକ୍ରିୟ ସହଯୋଗ କରିଥିଲେ।

● ସାଳନ୍ଦୀ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିର

## ଛେରାପହଁରା କରନ୍ତି ଯନ୍ତ୍ରୀ



ଭଦ୍ରକ,୨୭ ।୬(ସମିସ): ଭଦ୍ରକ ସହର ସାଳନ୍ଦୀ ବାଇପାସ୍ ରାସ୍ତା କଡ଼ରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଗତ ୪ଦଶନ୍ଧି ଧରି ବେଶ ଧୂମ୍‌ଧାମରେ ମହାପ୍ରଭୁଙ୍କ ରଥଯାତ୍ରା ହୋଇଆସୁଛି। ଆଉ ଏହି ମନ୍ଦିରରେ ନିୟମିତ ଭାବେ ରଥଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୁଏ। ଏହି ରଥଯାତ୍ରାରେ ନିଆରା ପରମ୍ପରା ହେଉଛି ଦୀର୍ଘ ୪୦ବର୍ଷ ହେବ ରଥଯାତ୍ରାରେ ଛେରାପହଁରା ଜଣେ ଯନ୍ତ୍ରୀ ବା ଇଞ୍ଜିନିୟର କରିଥାନ୍ତି।

ପ୍ରକାଶ ଥାଉକି, ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନ ପ୍ରଚେଷ୍ଟାରେ ବାଇପାସ୍ ରୋଡ୍‌ରେ ଗତ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଛି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର। ଏହି ମନ୍ଦିରର ସବୁ ରୀତିନୀତି ସହ ରଥଯାତ୍ରା ବି ପାଳିତ ହୁଏ। ଅନେକ ଭକ୍ତଙ୍କ ସହାୟତା ଥିଲେ ବି ମନ୍ଦିର ପ୍ରତିଷ୍ଠା ଓ ପରିଚାଳନାରେ ସାଳନ୍ଦୀ କେନାଲ ଡିଭିଜନ କର୍ତ୍ତୃପକ୍ଷଙ୍କ ସିଂହଭାଗ ଅବଦାନ ରହିଥାଏ। ପ୍ରଥମେ ସାଳନ୍ଦୀ କେନାଲ ଡିଭିଜନର ନିର୍ବାହୀଯନ୍ତ୍ରୀ ଇଂ.ମୁରଲୀଧର ଧଳଙ୍କ ଅମଳରେ ରଥଯାତ୍ରା ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ସବୁ ବର୍ଷ ହୋଇ ଆସୁଥିବା ବେଳେ କାର୍ଯ୍ୟରତ ଜଣେ ବିଭାଗୀୟ ଯନ୍ତ୍ରୀ ଛେରାପହଁରା କରିଥାନ୍ତି। ସେବାୟତଙ୍କ ପୋଷାକ ପରିଧାନ କରିବା ସହ ନିରାମିଷ ଭୋଜନ କରି ରଥ ଯାତ୍ରାରୁ ବାହୁଡା ଯାତ୍ରାରେ ସେ ନିଷ୍ଠାର ସହ ରହିଥାନ୍ତି। ଏବର୍ଷ ମଧ୍ୟ ରଥଯାତ୍ରାରେ ପୂର୍ବ ବର୍ଷମାନଙ୍କ ଭଳି ଆସିଷ୍ଟାଣ୍ଟ ଇଂଜିନିୟରଇଂ.ଦୁର୍ଗାପ୍ରସନ୍ନ ତ୍ରିପାଠୀ ଆଜି ଅପରାହ୍ନରେ ରୀତିନୀତି ଅନୁଯାୟୀ ଛେରାପହଁରା କରିବା ପରେ ଶ୍ରୀଜୀଉଙ୍କ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟକ ପୁରୁଷ, ମହିଳା ଶ୍ରଦ୍ଧାଳୁ ଏହି ରଥଟଣାରେ ସାମିଲ ହୋଇଥିଲେ। ଏହି ରଥଯାତ୍ରାରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ହିତେଶ ସାହୁଙ୍କ ସହ ଏସ୍‌ଡିଓ ରାଇକନ୍ ବେସ୍ରା, ଆଇନଜୀବୀ ଅତିସ କୁମାର ବେହେରା ଓ ସମାଜସେବୀ ଅଶୋକ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂଜକ ସୁରେନ୍ଦ୍ର ପାଣି ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସାଳନ୍ଦୀ ବାଇପାସ୍ ଛକ ସ୍ଥିତ ମାଉସୀ ମା'ଙ୍କ ମନ୍ଦିରରେ ରଥ ସନ୍ଧ୍ୟାରେ ଆସି ପହଞ୍ଚିଥିଲା।

## ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍

ଭଦ୍ରକ,୨୭ ।୬(ସମିସ): ଓଭରବ୍ରିଜ୍ ଉପରୁ ଖସି ପଡିଲା ସିମେଣ୍ଟ ବୋଝେଇ ଟ୍ରକ୍। ତେବେ ସୌଭାଗ୍ୟକ୍ରମେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଏହାର ଚାଳକ। ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ୧୬ ନମ୍ବର ଜାତୀୟ ରାଜପଥରେ



ଆଜି ପୂର୍ବାହ୍ନରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ସୂଚନାନୁଯାୟୀ, ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଯାଜପୁର ଜିଲ୍ଲା ଢୁବୁରୀରୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଭିମୁଖେ ଯାଉଥିବା ବେଳେ ଚରମ୍ପା ନିକଟରେ ଏକ ବାଲି ବୋଝେଇ ହାଇୱା ସାଇଡ୍ ମାରିଥିଲା। ଫଳରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଭରବ୍ରିଜ୍‌ର ସାଇଡ୍ ଗାର୍ଡୱାଲ୍‌କୁ ଧକ୍କା ଦେଇ ତଳକୁ ଓଲଟି ପଡିଥିଲା। ତେବେ ଟ୍ରକ୍‌ର ଡ୍ରାଇଭର୍ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି।

## ଖବରକାଗଜ ବିତରକଙ୍କ ପରଲୋକ



ଧାମନଗର,୨୭ ।୬(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ବଣିଆ ସାହି ଗ୍ରାମର ଖବରକାଗଜ ବିତରକ ରବୀନ୍ଦ୍ର କୁମାର ଶଙ୍ଖୁଆ (୪୬)ଙ୍କର ମସ୍ତିଷ୍କାଘାତରେ ଦେହାନ୍ତ ହୋଇଛି। ମସ୍ତିଷ୍କାଘାତରେ ଆକ୍ରାନ୍ତ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଉତ୍ତମ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ସେ କୋମାରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବୀନ୍ଦ୍ର ଧାମନଗର ଅଞ୍ଚଳରେ ୧୬ ବର୍ଷ ଧରି ସମ୍ବାଦପତ୍ର ବିତରକ ଭାବେ କାର୍ଯ୍ୟ କରୁଥିଲେ। ଜଣେ ସରଳ ଅମାୟିକ ମଣିଷ ଭାବେ ସେ ସବୁବର୍ଗର ପ୍ରିୟ ଭାଜନ ହୋଇଥିଲେ। ରବୀନ୍ଦ୍ରଙ୍କ ଶେଷକୃତ୍ୟ ଧାମନଗର ଏନ୍ଏସି ଅଧୀନ ୭ ନମ୍ବର ୱାର୍ଡ ବଣିଆସାହି ଶ୍ମଶାନରେ ସମ୍ପନ୍ନ ହୋଇଛି । ରବୀନ୍ଦ୍ରଙ୍କ ବିୟୋଗରେ ଧାମନଗର ପ୍ରେସ୍ କ୍ଲବର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଗୁଳ୍ମ ଲତା ଭର୍ତ୍ତି ବିରୋଳୀ ମାଇନର

ବାରିକପୁର,୨୭ ।୬(ସମିସ): ଆଉ ଦିନ କେତଟା ପରେ ଖରିଫ୍ ଧାନ ଚାଷ ପାଇଁ ଚାଷ ଜମି ବେଉଷଣ କାମ ଆରମ୍ଭ ହେବ। ଚଳିତ ମାସରେ ଅପେକ୍ଷାକୃତ କମ୍ ବର୍ଷା ହୋଇଥିବା ବେଳେ ଜମିରେ ଏଯାଏଁ ପାଣି ଲାଗି ନାହିଁ। ତେଣୁ କୃଷକ ମାନେ କେନାଲ ପାଣିକୁ ଭରସା କରି



ହଳ ସହିତ ଜମି ରୁଆ କାର୍ଯ୍ୟ କରିବେ। ଏପରି ସ୍ଥଳେ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା କିଛି କେନାଲ ଏଯାଏଁ ଜରାଜୀର୍ଣ୍ଣ ହୋଇ ପଡ଼ିଛି। ତନ୍ମଧ୍ୟରୁ ମାଳଦା ନିକଟସ୍ଥ ବିରୋଳୀ ମାଇନର ଅନ୍ୟତମ। ଏହି ମାଇନର କେନାଲ ଟିର ଦୈର୍ଘ୍ୟ ପ୍ରାୟ ତିନି କିମି ହେବ। ଏହା ଉପରେ ବିରୋଳୀ ସମେତ, ଜଳହରି, ସାରଣା, ନପଙ୍ଗ, ଟାଙ୍ଗୁଆ, ସାରଣା, ବରାହ ନୂଆପଡା ପ୍ରମୁଖ ଗ୍ରାମର ଶହଶହ ଚାଷୀ ନିର୍ଭର କରିଥାନ୍ତି। ଜଳ ପରିବହନ ପାଇଁ କେନାଲ ଯଦିଓ ସୁଦୃଢ ରହିଛି କିନ୍ତୁ କେନାଲ ଗର୍ଭରେ ଲତା ଗୁଳ୍ମ ମାଡି ଯାଇଛି। ସ୍ଥାନେ ସ୍ଥାନେ ଅମରି ବଣ ସହିତ ଘାସ ଲଟାରେ ମାଇନରଟି ପରିପୂର୍ଣ୍ଣ ହୋଇଛି। ଏଭଳି ଅବସ୍ଥାରେ କେନାଲ ପାଣି ଆସିଲେ ସମସ୍ତ ଚାଷ ଜମିରେ ପହଞ୍ଚିବା ସମ୍ଭବ ହେବନାହିଁ ବୋଲି ସ୍ଥାନୀୟ ଚାଷୀ ମାନେ ଜଣାଇଛନ୍ତି। ତେଣୁ ଏହା ଉପରେ ଜଳସମ୍ପଦ ବିଭାଗ ଦୃଷ୍ଟି ଦେଇ ଯଥାଶୀଘ୍ର କେନାଲ ସଫେଇ ପାଇଁ ଦାବି ହୋଇଛି।

## ମିଳୁନି ଜାତି ଓ ଜନଜାତିଙ୍କ ଜମି ବିକ୍ରି ପାଇଁ ଅନୁମତି

ଧାମନଗର,୨୭ ।୬(ସମିସ): ଭୂ-ଆଇନ ୨୨ ଧାରା ଅନୁଯାଇ ସରକାର ଅନୁସୂଚିତ ଜାତି ଓ ଜନ ଜାତି ମାନଙ୍କର ବିଭିନ୍ନ କାର୍ଯ୍ୟ ନିମନ୍ତେ ଯଥା-ଝିଅ ବାହାଘର, ମେଡ଼ିକାଲ ଚିକିତ୍ସା, ପିଲାଙ୍କ ପାଠପଢ଼ା ନିମନ୍ତେ ଅର୍ଥର ଆବଶ୍ୟକତା ଥିବାରୁ ସେମାନେ ଜମି କିଣା ବିକା କରି ନ ପାରିବାରୁ ନାନାଦି ହଇରାଣ ହରକତ ହେଉଛନ୍ତି। ପ୍ରକାଶ ଥାଉକି ସରକାରଙ୍କ ନିୟମ ଅନୁଯାଇ ନିଜର ବଳକା ଜମିକୁ ଅନ୍ୟ ଲୋକଙ୍କୁ ବିକ୍ରି କରିବା ପାଇଁ ୨୨ ଧାରା ନିୟମ ଅନୁଯାଇ ସରକାରଙ୍କ ଠାରୁ ଅନୁମତି ନେବାର ବ୍ୟବସ୍ଥା ରହିଛି। କୌଣସି ପରିସ୍ଥିତିରେ ସରକାର ନିର୍ଦ୍ଧାରିତ ଜମିର ମୂଲ୍ୟ ବିକ୍ରେତା କମ ନ ପାଉ। ଏବେ ଅନୁସୂଚିତ ଜାତି ଜନଜାତିର ଲୋକ ମାନେ ବିଭିନ୍ନ ସମସ୍ୟା ନେଇ ଜମି କିଣା ବିକା ପାଇଁ ଶହ ଶହ ଦରଖାସ୍ତ ତଳ ଅଫିସରୁ ସୁପାରିଶ ହୋଇ ଅନୁମତି ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ଅଫିସରେ ପଡ଼ିରହିଛି। ଫଳରେ ଗରିବ ଅନୁସୂଚିତ ଜାତି ଓ ଜନଜାତି ଲୋକ ବହୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ସୂଚନା ଥାଉକି ଏବେ ସରକାର ନୂଆ ନିୟମ ଘୋଷଣା କରିଛନ୍ତି ପରନ୍ତୁ ତାହା କାର୍ଯ୍ୟକାରୀ ହୋଇ ନଥିବା ବେଳେ ପୁର୍ବ ଆଇନ ପରିବର୍ତ୍ତନ ନ ହୋଇ ଥିବା ବେଳେ ଏବେ ସେମାନଙ୍କ ଜମିକୁ ବିକ୍ରି ଓ କିଣାକୁ ବନ୍ଦ କରାଯାଇଛି। ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଜନଜାତି ଓ ଜାତିର ଲୋକ ମାନେ ଦାବି କରିଛନ୍ତି।

**୫୪ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା**

## ଭଦ୍ରକ ଜିଲ୍ଲାରୁ ଦିପ୍ତିମୟୀ ମନୋନୀତ



ଭଦ୍ରକ,୨୭ ।୬(ସମିସ): ଗୁଜୁରାଟର ଭୁଜ୍ ଠାରେ ଆରମ୍ଭ ହେବାକୁ ଯାଉଥିବା ୫୪ତମ ଜାତୀୟ ବରିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ୨୮ ଜୁନ୍‌ରେ ଆରମ୍ଭ ହୋଇ ୩ ଜୁଲାଇ ୨୦୨୫ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତାର ୧୬ ଜଣିଆ ମହିଳା ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ମହିଳା ଦଳରେ ଭଦ୍ରକ ସ୍ପୋର୍ଟସ ଏକାଡେମୀରୁ ଦିପ୍ତିମୟୀ ଦାସ ସ୍ଥାନ ପାଇଛନ୍ତି। ଦିପ୍ତିମୟୀ ଏସ୍‌ବିଡି ଇଣ୍ଟରନେସନାଲ୍ ସ୍କୁଲରେ ଏହି ବର୍ଷର +୨ କଳାର ଦ୍ୱିତୀୟ ବର୍ଷରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ, ଏସ୍‌ବିଡି ଇଣ୍ଟରନେସନାଲ ସ୍କୁଲର ଅଧ୍ୟକ୍ଷ ଓ ଚେୟାରମେନ୍ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ସ୍କୁଲର ଶାରୀରିକ କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ, ସଂଗ୍ରାମୀ ଦେବୀଦତ୍ତ ନାୟକ, ସ୍ୱୟମ୍ଭୁ ପ୍ରସାଦ ଦାଶ ଓ ତପନ କୁମାର ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଧୂଷୁରୀ ସମବାୟ ସମିତିରେ ଅନିୟମିତତା; ୫ଦିନ ଧରି ପଡ଼ି ରହି ଗଜା ହେଲାଣି ଧାନ

ଅସୁରାଳି,୨୭ ।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଧୂଷୁରୀଠାରେ ଖୋଲିଥିବା ରବି ଧାନମଣ୍ଡିରେ ଅବ୍ୟବସ୍ଥା। ଆଖଣ୍ଡଳମଣି-ଭଦ୍ରକ ରାସ୍ତା ପାର୍ଶ୍ୱରେ ଥିବା ଏକ କାଠ ଗୋଲାରେ ଅସ୍ଥାୟୀ ମଣ୍ଡି ଖୋଲିଥିଲା। ତେବେ ଧୂଷୁରୀ ସେବା ସମବାୟ କେନ୍ଦ୍ରରେ ଅବସ୍ଥାପିତ ନୋଡାଲ ଅଫିସର ତଞ୍ଚକତା କରି ଚାଷୀମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଯେଉଁମାନେ କ୍ୱିଣ୍ଟାଲ ପିଛା ୧୨ରୁ ୧୬ କିଗ୍ରା କଟାଣିରେ ସେମାନଙ୍କ ଧାନ କିଣି ମିଲ୍‌କୁ ପଠାଉଛନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିବା ସହ ଧାନମଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କିଛି ଚାଷୀ ମଣ୍ଡିକୁ ଆଣିଥିବା ନିଜ ଧାନକୁ ୫ ଦିନ ହେଲା ବର୍ଷାରେ ପଲିଥିନ ଢାଙ୍କି ଘୋଡାଇ ରଖିଛନ୍ତି। ବିଶେଷ କରି ଜଣେ ଚାଷୀ ଭବରଞ୍ଜନ ମହାନ୍ତିଙ୍କ କହିବା ଅନୁଯାୟୀ ତାଙ୍କର ୨୨ କ୍ୱିଣ୍ଟାଲ ୮୦ କିଲୋ ଟୋକନ୍‌ରେ ଆସିଛି। ୫ଦିନ ଧରି ଧାନ ପଡ଼ି ରହିଛି। ବର୍ଷାରେ ଭିଜି ଗଜା ହେବାକୁ ବସିଲାଣି ହେଲେ ଧାନ ଉପରେ ଦୃଷ୍ଟି ଦେଉନାହାନ୍ତି ସମବାୟ ସମିତ। ସେ କିଛି ଦିନ ତଳେ ସମବାୟ ସମିତି ବିରୋଧରେ ସିଏସଓଙ୍କୁ ଅବଗତ କରାଇଥିବାରୁ ତାଙ୍କ ଧାନକୁ



୫ଦିନ ଧରି ପକେଇ ରଖିଛନ୍ତି। ଜଣେ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଭୋକ ଉପାସରେ ନିଜ ଧାନକୁ ଜଗି ରହିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ଧାନର ମାନ ନିର୍ଣ୍ଣୟ କରୁଛନ୍ତି ମିଲ୍ କର୍ମଚାରୀ। ସେମାନେ ସିଧା ସଳଖ ମଣ୍ଡିରେ ଠିଆହୋଇ ଚାଷୀ ମାନଙ୍କୁ ବାଲି, ଗୋଡି, ଅଗାଡି ଆଦି ରହିଥିବା ଦର୍ଶାଯାଇଥିବା କାଗଜରେ ଦସ୍ତଖତ କରିବାକୁ ବାଧ କରୁଥିଲେ। ମିଲ ମାଲିକ ଭଦ୍ରକର ଶାସକ ଦଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି। ତାଙ୍କ ଇସାରାରେ ମଣ୍ଡିରେ ବେନିୟମ ହେଉଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ କହିଛନ୍ତି। କଟ୍‌ନୀ ଛଟନୀ ବିଷୟରେ ଏମଆଇଙ୍କ ଠାରୁ ସିଏସଓ ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ବି କୌଣସି ଲାଭ ମିଳି ପାରିଲାନି ବୋଲି ଚାଷୀ ସନ୍ତୋଷ ପଣ୍ଡା, ଭବରଞ୍ଜନ ମହାନ୍ତି, ଅନିଲ ଦାସ, ଅଶୋକ ରାୟ ମହାପାତ୍ର, ପ୍ରଦୀପ ବେହେରା, ବିରେନ୍ଦ୍ର ପ୍ରଧାନ, ମାନସ ମହାଳିକ ପ୍ରମୁଖ ମଣ୍ଡିରେ ହୋ ହାଲ୍ଲା କରିବା ସହ ୧୨ କିଗ୍ରା କଟନିକୁ ବିରୋଧ କରିଥିଲେ। ତୁରନ୍ତ ଯଦି କିଛି ସମାଧାନ ନହୁଏ, ତେବେ ରାସ୍ତାରେ ଧାନ ଢାଳି ପ୍ରତିବାଦ କରାଯିବ ବୋଲି ଏହି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ପାଳିଆବିନ୍ଧା କଲେଜ ବାର୍ଷିକ ମୁଖପତ୍ର 'ପ୍ରଭଞ୍ଜନ' ଉନ୍ମୋଚିତ

ତିହିଡ଼ି,୨୭ ।୬(ସମିସ): ପ୍ରତିଟି ମଣିଷ ସର୍ଜନଶୀଳ। ଏହା ନିରନ୍ତର ସାଧନାର ଅପେକ୍ଷା ରଖେ। ହେଲେ ଉପେକ୍ଷାରେ ଏହା ଅବଦମିତ ହୋଇଯାଏ। କଲେଜ ଜୀବନ ଛାତ୍ରଛାତ୍ରୀଙ୍କର ସର୍ଜନଶୀଳତା ବୃଦ୍ଧି କରିବା ସହ ସେମାନଙ୍କ ପାଇଁ ସାମଗ୍ରିକ ବିକାଶପଥ ଉନ୍ମୁକ୍ତ କରେ ଏବଂ କଲେଜ ପତ୍ରିକାରୁ ଅଧିକାଂଶ ଲେଖକୀୟ ଜୀବନ ଆରମ୍ଭ ହୋଇଥାଏ ବୋଲି ସ୍ଥାନୀୟ ପାଳିଆବିନ୍ଧା ବିଏନଏମ୍ଏ କଲେଜର ବାର୍ଷିକ ମୁଖପତ୍ର ପ୍ରଭଞ୍ଜନ ୨୦୨୪-୨୫ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ସମ୍ପାଦକ ଡକ୍ଟର ବିଶ୍ୱରଂଜନ ଦାସଙ୍କ ପୌରୋହିତ୍ୟରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ଉଦଘାଟକ ଭାବେ ଯୋଗଦେଇ 'ପ୍ରଭଞ୍ଜନ' ଲୋକାର୍ପଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉର୍ଦ୍ଦୁ ବିଭାଗ ସମ୍ପାଦକ ବରିଷ୍ଠ ଅଧ୍ୟାପକ ମଞ୍ଜୁର ଅହମ୍ମଦ ଖାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମଣ୍ଡଳୀ ସଦସ୍ୟା ଭାବେ ଅଧ୍ୟାପିକା ପଦ୍ମାଳୟା ଖଟୁଆ, ଡ.ସୁଜାତାରାଣୀ ଗିରି, ଡ.ରଜନୀଗନ୍ଧା ପତି ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ସାରସ୍ୱତ ଜୀବନର ଅଭ୍ୟୁଦୟ କାମନା କରିଥିଲେ। ଅଧ୍ୟାପିକା ହୀରକଲତା ଦାଶ, ଅନୀତା ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ବେହେରା, ପୁଷ୍ପଲତା ଦାସ, ଗାୟତ୍ରୀ ବେହେରା, ସ୍ୱପ୍ନା ରାୟ, ଜ୍ୟୋତିର୍ମୟୀ ପ୍ରଧାନ, କାଇନାତ୍ ପରୱିନ୍, ଅଧ୍ୟାପକ ରାମଚନ୍ଦ୍ର ବେହେରା, ଦେବାଶିଷ ଦାସ, ଭାଗିରଥୀ ଜେନା, ଡ.ମନୋଜ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ସାଇକ୍ରିଷ୍ଣା ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଛାତ୍ର ସିଦ୍ଧାନ୍ତ ପାତ୍ର, ଛାତ୍ରୀ ସମୀକ୍ଷା ସାମଲ, ସରିତା ନାୟକ ଓ ସୁରକ୍ଷାକର୍ମୀ ରଞ୍ଜନ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇଂରାଜୀ ବିଭାଗ ସମ୍ପାଦକ ଅଧ୍ୟାପକ ସୌମେନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାଦୁଅ ପଚପଚ ଚାପୁଣ୍ଡିଆ ସାହି ରାସ୍ତା



ବନ୍ତ/ଆଗରପଡ଼ା,୨୭।୬(ସମିସ): ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ସ୍ଥିତ ବିସଲକଣା ଗାଁ ଅର୍ନ୍ତଗତ ଚାପୁଣ୍ଡିଆ ସାହି ସ୍ୱାଧୀନତାର ବହୁ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନଙ୍କ ନଜର ଆଢୁଆଳରେ ରହିଯାଇଛି। ଏହି ସାହିକୁ ଆଜିଯାଏ ଭଲ ରାସ୍ତାଟିଏ ନିର୍ମାଣ ହୋଇନପାରିବା ବଡ ଦୁôô଼ଖ ଓ ଅନୁତାପର ବିଷୟ ଅଟେ। ଭଲ ରାସ୍ତାଟିଏ ନଥିବାରୁ ଲୋକମାନେ ନାନାଦି ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତ। ଏଠାରେ ପାଖାପାଖି ଶହେ ଲୋକ ବସବାସ କରନ୍ତି। ସେଥିରୁ ପାଖାପାଖି ୭୦ ଜଣ ଭୋଟର ଅଟନ୍ତି। ଛୋଟ ଛୋଟ କୋମଳମତୀ ପିଲାମାନେ ଅଧ୍ୟୟନ କରିବାକୁ ସ୍କୁଲ,କଲେଜ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାକୁ ଏହି ରାସ୍ତା ଟି ସଂଯୋଗ କରୁଛି। ଖାଲଖମାରେ ଭର୍ତ୍ତି ଏହି ରାସ୍ତାଟି ଅତି ସଂକୀର୍ଣ୍ଣ ଥିବାରୁ ସାଇକେଲଟିଏ ମଧ୍ୟ ସୁବିଧା ଭାବେ ଯାଆଆସ କରିପାରିନଥାଏ। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଏହି ରାସ୍ତା ଦେଇ ଯିବା ଆଦୌ ସମ୍ଭବପର ହୋଇପାରୁ ନାହିଁ। ରାସ୍ତା ସାରା କାଦୁଅ ପଚପଚ। ଏପରି ଅବସ୍ଥାରେ ଖାଲିପାଦରେ ଯିବା ମଧ୍ୟ ସମ୍ଭବପର ନୁହେଁ। ରାତିରେ ଏହି ରାସ୍ତାରେ ଯିବା ଅର୍ଥ ମରଣକୁ ଡ଼ାକିବା। ଏହି ପରି ଅବସ୍ଥାରେ ଗାଁ ଲୋକମାନେ ଯା'ଆଆସ କରୁଛନ୍ତି। ସବୁ ସାହିକୁ କଂକ୍ରିଟ ରାସ୍ତା ହେଉଛି ବୋଲି ସରକାର ଡ଼ିଣ୍ଡିମ ପିଟୁଥିବା ବେଳେ ବିସଲକଣା ଗାଁକୁ କଂକ୍ରିଟ ରାସ୍ତା ସାତସପନ ପାଲଟିଛି। ଉକ୍ତ ରାସ୍ତାକୁ ସ୍ଥାୟୀ ରାସ୍ତାରେ ପରିଣତ କରିବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆଖଣ୍ଡଳମଣି-କୁଆଖିଆ ଜାତୀୟ ରାଜପଥ ନିମ୍ନମାନର ନିର୍ମାଣ

# ଲାଗିନି ସୂଚନା ଫଳକ; କାଦୁଅ ବାଲିରେ ଚାଲିଛି କଂକ୍ରିଟ

ଭଦ୍ରକ/ଆରଡ଼ି,୨୭ ।୬(ସମିସ)



ରାଜ୍ୟର ଅନନ୍ୟ ଶୈବକ୍ଷେତ୍ର ଆରଡ଼ିଧାମକୁ ଆଗନ୍ତୁକ ଭକ୍ତ ଯେପରି ସୁଗମ ଭାବେ ଯାତାୟତ କରିବେ ସେଥିପାଇଁ କୁଆଖିଆ ଆଖଣ୍ଡଳମଣି ପୀଠ ଯାଏଁ ୨୦ନଂ ଜାତୀୟ ରାଜପଥ ରହିଛି। ଏହି ରାସ୍ତାର ଆରଡି ପୀଠ ପ୍ରବେଶ ପଥ ବାଇପାସ ଠାରୁ ଚାରିଛକ ପର୍ଯ୍ୟନ୍ତ ଦୀର୍ଘବର୍ଷ ହେବ ଅତି ଶୋଚନୀୟ ହୋଇ ପଡିବା ସହ ଖାଲଖମା ସୃଷ୍ଟି ହୋଇଥିଲା। ଏପରି ସମସ୍ୟା ବାବଦରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜାତୀୟରାଜପଥ କଟକ ଡିଭିଜନ ପକ୍ଷରୁ ୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଏବେ ଉକ୍ତ ରାସ୍ତାର ନବୀକରଣ କରାଯାଉଛି। ହେଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁମେଂଟ ଯୋଗୁ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ସବୁଠାରୁ ବଡକଥା ହେଲା କୋଟିକୋଟି ଟଙ୍କାର କାମ ହେଉଥିବା ବେଳେ ସୂଚନା ଫଳକଟିଏ ମଧ୍ୟ ଲଗିଯାଇନାହିଁ। ତାହାସହ ଲଗାଣବର୍ଷାରେ କାଦୁଅକାଦୁଅ ପଚପଚ ରାସ୍ତାକୁ ମାଟିମିଶା ବାଲି ପକାଇ ତରବରିଆ ଭାବେ ରାତି ଅର୍ଧରେ ଠିକାଦାର କାର୍ଯ୍ୟ କରିଚାଲିଛି। ଏ ବାବଦରେ ବିଭାଗୀୟ ଏସଡିଓ ଓ କନିଷ୍ଠଯନ୍ତ୍ରୀ ଜାଣି ମଧ୍ୟ ନିଦାବିଷ୍ଟୁ ସାଜିଥିବା ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ରାସ୍ତା ଆରମ୍ଭର ଶେଷ ଯାଏଁ ଅଣ ଓସୋରିଆ ରାସ୍ତା ହୋଇଥିବାରୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତାକୁ ଜବରଦଖଲ କରି ବାଡ ବସାଇବା ସହ କଂକ୍ରିଟ ପିଣ୍ଡି କରି ରଖିଥିବାରୁ ପୀଠକୁ ଆସୁଥିବା ଭକ୍ତଙ୍କ ଗାଡି ସହ ସ୍ଥାନୀୟ ଲୋକଙ୍କ ଗାଡି ଯାତାୟତରେ ପ୍ରତିଦିନ ବାଧକ ସାଜୁଛି। ଫଳରେ ପ୍ରତି ସୋମବାର ଓ ବିଭିନ୍ନ ପର୍ବପର୍ବାଣୀରେ ଆଗନ୍ତୁକ ଭକ୍ତ ମଠଡିହ କୁଳେଇପଦା ଠାରୁ ଦୀର୍ଘ ୭-୮ କିମି ବୁଲି ମନ୍ଦିର ପାଖକୁ ଆସୁଛନ୍ତି। ଅନ୍ୟପଟେ କାର୍ଯ୍ୟରତ ଠିକାଦାର ଘରୋଇ ଜାଗାରେ ଜୋର ଜବରଦସ୍ତ କଂକ୍ରିଟ କରୁଥିବା ଜମି ମାଲିକ ଶେଷଦେବ ପାଢୀ, ଚନ୍ଦ୍ରକାନ୍ତ ପାଢୀ, କ୍ଷିରୋଦ ପାଢୀ ପ୍ରମୁଖ ଅଭିଯୋଗ କଲେ ଠିକାଦାର ନାଲି ଆଖି ଦେଖାଇବା ସହ ପୋଲିସ ଧମକ ଦେଉଛି। ଏପରି ସମସ୍ୟାର ଯଦି ସମାଧାନ ନହେବ ତାହାଲେ ଆଗାମୀ ଦିନରେ ଜମି ମାଲିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରୋକଠୋକ କହିଛନ୍ତି। ନିମ୍ନମାନର କାର୍ଯ୍ୟ ଓ ସୂଚନାଫଳକ ବାବଦରେ ବିଭାଗୀୟ ଏସଡିଓଙ୍କୁ ପଚାରିବାରୁ ରାସ୍ତାରେ କଂକ୍ରିଟ ହେବା ପୂର୍ବରୁ ଉଭୟ ପାର୍ଶ୍ୱରେ ସାଢେଚାରି ଫୁଟର ସୁରକ୍ଷା ପ୍ରାଚେରୀ ଉଠିବା ପରେ ବାଲି ଓ ମେଣ୍ଟାଲିଂ କରାଯାଇ ପରେ କଂକ୍ରିଟ କାର୍ଯ୍ୟ ହେବାର ବ୍ୟବସ୍ଥା ରହିଛି। ହେଲେ ଏପଟେ କନିଷ୍ଠଯନ୍ତ୍ରୀ ଓ ଠିକାଦାର କହିଛନ୍ତି ରାସ୍ତା ଅଣ ଓସାରିଆ ଓ ଗଛ ରହିଥିବାରୁ ସୁରକ୍ଷା ପ୍ରାଚେରୀ ଉଠାଯାଇପାରିବ ନାହିଁ। ତେଣୁ ଗଛମୂଳରେ କଂକ୍ରିଟ କରାଯାଇ ରସ୍ତା କାର୍ଯ୍ୟ କରାଯାଉଛି। ଯେଉଁ କାର୍ଯ୍ୟ ହେଉଛି ପଙ୍କ କାଦୁଅ ପାଣିରେ ସିମେଣ୍ଟ ଗୋଳାଯାଉଥିବା ବେଳେ ଗଛ ମୂଳରୁ ଚେର କଢାଯାଉନଥିବାରୁ ରାସ୍ତାର ସ୍ଥାୟୀତ୍ୱକୁ ପ୍ରଶ୍ନ କରିଛନ୍ତି ବୁଦ୍ଧିଜିବୀ। ଏ ବାବଦରେ ଜାତୀୟରାଜପଥର ଉଚ୍ଚ ପ୍ରଦାଧିକାରୀ ଦୃଷ୍ଟି ଦେବା ସହ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକ।



ବାସୁଦେବପୁର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ରଥଯାତ୍ରା (ଫଟୋ-ସିପୁନ)

# ବାଲେଶ୍ୱର ଆଲଏଜ୍ ଟାଉନସିପ୍ ପାଇଁ ଭୂମିପୂଜା



ସୁକିନ୍ଦା,୨୭।୬(ସମିସ): ସୁକିନ୍ଦା ସ୍ଥିତ ବାଲେଶ୍ୱର ଆଲଏଜ୍ ପ୍ରକଳ୍ପ ନିକଟରେ ଟାଉନସିପ୍ (କର୍ମଚାରୀ ଆବାସ) ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଆଲଏଜର ଖଣି ଓ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀମାନଙ୍କ ରହିବା ଅସୁବିଧାର ସ୍ଥାୟୀ ସମାଧାନ ପାଇଁ କମ୍ପାନୀ ସୁକିନ୍ଦା ସ୍ଥିତ ପ୍ରକଳ୍ପ ନିକଟରେ ଟାଉନସିପ୍ ନିର୍ମାଣ ପାଇଁ ସିଦ୍ଧାନ୍ତ କରିବା ପରେ ଶ୍ରୀଗୁଣ୍ଡିଚା ଅବସରରେ କମ୍ପାନୀ ପକ୍ଷରୁ ଭୂମିପୂଜା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମ୍ୟାନେଜିଂ ଡାଇରେକ୍ଟର ଅରୁଣ କୁମାର ଜେନା, ଖଣି ମୁଖ୍ୟ ବିଶ୍ୱରଞ୍ଜନ କୁମାର ପାଢ଼ୀ, ମାନବସମ୍ବଳ ଅଧିକାରୀ ରଞ୍ଜିତ କୁମାର ବିଶ୍ୱାଳ, ଜିଏମ୍ ମନ୍ଦରଧର ସାହୁ, ପ୍ଲାଣ୍ଟ ମୁଖ୍ୟ ଶିବ କୁମାର ଦବ୍ରୀୱାଲ, ଗୁରୁପ୍ରୀତ ସିଂ, ପୁନମ ୱାଗ୍ମ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଖିବାକୁ ମିଳୁନି ଅନ୍ଧିଲି, ଖଇଁଚି ଓ ମୁଗୁରା



ବନ୍ତ/ଆଗରପଡ଼ା, ୨୭।୬ (ସମିସ): ଅଲଧୁନିକ ଯୁଗରେ ଆଧୁନିକତ୍ୱର ପରିଭାଷା ମଧ୍ୟରେ ହଜିଯାଇଛି ବହୁ ଜିନିଷ। ତା'ମଧ୍ୟରେ ଆଉ ଦେଖିବାକୁ ମିଳୁନି ମାଛ ଧରିବା ଅନ୍ଧିଲି, ଖଇଁଚି ଓ ମୁଗୁରା। ପୂର୍ବରୁ ନାଳ ପାଣିରେ ଅନ୍ଧିଲି, ଖଇଁଚି ଓ ମୁଗୁରା ବସାଇ ଲୋକେ ମାଛ ଧରି ଖାଉଥିଲେ। ମାତ୍ର ସେଗୁଡ଼ିକ ଆଉ ଦେଖିବାକୁ ମିଳୁ ନାହିଁ। ବର୍ତ୍ତମାନ ପିଲାମାନଙ୍କ ପାଇଁ ଏହା ଇତିହାସ ପାଲଟିଲାଣି। ଅନ୍ଧିଲି, ଖଇଁଚି ଓ ମୁଗୁରା କଣ ପ.ରିଲେ ସେମାନେ ଜାଣି ପାରୁ ନାହାଁନ୍ତି। ପୂର୍ବରୁ ସମସ୍ତଙ୍କ ଘରେ ଦୁଇ, .ରୋଟି ଏହି ଜିନିଷ ଥିବାର ଦେଖିବାକୁ ମିଳୁଥିଲା। .ଷ ବେଳେ ଜମିରେ ସାର, ବିଷ ପରି ଅତି ଉତ୍କଟ କ୍ଷତିକାରକ ଦ୍ରବ୍ୟ ପଡ଼ିବାରୁ ମାଚ ବଂଶ ଲୋପ ପାଇଲେ ଯଦ୍ୱାରା ଏହି ଅନ୍ଧିଲି, ଖଇଁଚି ଓ ମୁଗୁରା ସମସ୍ତଙ୍କ ପଇଁ ଅନାବଶ୍ୟକ ହୋଇ ପଡ଼ିଲା। ବିଶେଷ କରି ବର୍ଷା ଦିନେ କିଆରୀ ଗୁଡ଼ିକରେ ପାଣି ପଶି ଆଗକୁ ଗଡ଼ି.ଲେ ହିଡ଼ରେ ଘାଇ କରି ଏହି ଅନ୍ଧିଲି, ଖଇଁଚି ଓ ମୁଗୁରା କୁ ସଂଧ୍ୟା ବେଳେ ବସାଯାଏ। ସକାଳୁ ମାଛ ଗୁଡ଼ିକ ଏହା ମଧ୍ୟକୁ ପାଣି ସୁଅରେ ପଶିଯାଇ ଆଉ ବାହାରି ପାରନ୍ତି ନାହିଁ। ଚିଙ୍ଗୁଡ଼ି, ତୁଡ଼ି, ଚେଙ୍ଗ, ଗଡ଼ିଶା, କଉ, ସିଙ୍ଗି, କଣ୍ଟିଆ ଆଦି ଧରଣର ମାଛ ମିଳିଥାଏ। ଆବଶ୍ୟକ ଠାରୁ ଅଧିକ ପରିମାଣରେ ମାଛ ପ୍ରତିଦିନ ମିଳୁଥିବାରୁ ଲୋକେ ଏହାକୁ ଖାଇ ଅବଶିଷ୍ଟକୁ ଶୁଖୁଆ କରିଥାନ୍ତି। ମାତ୍ର ବର୍ତ୍ତମାନ ଏହି ଧରଣର ମାଛ ମିଳିବା ସ୍ୱପ୍ନ ଓ ଏହା ଆଉ ବିଲବାଡ଼ି ପାଣିରେ ମିଳୁ ନାହାଁନ୍ତି। ଆୟତ କ୍ଷେତ୍ର ସଦୃଶ୍ୟ ଅଟେ ଅନ୍ଧିଲି। ବାଉଁଶ କାଠିରେ ନିର୍ମିତ ଅନ୍ଧିଲି ବିଭିନ୍ନ ସାଇଜ୍‌ରେ ଦେଖିବାକୁ ମିଳେ। ଏହି କାଠିକୁ ଝୋଟ ସୂତାରେ ବୁଣା ଯାଇଥାଏ ଖଇଁଚି ଲମ୍ବା ସାଇଜରେ ଅଟେ। ମାତ୍ର ଏହିପରି ଜିନିଷମାନ ସଂପୂର୍ଣ୍ଣ ଭାବେ ବିଲୋପ ହୋଇଗଲାଣି।

# ମରାମତି ହେଲା ବୋଡ଼କମୁଆଜିବ୍ ରାସ୍ତା



ବନ୍ତ/ଆଗରପଡ଼ା,୨୭।୬(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅଧୀନ ୧୧ନଂ ଏବଂ ୧୨ନଂ ୱାଡର୍ ଅର୍ନ୍ତଗତ ବୋଡ଼କମୁଆଜିବ୍ ଗାଁ ରାସ୍ତା ମରାମତି କରାଯାଇଛି। ଆଗରପଡ଼ା-ଭଦ୍ରକ ମୁଖ୍ୟ ରାସ୍ତାର ବୋଡ଼କ ଛକ ଠାରୁ ଏକ ରାସ୍ତା ଏହି ଗାଁକୁ ସଂଯୋଗ କରୁଛି। ଯାହାର ଦୂରତା ପାଖାପାଖି ୩୦୦ମିଟର। ଏହି ମୋରମ ବିଛା ରାସ୍ତା ବର୍ଷା ପାଣିରେ ଧୋଇ ହୋଇ ଯିବା ଦ୍ୱାରା ମେଟାଲ ଗୁଡ଼ିକ ଉପରକୁ ଉଠି ଯାତାୟାତରେ ଘୋର ଅସୁବିଧା ସୃଷ୍ଟି କରୁଥିଲା। ଗାଁ ଭିତରକୁ ସଂଯୋଗ କରୁଥିବା ରାସ୍ତାକୁ ଖରାଦିନିଆ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନଥିଲା। ଅନ୍ୟ ଦିନମାନଙ୍କରେ ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ଶଂକୁଳ। ରାସ୍ତା ସଂକୀର୍ଣ୍ଣତା ଯୋଗୁଁ ଚାରିଚକିଆ ଯାନ ଯିବା ଆଦୌ ସମ୍ଭବ ହେଉନଥିଲା। ଯଦ୍ୱାରା ଦମକଳ କିମ୍ବା ଆମ୍ବୁଲାନ୍ସ ଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଥିଲେ ଏବଂ ଆସିଲେ ଗାଁ ଠାରୁ ପାଖାପାଖି ୨୦୦ ମିଟର ଦୂରରେ ରହୁଥିଲେ। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଖାଲ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ଯାଉଥିଲା। ଯଦ୍ୱାରା ଗମନା ଗମନରେ ଘୋର ଅସୁବିଧା ସୃଷ୍ଟି ହେଉଥିଲା। ରାସ୍ତା ଅବସ୍ଥା ଯୋଗୁଁ ଗ୍ରାମବାସୀମାନେ ବ୍ଲକ,ତହସିଲ ଆଦି କାର୍ଯ୍ୟାଳୟ ଓ ଆଗରପଡ଼ା ବଜାରକୁ ଆସିବାରେ ଘୋର ଅସୁବିଧାର ସମ୍ମୁଖିନ ହେବା ସହ ଗାଁ ଭିତରେ ନିର୍ମିତ କଂକ୍ରିଟ ରାସ୍ତା ଏହି ସବୁ ସମସ୍ୟା ଯୋଗୁ ମୂଲ୍ୟହୀନ ହୋଇପଡ଼ିଥିଲା। ରାସ୍ତା ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଆସୁଥିଲେ। ବର୍ତ୍ତମାନ ଏମଜିଏନଆରଜିଏସ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୬ଲକ୍ଷ ଟଙ୍କା ଅନୁଦାନ ଅର୍ଥରେ ଆଗରପଡ଼ା-ଭଦ୍ରକ ପର୍ତ୍ତ ବିଭାଗ ରାସ୍ତାର ବୋଡ଼କ ଛକ ଠାରୁ ବୋଡ଼କମହାଜିବ ସ୍କୁଲ ପର୍ଯ୍ୟନ୍ତ ମେଟାଲ-ମହରମ ରାସ୍ତା ନିର୍ମାଣ ହେଉଥିବା ଜଣାପଡ଼ିଛି।

# ବଜାର ପ୍ରବେଶ ପଥ ରାସ୍ତା ଜରାଜୀର୍ଣ୍ଣ



ବାରିକପୁର,୨୭।୬(ସମିସ): ଭଣ୍ଡାରିପୋଖରୀ ବ୍ଲକର ଅନ୍ୟତମ ବୃହତ ଗ୍ରାମ୍ୟ ବଜାର ବାରିକପୁର ଠାରେ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବଜାର ପ୍ରବେଶ ପଥରେ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଅସରାଏ ବର୍ଷା ହେଲେ ଯାତାୟାତ ପାଇଁ ନାନାଦି ଅସୁବିଧା ଦେଖା ଦେଉଛି। ବାରିକପୁର ଠାରୁ କେନ୍ଦୁଆପଦା ବନ୍ତ ଯାଏଁ ରାସ୍ତା ନବୀକରଣ କାର୍ଯ୍ୟ ହେଉଥିବା ବେଳେ ଏହା ଉପରେ ଏଯାଏଁ କେହି ଦୃଷ୍ଟି ଦେଉନାହାନ୍ତି। ବଜାର ମଧ୍ୟ ଭାଗରୁ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ପ୍ରବେଶ ପଥ ନବୀକରଣ ପାଇଁ ଦୀର୍ଘ ଦିନ ହେବ ନଜର ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ମାତ୍ର ଦଶ ମିଟର ରାସ୍ତା ପାଇଁ ଦୈନିକ ଶହଶହ ଲୋକ ହିନସ୍ତା ଭୋଗୁଛନ୍ତି। ସାଇକେଲ ଓ ମୋଟର ସାଇକେଲ ଆରୋହୀ ଙ୍କୁ ଛାଡି ଦେଲେ ନିକଟସ୍ଥ ବାରିକପୁର କଲେଜ ଏବଂ ସ୍କୁଲ ଛାତ୍ରଛାତ୍ରୀ ମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସ୍ଥାନରୁ ମେଣ୍ଟାଲ ବଜୁରି ଉଠିଥିବା କାରଣରୁ ଲୋକ ମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହା ଉପରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଧାମନଗରରେ ବହୁ ଫେକ୍ ଆଇଡି ସକ୍ରିୟ

# ମାଷ୍ଟର ମାଇଣ୍ଡକୁ ଚିହ୍ନଟ ଦାବି କଲା ବିଜେଡି

ଧାମନଗର,୨୭।୬(ସମିସ)



ଧାମନଗରରେ ବହୁ ଫେକ୍ ଆଇଡି ସକ୍ରିୟ। ଥାନାରେ ପହଞ୍ଚିଲା ଅଭିଯୋଗ। ଫେକ୍ ଆଇଡିର ମାଷ୍ଟର ମାଇଣ୍ଡ କିଏ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନା ଅଧିକାରୀଙ୍କୁ ଦାବି କଲା ବିଜେଡି।

ଧାମନଗର ଅଞ୍ଚଳରେ ଏବେ ଦିନକୁ ଦିନ ବହୁ ସଂଖ୍ୟକ ଫେକ୍ ଆଇଡି ମାଧ୍ୟମରେ ସୋସିଆଲ ମିଡିଆରେ ନାନା ପ୍ରକାର ଅପ୍ରୀତିକର ସମ୍ବାଦ ପ୍ରକାଶିତ ହୋଇ ଜନସାଧାରଣରେ ଆଲୋଡନ ସୃଷ୍ଟି କରୁଛି। ଅଧିକାଂଶ ଉକ୍ତ ଫେକ୍ ଆଇଡିରେ ୩ରୁ୫ଜଣ ଆଡ୍‌ମିନ୍ ହୋଇ ବିଭିନ୍ନ ଅଞ୍ଚଳରେ ଖେଳେଇ ହୋଇ ବ୍ୟୁହ ରଚନା କରୁଛନ୍ତି। ସ୍ୱାର୍ଥଖୋର ନୀତିରେ ଏମାନେ କେତେବେଳେ କାହାକୁ ବଦନାମ କରୁଥିବାର ଦେଖାଯାଉଛି। ଏଥିପାଇଁ ବିଭିନ୍ନ ଦଳରୁ ମୋଟା ଅଙ୍କରେ ଅର୍ଥ ପ୍ରୋତ୍ସାହନ ପାଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ଘୋଡାମଦୁଆକୁ ବରିଷ୍ଠ ସମାଜସେବୀ, ଫଲସ ବିଲ୍ କରୁଥିବା ଠିକାଦାରକୁ ଆଦର୍ଶ ମଣିଷ, କୁକୁଡ଼ା ଚୋରକୁ ବରିଷ୍ଠ ବ୍ୟକ୍ତି, ଚାନ୍ଦା ଖୋରକୁ ବଦାନ୍ୟ ମଣିଷ ଭାବରେ ଅବିହିତ କରିବାରେ ଏମାନେ ଆଦୌ କୁଣ୍ଠାବୋଧ କରୁନାହାନ୍ତି। ଏମାନଙ୍କର ବାହୁଛାୟାରେ କେତେକ ଗୋଟିଏ କାମକୁ ତିନିଥର ବିଲ୍ କରିବାରେ ସିଦ୍ଧ ହସ୍ତ ସାଜିଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଓ ଏନଏସି ଅଧିକାରୀ ଏମାନଙ୍କୁ କୈଣସି କାରଣରୁ ପ୍ରଶ୍ରୟ ଦେଉଥିବାର କୁହାଯାଉଛି। ଖୋଲମ ଖୋଲା ଭାବେ ଅନେକ କ୍ଷେତ୍ରରେ 'ଫୋନ ପେ' ମାଧ୍ୟମରେ ଅର୍ଥ ଆଦାୟ ହେଉଥିବାର ଆଲୋଚନା ହେଉଛି। ନିକଟରେ ସରକାରୀ ଦଳର ଜଣେ ନେତାଙ୍କୁ ଧାମନଗର ସମସ୍ୟା ନାମକ ଫେକ୍ ଆଇଡିରେ ଖୋଲମ ଖୋଲା ମଦ୍ୟପ ଭାବରେ ଚିତ୍ରଣ କରିବା ଆଳରେ ବିରୋଧୀ ଦଳ ବିଜେଡିର ସୋସିଆଲ ମିଡିଆ ସଂଯୋଜକଙ୍କ ନାମରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନାକୁ ଯାଇ ମିଥ୍ୟା ଅଭିଯୋଗ ବିରୋଧ କରିବାରୁ ଏକ ଅପ୍ରାସିଙ୍ଗକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭିନ୍ନ ଫେକ୍ ଆଇଡି ତଥା ଧାମନଗର ସମସ୍ୟା, ଧାମନଗରର ହକ୍, ଦୁର୍ନୀତି ହଟାଅ ଧାମନଗର ବଞ୍ଚାଅ, ଧାମନଗର ବୁଲେଟିନ୍, ଧାମନଗର ମହାରଥୀ ଖବର, ଧାମନଗର ଇତିହାସ, ଭାଇବ୍ରାଣ୍ଟ ଧାମନଗର, ଧାମନଗର ଖବର, ଧାମନଗର ସମାଚାର, ଧାମନଗର ବଞ୍ଚାଅ ଦୁର୍ନୀତି ଅଟାଅ, ଧାମନଗର ସହର ଫୋକସ ଆଦି ବିଭିନ୍ନ ଫେକ୍ ଆଇଡିରେ ଏମିତି ଚାଞ୍ଚଲ୍ୟକର ସମ୍ବାଦମାନ ପୋଷ୍ଟ ହେଉଥିବାର ଦେଖାଯାଉଛି। କେଉଁ ଦିନ କାହା ବିରୋଧରେ ଲେଖାଯିବ ଓ କାହା ସପକ୍ଷରେ ଲେଖାଯିବ ତାହା ମାଷ୍ଟର ମାଇଣ୍ଡ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ କାମ ଦାମ ଛତୁଆ, ଧୁଆଁ, ପାନୀୟ ଆଦି ଯୋଗାଇ ଦିଆଯାଇ ଆପ୍ୟାୟିତ କରାଯିବା ପ୍ରତିବଦଳରେ ସାଧାରଣ ଲୋକଙ୍କୁ ଶୋଷଣ କରାଯାଉଛି। ଧାମନଗର ହେଉଛି ସମ୍ବେଦନଶୀଳ ଅଞ୍ଚଳ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ଫେକ୍ ଆଇଡି ଖୋଲି ଅଶ୍ଳୀଳ ଭାଷା ଓ ଉତେଜନା ମନ୍ତବ୍ୟ, ବିଭ୍ରାନ୍ତି ଶବ୍ଦ ପୋଷ୍ଟ କରିବାରୁ କେତେବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ତାହା କହିହେବ ନାହିଁ।ତେଣୁ ଧାମନଗର ଅଞ୍ଚଳରେ ବହୁ ଫେକ୍ ଆଇଡିର ମାଷ୍ଟର ମାଇଣ୍ଡ କିଏ ଏବଂ କାହା ଇଙ୍ଗିତରେ ଚାଲିଛି ଜିଲ୍ଲା ଓ ବ୍ଲକ ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ଜନତା,ବୁଦ୍ଧିଜୀବୀ ଏବଂ ବିଜେଡିର ଏକ ପ୍ରତିନିଧି ଦଳ ଥାନା ଅଧିକାରୀଙ୍କୁ ଦାବି କରିଛନ୍ତି।

## ଭଦ୍ରକ ମୁସଲିମ ଜମାତର ପ୍ରସ୍ତୁତି ବୈଠକ

# ଜୁଲାଇ ୬ରେ ମହରମ ପର୍ବ



ଭଦ୍ରକ,୨୭ ।୬(ସମିସ): ଭଦ୍ରକ ପୁରୁଣା ବଜ଼ାର ସ୍ଥିତ ମଦିନା ମଇଦାନ ରେ ସନ୍ଧ୍ୟା ସାଢ଼େ ୭ ଘଟିକା ସମୟରେ ପବିତ୍ର ''ମହରମ' ପର୍ବ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ବୈଠକ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହରମ ପର୍ବ ପାଳନ ଲାଗି ମହରମ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଏହି ଅସ୍ଥାୟୀ କମିଟିରେ ସଭାପତି ଭାବେ ଆଇନଜୀବୀ ଜମିଲ ଅଖତର ଖାନ, ୩ ଗୋଟି ଉପ-ସଭାପତି ଭାବେ ଇଂ. ରେଜାଏ ରସୁଲ , ପରିଷଦ ସାହିଦ ଖାନ, ପୂର୍ବତନ ପରିଷଦ ଅସରଫ ଅଲି ଖାନ, ସାଧାରଣ ସମ୍ପାଦକ ଭାବେ ଅଖତର ଅଲି ଖାନ, ୫ ଗୋଟି ଉପ-ସଭାପତି ଭାବେ ପାରିଷଦ ସୈୟଦ ନାସର ଅଲି, ହୈଦର ଅଲି ଖାନ, ହାଜି ଅବୁ ହୋସେନ ଖାନ, ହାଜି ଅବଦୁସ ସଲାମ, ସେକ ରଫିକ, କୋଷାଧକ୍ଷ ଭାବେ ଶେଖ ଇମତିୟାଜ଼ ଏବଂ ୬୧ ଟି ଗାଁର କାଫେଲା ସରଦାର ମାନେ ଏହି କମିଟିର ସଭ୍ୟ ଭାବେ ନିୟୋଜିତ ହୋଇଛନ୍ତି। ଇସଲାମ ଧର୍ମରେ ଚନ୍ଦ୍ର ଦର୍ଶନକୁ ଆଧାର କରି ପ୍ରତ୍ୟେକ ବର୍ଷ ପର୍ବ ପାଳନ କରାଯାଇଥାଏ ଓ ଜୁନ ୨୬ ତାରିଖ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ୨୭ ତାରିଖ ଶୁକ୍ରବାର ଚନ୍ଦ୍ରର ପ୍ରଥମ ଦିନ ତଥା ଇସଲାମିକ (ହିଜିରୀ) କ୍ୟାଲେଣ୍ଡର ଅନୁସାରେ ମହରମ ପର୍ବ ବର୍ଷର ପ୍ରଥମ ମାସ ଓ ମହରମ ୧ ତାରିଖରୁ ୧୦ ଦିନ ଯାଏଁ ମହରମ ପର୍ବ ପାଳିତ ହୁଏ। ଶେଷ ୧୦ ଦିନଟି (ରବିବାର) ତଥା ଜୁଲାଇ ୬ ତାରିଖକୁ ''ୟମେ-ଆସୁରା' ରୂପେ ପାଳନ କରାଯିବ। ଏହି ପର୍ବରେ ସମସ୍ତ ବସ୍ତିରୁ କାଫେଲା ବାହାରି ସହର ପରିକ୍ରମା କରି ମଦିନା ମଇଦାନରେ ଓ ନଂଘା ମହଲ୍ଲା ମସଜିଦ ସାମ୍ନାରେ ପହଞ୍ଚିବେ ଏବଂ ପହଞ୍ଚିବା ସ୍ଥାନ ରେ ଧର୍ମସଭାର ଆୟୋଜନ ହେବ ବୋଲି ସିଦ୍ଧାନ୍ତ ହୋଇଛି। ଏହି ସଭାରେ ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ଏସଏମ ଫାରୁକ, ହାଜି କାସିମ ଖାନ, ମିର୍ଜା ଏକ୍ରାମ ବେଗ, ମାଷ୍ଟର ମୁସ୍ତାକ ଗୌହର, ଆଇନଜୀବୀ ତାହେର ମହମ୍ମଦ, ଇଂ.ମୁଖତାର ଅହେମଦ ରସିଦ, ମିଡ଼ିଆ ସେଲ ଶେଖ ଅନୱର (ବାବୁ), ଶେଖ ନସିମ ଅଖତର କାଦରୀ ଓ ସମସ୍ତ ବସ୍ତିର ସରଦାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ମୋବାଇଲ ଫୋନ୍ ମାଧ୍ୟମରେ ମତଦାନରେ ବିହାର ପ୍ରଥମ

ପାଟନା, ୨୭ ।୬(ଏଜେନ୍ସି): ଦେଶର ପ୍ରଥମ ରାଜ୍ୟ ଭାବେ ବିହାର ମୋବାଇଲ ଫୋନ୍‌ର ଆପ୍ ମାଧ୍ୟମରେ ଭୋଟ୍ ଦେବାକୁ ଅନୁମତି ଦେଇଛି। ଏନେଇ ରାଜ୍ୟ ନିର୍ବାଚନ କମିଶନର ଦୀପକ ପ୍ରସାଦ ଶୁକ୍ରବାର ସୂଚନା ଦେଇଛନ୍ତି। ଏଥିସହ ଭାରତୀୟ ନିର୍ବାଚନ ପ୍ରକ୍ରିୟା ଏକ ନୂଆ ଯୁଗରେ ପ୍ରବେଶ କରିଛି। ୩ଟି ଜିଲ୍ଲାରେ ୬ଟି ମ୍ୟୁନିସପାଲ ପରିଷଦରେ ନିର୍ବାଚନ ହେବା ପୂର୍ବରୁ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି। ଶନିବାର ପାଟନା, ରୋହତାସ ଓ ଇଷ୍ଟ ଚମ୍ପାରନ୍‌ରେ ନିର୍ବାଚନ ହେବ। ଚଳିତ ବର୍ଷ ଶେଷ ଆଡକୁ ମଧ୍ୟ ବିହାରରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ବିଧାନସଭା ନିର୍ବାଚନରେ ମୋବାଇଲ ଆପ୍ ମାଧ୍ୟମରେ ଭୋଟ ଦେଇ ହେବ କି ନା ସେ ନେଇ କିଛି କୁହାଯାଇନାହିଁ। ମୋବାଇଲ ଫୋନ୍‌ରେ ଏକ ଆପ୍‌କୁ ଇନଷ୍ଟାଲ କରିବା ପରେ ଏହା ମାଧ୍ୟମରେ ଭୋଟ ଦେଇ ହେବ ବୋଲି କମିଶନ ତରଫରୁ କୁହାଯାଇଛି।

## ଅଷ୍ଟ୍ରେଲୀୟ ସିଇଓଙ୍କୁ ନାବାଳକର ହତ୍ୟା

ବ୍ରିସ୍‌ବେନ୍, ୨୭ ।୬(ଏଜେନ୍ସି): ଗ୍ରେଗ୍ ଜୋସେଫସନ ନାମକ ଜଣେ ଅଷ୍ଟ୍ରେଲୀୟ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ)ଙ୍କୁ ଜଣେ ୧୫ ବର୍ଷୀୟ ନାବାଳକ ଛୁରୀ ଭୁସି ହତ୍ୟା କରିଛି। ଗୁରୁବାର ରାତିରେ ଏହି ଘଟଣା ଘଟିଛି। ୧୯୯୯ରେ ଜୋସେଫସନ ଓ ତାଙ୍କ ଭାଇ ୟୁନିଭର୍ସାଲ ନାମକ ଏକ ପୋଷାକ କମ୍ପାନୀ ସ୍ଥାପନ କରିଥିଲେ ଓ ଏହା ସାରା ବିଶ୍ୱରେ ବେଶ ଆଦୃତ ହୋଇଥିଲା। ବ୍ରିସ୍‌ବେନ୍ ସ୍ଥିତ ତାଙ୍କ ବାସଭବନରେ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ଏଥିରେ ୩୦ ସ୍ୱଳ୍ପ ବୟସ୍କ ପିଲା ଯୋଗ ଦେଇଥିଲେ। କିନ୍ତୁ ସେ ତାଙ୍କ ବାସଭବନରେ ମରି ପଡ଼ିଥିବାର ଦେଖାଯାଇଥିଲା ବୋଲି ପୁଲିସ କହିଛି। ଏହି ପାର୍ଟିରେ ଯୋଗ ଦେଇଥିବା ଜଣେ ୧୫ ବର୍ଷୀୟ ବାଳକ ତାଙ୍କୁ ଛୁରୀ ଭୁସି ହତ୍ୟା କରିଛି ବୋଲି ପୁଲିସ୍ କହିଛି। ଏହି ପାର୍ଟିରେ ବାଳକ ସହ ଜୋସେପସନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତକ୍ଷିପ୍ତ ହୋଇ ବାଳକ ଜଣକ ତାଙ୍କୁ ହତ୍ୟା କରିଥିଲା। ପୁଲିସ ନାବାଳକଙ୍କୁ ଗିରଫ୍ କରିଛି। ଏହି ଘଟଣାକୁ ନେଇ ଅଷ୍ଟ୍ରେଲିଆରେ ଆଲୋଡ଼ନ ସୃଷ୍ଟି ହୋଇଛି।

## ବିମାନ ଦୁର୍ଘଟଣା ଯାଞ୍ଚରେ ଜାତିସଂଘ ଅଧିକାରୀ ସାମିଲ ହେବେନି

ଅହମଦାବାଦ୍, ୨୭ ।୬(ଏଜେନ୍ସି): ଜୁନ ୧୨ ତାରିଖରେ ଅହମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଯାଞ୍ଚ୍ ନେଇ ଗଠିତ ହେବାକୁ ଥିବା ଦଳରେ ଜାତିସଂଘ ଅଧିକାରୀଙ୍କୁ ସାମିଲ କରାଯିବ ନାହିଁ। ଏନେଇ ଜାତିସଂଘ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ପ୍ରତ୍ୟାଖାନ କରିଛି। ଜାତିସଂଘ ବିମାନ ଏଜେନ୍ସି ତଥା ଇଣ୍ଟରନ୍ୟାସନାଲ ସିଭିଲ ଆଭିଏସନ ଅର୍ଗାନାଇଜେସନ (ଆଇସିଏଓ) ଭାରତକୁ ଯାଞ୍ଚରେ ସାହାଯ୍ୟ କରିବାକୁ ନିଜର ଅଧିକାରୀଙ୍କୁ ପଠାଇବାକୁ ପ୍ରସ୍ତାବ ଦେଇଥିଲା। ଏହି ଅଧିକାରୀ ଜଣକ ପୂର୍ବରୁ ହିଁ ଭାରତରେ ରହିଛନ୍ତି। କିନ୍ତୁ ଭାରତ ଏହି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖାନ କରିଛି। ସେପଟେ ଶୁକ୍ରବାର ବିମାନର ବ୍ଲାକ୍ ବକ୍ସର ଡାଟା ରିକଭରୀ ହୋଇଛି। ଏହି ଡାଟାକୁ ଡାଉନଲୋଡ କରାଯାଉଛି ବୋଲି ସରକାରଙ୍କ ତରଫରୁ କୁହାଯାଉଛି। ଏହି ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ତେବେ ସୌଭାଗ୍ୟବଶତଃ ଜଣେ ଯାତ୍ରୀ ବଞ୍ଚିଯାଇଥିଲେ। କିନ୍ତୁ ପୁରା ଦୁର୍ଘଟଣାରେ ମୋଟ ଉପରେ ୨୭୦ ଜଣ ଲୋକ ପ୍ରାଣ ହରାଇଥିଲେ।

## ୬ ପାକ୍ ସୈନ୍ୟଙ୍କୁ ହତ୍ୟା

କ୍ୱେଟା, ୨୭ ।୬(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ୬ ଜଣ ପାକିସ୍ତାନୀ ସୈନ୍ୟ ନିହତ ହୋଇଛନ୍ତି। ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ଏହି ଗୁଳି ବିନିମୟରେ ୩ ଜଣ ବିଦ୍ରୋହୀ ମଧ୍ୟ ପ୍ରାଣ ହରାଇଛନ୍ତି ବୋଲି ବିଏଲ୍ଏ ମୁଖପାତ୍ର ଜିୟାଦ ବାଲୋଚ କହିଛନ୍ତି। କ୍ୱେଟା, କଲଟ ଓ ସିଆଜିରେ ଏହି ଗୁଳିବିନିମୟ ହୋଇଥିଲା ବୋଲି କୁହାଯାଇଛି। ବେଲୁଚିସ୍ତାନ ପାକିସ୍ତାନର କ୍ଷେତ୍ରଫଳ ଦୃଷ୍ଟିକୋଣରୁ ସବୁଠାରୁ ବଡ଼ ରାଜ୍ୟ ହୋଇଥିଲେ ମଧ୍ୟ ସବୁଠୁ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି। ପାକିସ୍ତାନ ବେଲୁଚିସ୍ତାନର ଖଣିଜ ସମ୍ପଦକୁ ଲୁଟିଛୁ ଓ ଏହି ରାଜ୍ୟର ଅଧିବାସୀଙ୍କ ଶୋଷଣ କରୁଛି ବୋଲି ଅଭିଯୋଗ ହେଉଛି।

## ଏୟାର ଇଣ୍ଡିଆର ୪ ଅଧିକାରୀ ବହିଷ୍କୃତ

ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର କେତୋଟି ଦିନ ପରେ ଅଫିସ ପାର୍ଟି ଆୟୋଜନ କରି ଏୟାର ଇଣ୍ଡିଆର ୪ ଜଣ ବରିଷ୍ଠ ଅଧିକାରୀ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଏଆର ଇଣ୍ଡିଆ ସାଟ୍ସ ଏୟାର ପୋର୍ଟ ସର୍ଭିସ ପ୍ରାଇଭେଟ ଲିମିଟେଡ (ଏଆଇଏସ୍ଏଟିଏସ୍) ଏହି ୪ଜଣଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଛି। ଏଆଇଏସ୍ଏଟିଏସ୍‌ର ଗୁରଗାଓଁ କାର୍ଯ୍ୟାଳୟରେ ଏହି ପାର୍ଟି ଆୟୋଜନ ହୋଇଥିଲା। ଏହି ଅଧିକାରୀମାନଙ୍କ ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାର ସହ ଆମେ ଦୃଢ଼ ଭାବେ ଛିଡ଼ା ହୋଇଛୁ ଓ ସେମାନଙ୍କୁ ସବୁ ପ୍ରକାର ସହାୟତା ଦେବାକୁ ପ୍ରସ୍ତୁତ ଅଛୁ।

# ଭାରତକୁ ଏସ୍-୪୦୦, ସୁଖୋଇ ୩୦ ଦେବ ରୁଷିଆ



ଫରିଦାବାଦ୍, ୨୭ ।୬(ଏଜେନ୍ସି): ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରୁଷ ପ୍ରତିରକ୍ଷା ମନ୍ତ୍ରୀ ଆନ୍ଦ୍ରେ ବେଲୋଉସୋଭଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି। ଭାରତକୁ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଏବଂ ସୁଖୋଇ-୩୦ର ଏମ୍‌କେଆଇ ଲଢୁଆ ବିମାନର ଉନ୍ନତ ସଂସ୍କରଣ ଓ ଏୟାର ଟୁ ଏୟାର ମିସାଇଲ ସିଷ୍ଟମ୍ ଦେବ ବୋଲି ରୁଷ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ସୀମାପାର ଆତଙ୍କବାଦ, ବିଶ୍ୱରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ୍ଟ ଏବଂ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

ଭାରତ ଓ ରୁଷିଆ ହେଉଛନ୍ତି ପୁରୁଣା ବନ୍ଧୁ ଏବଂ ଦୁଇ ଦେଶର ସମ୍ପର୍କର ସମୟ କଷଟିରେ ପରିକ୍ଷିତ ବୋଲି ବେଲୋଉସୋଭ କହିଥିଲେ। ଗତ ଏପ୍ରିଲ ୨୨ରେ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ସେ ନିନ୍ଦା କରିଥିଲେ। ଭାରତ ସହ ରୁଷି ଏହି ସଙ୍କଟରେ ସାଥି ହୋଇ ଛିଡ଼ା ହୋଇ ରହିବ ବୋଲି ସେ କହିଥିଲେ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କରେ ଉନ୍ନତି ଆଣିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ ୨୦୧୮ରେ ଭାରତ ରୁଷ ସହିତ ୫.୪୩ ଶହ କୋଟି ଡଲାର ମୂଲ୍ୟରେ ୫ଟି ଏସ୍-୪୦୦ ଡିଫେନ୍ସ ସିଷ୍ଟମ କିଣିଥିଲା। ଭାରତକୁ ଏପର୍ଯ୍ୟନ୍ତ ୩ଟି ଏସ୍-୪୦୦ ସିଷ୍ଟମ ମିଳିସାରିଛି। ବାକି ଦୁଇଟି ସିଷ୍ଟମ ଆସନ୍ତା ୨୪ ମାସ ମଧ୍ୟରେ ମିଳିବାର ସମ୍ଭାବନା ରହିଛି। ସେହିପରି ଭାରତୀୟ ବାୟୁସେନା ପାଖରେ ୨୬୦ଟି ସୁଖୋଇ-୩୦ ଏମ୍‌କେଆଇ ଲଢୁଆ ବିମାନ ରହିଛି।



# ପୁଣି ଲଜ୍ଜା: କୋଲକାତା କଲେଜରେ ଗଣଦୁଷ୍କର୍ମ

କୋଲକାତା, ୨୭।୬ (ଏଜେନ୍ସି): କୋଲକାତା କଲେଜରେ ପୁଣି ଗଣଦୁଷ୍କର୍ମ ଅଭିଯୋଗ। କଲେଜ ଭିତରେ ଜଣେ ଯୁବତୀଙ୍କୁ ତିନି ଜଣ ଗଣଦୁଷ୍କର୍ମ କରିବା ଘଟଣା ପଶ୍ଚିମ ବଙ୍ଗରେ ପୁଣି ହଟଚମଟ ସୃଷ୍ଟି କରିଛି। ଏହି ଜଘନ୍ୟ କାଣ୍ଡରେ ଶାସକ ତୃଣମୂଳ କଂଗ୍ରେସର ଜଣେ ଛାତ୍ର ନେତା ସାମିଲ ଥିବାର ଅଭିଯୋଗ ହୋଇଛି। ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି। ୬ ମାସ ତଳେ କୋଲକାତାର ଆରଜି କର ମେଡିକାଲ କଲେଜରେ ବହୁଚର୍ଚ୍ଚିତ ଜୁନିଅର ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ସାରା ଦେଶରେ କ୍ରୋଧର ବାତାବରଣ ସୃଷ୍ଟି ହୋଇଥିବା ବେଳେ କଲେଜରେ ଆଉ ଏକ ଗଣଦୁଷ୍କର୍ମ ଘଟଣା କଲେଜ କ୍ୟାମ୍ପସରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଯୁବତୀଙ୍କ ଏଫ୍‌ଆଇଆର ଅନୁସାରେ ଏହି ତିନି ଅଭିଯୁକ୍ତ ହେଲେ ମନୋଜିତ ମିଶ୍ର (୩୧), ଜୈବ ଅହମଦ (୧୯) ଏବଂ ପ୍ରମିତ ମୁଖାର୍ଜୀ (୨୦)। ମନୋଜିତ ହେଉଛି ପୂର୍ବତନ ଛାତ୍ର ଏବଂ ସେ ତୃଣମୂଳ ଛାତ୍ର କଂଗ୍ରେସର ସ୍ଥାନୀୟ ସାଧାରଣ ସଂପାଦକ ଥିବା ବେଳେ ଅନ୍ୟ ଦୁଇ ଜଣ ହେଉଛନ୍ତି ଛାତ୍ର। ସେମାନଙ୍କୁ ଗିରଫ କରାଯିବା ସହିତ ସେମାନଙ୍କର ମୋବାଇଲ ଫୋନ୍ ଜବତ କରାଯାଇଛି।

ଏହି ଗଣଦୁଷ୍କର୍ମ ଗତ ୨୫ ତାରିଖରେ ଦକ୍ଷିଣ କୋଲକାତା ଆଇନ କଲେଜରେ ଘଟିଛି। ପୁଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ ପୀଡ଼ିତା ୨୫ ତାରିଖ ବୁଧବାର ଦିନ ୧୨ଟା ବେଳେ ପରୀକ୍ଷା ଫର୍ମ ପୂରଣ କରିବା ଲାଗି କଲେଜକୁ ଆସିଥିଲେ। ୨୪ ବର୍ଷୀୟା ଯୁବତୀ କଲେଜ ଛାତ୍ର ସଂଘ ରୁମରେ ବସିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର (୩୧) ତାଙ୍କ ପାଖକୁ ଆସି ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ସେ ରାଜି ନହେବାରୁ ତାଙ୍କୁ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହେବାପରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଡାକିଥିଲା। ସେମାନେ ଆସିବା ପରେ ଯୁବତୀଙ୍କୁ କଲେଜର ସିକୁରିଟି ଗାର୍ଡ ରୁମକୁ ନେଇ ବାହାରୁ ତାଲା ପକାଇଦେଇଥିଲେ। ଯୁବତୀଙ୍କ ବିରୋଧ ସତ୍ତ୍ୱେ ମନୋଜିତ ତାଙ୍କୁ ଦୁଷ୍କର୍ମ କରିଥିଲା ଏବଂ ଅନ୍ୟ ଦୁଇ ଜଣ ଏହାର ଭିଡିଓ ରେକର୍ଡିଂ କରିଥିଲେ। ପ୍ରାଣ ବିକଳରେ ଯୁବତୀ ଜଣକ ବାହାରକୁ ଆସିବା ବେଳେ ତାଙ୍କୁ ସେମାନେ ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

ଏହି ଅଭିଯୋଗ ପରେ କୋଲକାତାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ଦଳ ଓ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ପୁଲିସ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମସ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ଏହି ଘଟଣାର ନିନ୍ଦା କରିଛି। ପାର୍ଟିର ଜଣେ ନେତା କହିଛନ୍ତି ଦଳର ଛାତ୍ର ନେତା ଏମିତି ଜଘନ୍ୟ କାଣ୍ଡ ଘଟାଇବେ ବୋଲି କେହି କଳ୍ପନା ବି କରିନଥିଲେ। ଏଭଳି କାଣ୍ଡରେ ଯିଏବି ସଂପୃକ୍ତ ଥାଉନା କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଉଲ୍ଲେଖଥାଉ କି, ଆରଜି କର ହସ୍ପିଟାଲ୍‌ରେ ଗତବର୍ଷ ଅଗଷ୍ଟ ୮ ତାରିଖ ରାତିରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା କରାଯାଇଥିଲା। ଏହାର ଗୋଟିଏ ଦିନ ପରେ ସେମିନାର ହଲ୍‌ରେ ତାଙ୍କର ମୃତଦେହ ମିଳିଥିଲା ଓ ସେତେବେଳେ ଏହାକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ସଞ୍ଜୟରାୟଙ୍କୁ


**ମହାରାଷ୍ଟ୍ର ସ୍କୁଲ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ**

## ଏକାଠି ହେଲେ ରାଜ-ଉଦ୍ଧବ



ମୁମ୍ବାଇ, ୨୭ ।୬ (ଏଜେନ୍ସି): ମହାରାଷ୍ଟ୍ରରେ ଦୀର୍ଘଦିନ ଧରି ପରସ୍ପରକୁ ବିରୋଧ କରିଆସୁଥିବା ଠାକ୍‌ରେ ପରିବାରର ଦୁଇ ଦାୟାଦ ରାଜ ଓ ଉଦ୍ଧବ ଠାକ୍‌ରେ ଶେଷରେ ଏକାଠି ହୋଇଛନ୍ତି। ମହାରାଷ୍ଟ୍ର ବିଦ୍ୟାଳୟଗୁଡିକର ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବିରୋଧ କରିବା ପାଇଁ ଦୁହେଁ ଏକାଠି ହୋଇଛନ୍ତି ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ରାଜ୍ୟ ସରକାରଙ୍କ ୩ ଭାଷା ଫର୍ମୁଲାକୁ ବିରୋଧ କରି ଶିବସେନା (ୟୁବିଟି) ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ମିଳିତ ଭାବେ ମୁମ୍ବାଇରେ ଆୟୋଜନ ହେବାକୁ ଥିବା ଆନ୍ଦୋଳନର ନେତୃତ୍ୱ ନେବେ। ସରକାର ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀକୁ ଏକ ବାଧ୍ୟତାମୂଳକ ତୃତୀୟ ଭାଷା ରୂପେ ପାଠ୍ୟକ୍ରମରେ ସାମିଲ କରିଛନ୍ତି। ଏହାକୁ ଦୁଇ ଦଳ ବିରୋଧ କରୁଛନ୍ତି। ଏ ନେଇ ଏକ୍ସରେ ରାଉତ୍ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ରାଜ ଓ ଉଦ୍ଧବଙ୍କ ପୁରୁଣା ଫଟୋ ଦେଖିବାକୁ ମିଳିଛି। ଆଗକୁ ବିଏମ୍‌ସି ନିର୍ବାଚନ ଥିବାରୁ ଦୁହେଁ ଏକାଠି ହେବା ନେଇ ଆଲୋଚନା ଚାଲିଛି। ଦୁଇ ଦଳ ଏକାଠି ହୋଇ ନିର୍ବାଚନ ଲଢ଼ିବେ ବୋଲି ଆଶା କରାଯାଉଛି। ପ୍ରାଥମିକ ଶିକ୍ଷା ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ ଭାବେ ସାମିଲ କରିବା ଠିକ୍ ନୁହେଁ ବୋଲି ରାଜ ଓ ଉଦ୍ଧବ ପୂର୍ବରୁ ବହୁବାର କହିସାରିଛନ୍ତି।

# ପୁଣି ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଚୀନ୍‌ରେ ଚାଲିଥିବା ସାଂଘାଇ କୋପରେସନ୍ ଅର୍ଗାନାଇଜେସନ (ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଙ୍ଗ ଜୁନ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜନାଥ ଜୁନ୍‌ଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ବିହାରର ମଧୁବନି ପେଣ୍ଟିଂକୁ ଉପହାର ସ୍ୱରୂପ ସେ ପ୍ରଦାନ କରିଥିଲେ। ଏହି ପେଣ୍ଟିଂର ମୂଳ ଉତ୍ସ ବିହାରର ମିଥିଳା ଅଞ୍ଚଳ ସହିତ ଜଡ଼ିତ ରହିଛି। ଏହାକୁ ମିଥିଳା ବା ମଧୁବନି ଆର୍ଟ ଅର୍ଥାତ ଚିତ୍ରକଳା ରୂପେ ଜଣାଯାଇଥାଏ। ଏହି ପେଣ୍ଟିଂରେ ରେଖାଚିତ୍ର ରହିଥାଏ। ଏହା ଉଜ୍ଜ୍ୱଳ ରଙ୍ଗ ଓ କନଷ୍ଟ୍ରାକ୍ଟ ପ୍ୟାଟର୍ନରେ ଭରି ରହିଥାଏ। ଏଥିରେ ଆଦିବାସୀ ଆକୃତି ଓ ଚମକପ୍ରଦ ମାଟିର ଉପଯୋଗ ହୋଇଥାଏ। ଏହି ଉପହାର ପାଇ ଜୁନ୍ ବେଶ୍ ଆନନ୍ଦିତ ହୋଇଥିଲେ।


ଏହି ସାକ୍ଷାତ ଅବସରରେ ଗତ ୬ ବର୍ଷ ହେବ ଗଲୱାନ ଘାଟି ଘଟଣା ପରେ ବାତିଲ ହୋଇଥିବା କୈଳାଶ ମାନସରୋବର ଯାତ୍ରା ନେଇ ଦୁହେଁ ଆଲୋଚନା କରିଥିଲେ। କୈଳାଶ ମାନସରୋବର ଯାତ୍ରା ପୁଣି ଥରେ ଆରମ୍ଭ ହେବ ବୋଲି ରାଜନାଥ ଏକ୍ସରେ ପୋଷ୍ଟ କରି ଘୋଷଣା କରିଛନ୍ତି। ୨୦୨୦ରେ କୋଭିଡ୍-୧୯ ଓ ପରେ ଲାଦାଖ ଗଲୱାନ ଘାଟିରେ ଥିବା ଲାଇନ ଅଫ୍ ଆକଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଦୁଇ ଦେଶର ସୈନ୍ୟଙ୍କ ମଧ୍ୟ ହୋଇଥିବା ମୁକାବିଲା କାରଣରୁ ମାନସରୋବର ଯାତ୍ରାକୁ ବନ୍ଦ ରଖାଯାଇଥିଲା। ଦୁଇ ଦେଶ ମଧ୍ୟରେ କିପରି ଦ୍ୱିପାକ୍ଷିକ ସମ୍ପର୍କର ଉନ୍ନତି ହେବ ସେ ନେଇ ଆଲୋଚନା ହୋଇଛି ବୋଲି ରାଜନାଥ କହିଛନ୍ତି। ପୂର୍ବରୁ ଗୁରୁବାର ଏସ୍‌ସିଓ ମିଳିତ ବିବୃତ୍ତିରେ ହସ୍ତାକ୍ଷର କରିବାକୁ ରାଜନାଥ ମନା କରିଦେଇଥିଲେ। ଏହାକୁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସମର୍ଥନ କରିଛନ୍ତି। ଏସ୍‌ସିଓରେ ରାଜନାଥ ସିଂ ଓ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱଜା ଆସିଫ୍ ଯୋଗ ଦେଇଛନ୍ତି। କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସ୍‌ସିଓର ମିଳିତ ବିବୃତ୍ତିରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା। ଏହାକୁ ଭାରତ ବିରୋଧ କରିଥିଲା ଓ ବିବୃତ୍ତିରେ ସ୍ୱାକ୍ଷର କରି ନଥିଲା। କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ଏବେ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହି ଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହଁ ବୋଲି ରାଜନାଥ କହିଥିଲେ।

**ଢ଼ାକାରେ ମନ୍ଦିରକୁ ମାଟିରେ ମିସାଇ ଦିଆଗଲା**

## ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କହିଲା ଭାରତ

ଢ଼ାକା, ୨୭ ।୬(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢାକାରେ ଏକ ଦୁର୍ଗା ମନ୍ଦିରକୁ ଭାଙ୍ଗିବା ସହ ମାଟିରେ ମିସାଇ ଦିଆଯାଇଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବା ବେଳେ ଭାରତ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ହିନ୍ଦୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଭାରତ ବାଂଲାଦେଶକୁ କହିଛି। ଅନ୍ୟପଟେ ମନ୍ଦିର ବେଆଇନ ଭାବେ ନିର୍ମିତ ହୋଇଥିବାରୁ ଏହାକୁ ଭାଙ୍ଗିଦିଆଯାଇଛି ବୋଲି ବାଂଲାଦେଶ ତରଫରୁ କୁହାଯାଇଛି। ବାଂଲାଦେଶରେ ଏଭଳି ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଢାକାର ଖିଲିଖେଟ ଅଞ୍ଚଳରେ ଏହି ଘଟଣା ଘଟିଛି। ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ପାଇଁ ସେଠାକାର କାମଚଳା ସରକାର ପଦକ୍ଷେପ ନେବା ଉଚିତ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ କେତେକ ଲୋକେ ଏକାଠି ହୋଇ ଏହି ଦୁର୍ଗା ମନ୍ଦିର ଭାଙ୍ଗିବାକୁ ଦାବି କରିଥିଲେ। ବାଂଲାଦେଶ ରେଳବାଇ କର୍ତ୍ତୃପକ୍ଷ, ପୁଲିସ ଓ ସେନା ଅଧିକାରୀଙ୍କ ଉପସ୍ଥିତିରେ ଏହି ମନ୍ଦିର ଭଙ୍ଗାଯାଇଥିଲା। ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ଏହି ମନ୍ଦିର ଭାଙ୍ଗି ଦିଆଯାଇଛି ବୋଲି ବାଂଲାଦେଶ ରେଳବାଇ ତରଫରୁ କୁହାଯାଇଛି।

# ଖାମନେଇଙ୍କୁ ହତ୍ୟା କରିବାକୁ ଚାହୁଁଥିଲା ଇସ୍ରାଏଲ୍



ତେଲଅଭିଭ୍, ୨୭ ।୬(ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କୁ ଇସ୍ରାଏଲ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ଏଥିପାଇଁ ସୁଯୋଗ ମିଳିଲା ନାହିଁ ବୋଲି କହିଛନ୍ତି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜି। ସେ କହିଛନ୍ତି ଯେ ଯଦି ଖାମନେଇ ଆମ ପହଞ୍ଚରେ ରହିଥାନ୍ତେ, ତାହେଲେ ଆମେ ତାଙ୍କୁ ହତ୍ୟା କରିବାରେ ସଫଳ ହୋଇଥାନ୍ତୁ। କିନ୍ତୁ ଏଥିପାଇଁ ଆମ ପାଖରେ କୌଣସି ସୁଯୋଗ ନଥିଲା। ତେବେ ଖାମନେଇଙ୍କୁ ହତ୍ୟା ପାଇଁ ଆମେ ଆମେରିକାର ଅନୁମତି ମାଗି ନଥିଲୁ। ଏଥିପାଇଁ ଆମକୁ କାହାରି ଅନୁମତି ଆବଶ୍ୟକ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ୧୨ ଦିନର ଏହି ଯୁଦ୍ଧରେ ଇସ୍ରାଏଲ ତା'ର ସବୁ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ସେନା ଏହି ଅଭିଯାନକୁ ଇସ୍ରାଏଲ ରାଇଜିଂ ଲାୟନ ନାମ ଦେଇଥିଲା। ଇସ୍ରାଏଲ ସେନାର ଏହି ଅଭିଯାନ ଓ ଯୁଦ୍ଧ ଅତ୍ୟନ୍ତ ସଫଳ ଥିଲା ବୋଲି କୁହାଯାଇଛି। ଯଦି ଆବଶ୍ୟକ ପଡ଼େ ପୁଣି ଇରାନ ଉପରେ ଆକ୍ରମଣ କରିବାକୁ ପଛାଇବୁ ନାହିଁ ବୋଲି କାଟଜି କହିଛନ୍ତି। ଏଥର ଆକ୍ରମଣ ଗାଜା ଓ ଲେବାନନ ତୁଳନାରେ ଦୁଇଗୁଣ ବିଧ୍ୱଂସକାରୀ ହେବ ବୋଲି ସେ ସତର୍କ କରାଇଦେଇଛନ୍ତି।

ସେପଟେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ତାଙ୍କର ପ୍ରତିରକ୍ଷା ସଚିବ ପିଟ୍ ହୋଗସେଥ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ଜୁନ୍ ୨୨ରେ ହୋଇଥିବା ଆକ୍ରମଣରେ ଇରାନର ପୂରା ଆଣବିକ କେନ୍ଦ୍ର ଧ୍ୱଂସ ହୋଇଛି ବୋଲି ସେ କହିଛନ୍ତି। ଇରାନ ଆକ୍ରମଣ ନେଇ ହୋଗସେଥ ପେଣ୍ଟାଗନ୍‌ରେ ଡିଫେନ୍ସ ମୁଖ୍ୟ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଇରାନ ଉପରେ ଆମେରିକାର ଆକ୍ରମଣ ଐତିହାସିକ ଭାବେ ସଫଳ ଥିଲା। ଆମେରିକା ଆକ୍ରମଣରେ ଇରାନ ଆଣବିକ କେନ୍ଦ୍ରରେ ମାମୁଲି କ୍ଷତି ନେଇ ପ୍ରକାଶିତ ରିପୋର୍ଟକୁ ସେ ଖଣ୍ଡନ କରିଛନ୍ତି। ଇରାନ ଉପରେ ଆକ୍ରମଣ ଦୃଷ୍ଟାନ୍ତମୂଳକ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି।

## ହିରୋସୀମା ଟିପ୍ପଣୀ ପାଇଁ ଟ୍ରମ୍ପଙ୍କୁ ଜାପାନର କଡ଼ା ସମାଲୋଚନା

ଟୋକିଓ, ୨୭ ।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜାପାନ କଡ଼ା ଭାଷାରେ ନିନ୍ଦା କରିଛି। ଇରାନର ଆଣବିକ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣକୁ ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ଆକ୍ରମଣକୁ ଟ୍ରମ୍ପ ତୁଳନା କରି ବିବାଦ ସୃଷ୍ଟି କରିଥିଲେ। ଏହାକୁ ନିନ୍ଦା କରିବା ସହ ଓ ଏହା ଆଦୌ ଗ୍ରହଣୀୟ ନୁହଁ ବୋଲି ଜାପାନ ସ୍ପଷ୍ଟ କରିଛି। ୧୯୪୫ରେ ହିରୋସିମା ଓ ନାଗାସାକି ଉପରେ ଆମେରକା ପରମାଣୁ ବୋମା ମାଡ଼ କରିଥିଲା। ଏଥିରେ ଏକ ଲକ୍ଷ ୪୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏହାପରେ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହୋଇଥିଲା। ଏଭଳି ତୁଳନାକୁ ନାଗାସାକି ମେୟର ଶିରୋ ସୁଜକି ନିନ୍ଦା କରିଛନ୍ତି। ପରମାଣୁ ବୋମା ମାଡକୁ ଟ୍ରମ୍ପ ଠିକ୍ ବୋଲି ପରୋକ୍ଷରେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି। ହିରୋସିମା ଓ ନାଗାସାକିରେ ହୋଇଥିବା ପରମାଣୁ ବୋମା ମାଡ଼ ପରେ ବଞ୍ଚିଯାଇଥିବା କେତେକ ଲୋକ ମଧ୍ୟ ଟ୍ରମ୍ପଙ୍କ ମନ୍ତବ୍ୟକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଇରାନ ଆକ୍ରମଣ ଓ ଜାପାନରେ ହୋଇଥିବା ପରମାଣୁ ବୋମା ମାଡ଼ ଯୋଗୁଁ ଯୁଦ୍ଧ ବନ୍ଦ ହୋଇଥିଲା ଓ ସେଥିପାଇଁ ଟ୍ରମ୍ପ ଦୁଇଟି ଘଟଣାର ତୁଳନା କରି ବିବାଦ ସୃଷ୍ଟି କରିଥିଲେ।

## ସୁପ୍ରିମକୋର୍ଟରେ ଟ୍ରମ୍ପଙ୍କ ବାଜିମାତ୍

ନ୍ୟୁୟର୍କ, ୨୭ ।୬(ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବିଜୟ ହାସଲ କରିଛନ୍ତି। ଟ୍ରମ୍ପଙ୍କ ଆଦେଶକୁ ଫେଡେରାଲ କୋର୍ଟ ଅର୍ଥାତ ତଳ କୋର୍ଟର ଜଜ୍ ରୋକିବାର କ୍ଷମତାକୁ ସୁପ୍ରିମକୋଟ ସଙ୍କୁଚିତ କରିଛନ୍ତି। ଫଳରେ ଟ୍ରମ୍ପଙ୍କ ପାଇଁ ଏହା ଏକ ବଡ଼ ଆସ୍ୱସ୍ଥି ସାବ୍ୟସ୍ତ ହୋଇଛି। ଆମେରିକାରେ ଜନ୍ମିତ ଲୋକ ସ୍ୱତଃ ନାଗରିକତା ହାସଲ ପାଇବା (ବାର୍ଥ ରାଇଟ୍ ସିଟିଜେନ୍‌ସିପ) ପ୍ରକ୍ରିୟାକୁ ଶେଷ କରିବା ନେଇ ଟ୍ରମ୍ପ ଅପିଲ କରିଥିଲେ। କ୍ଷମତାକୁ ଆସିବା ପରେ ଟ୍ରମ୍ପ ଦ୍ୱିତୀୟଥର ପାଇଁ ଏହି ବାର୍ଥ ରାଇଟ୍ ସିଟିଜେନସିପ୍‌କୁ ଚ୍ୟାଲେଞ୍ଜ କରିଥିଲେ। ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଫେଡେରାଲ କୋର୍ଟ ରୋକିବାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଫଳରେ ଏବେ ଆମେରିକାରେ ନାଗରିକତା ହାସଲ କରିବା ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଭାବେ ବଦଳିଯିବ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ତଳ କୋର୍ଟ ଏ ନେଇ ଟ୍ରମ୍ପଙ୍କ ଆଦେଶ ଉପରେ ରୋକ ଲଗାଇଥିଲେ। କିନ୍ତୁ ଏବେ ଟ୍ରମ୍ପଙ୍କ ଆଦେଶକୁ ତଳ କୋର୍ଟ ରୋକି ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ବାର୍ଥ ରାଇଟ୍ ସିଟିଜେନ୍‌ସିପ୍‌ରେ ବହୁତ ଦୁର୍ବଳତା ରହିଛି ଓ ଲୋକେ ଏହାର ଭୁଲ ଫାଇଦା ଉଠାଇବେ ବୋଲି ଟ୍ରମ୍ପ ଓ ତାଙ୍କ ସମର୍ଥକମାନେ ଯୁକ୍ତି କରିଆସୁଥିଲେ। ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ମଧ୍ୟ ଏହି ନିୟମକୁ ବଦଳାଇବାକୁ ଚେଷ୍ଟା କରିଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରଖା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବାଣିଜ୍ୟରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଶେଷ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରାଜନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୩୮ - ଭିକ୍ଟୋରିଆ ବ୍ରିଟେନ୍‌ର ମହାରାଣୀ ହେଲେ।
- ୧୯୨୧- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଜନ୍ମ।
- ୧୯୭୬- ଆମେରିକୀୟ ବାୟୁସେନା ଏକାଡେମୀରେ ପ୍ରଥମ ଥର ପାଇଁ ଜଣେ ମହିଳା ପ୍ରବେଶ କଲେ।
- ୨୦୦୫- ରୁଷିଆ ଇରାନ୍ ପାଇଁ ଛଅଟି ପରମାଣୁ ରିଆକ୍ଟର ନିର୍ମାଣ କଥା ଘୋଷଣା କଲା।

## ସ୍କୁଲର ଅଜବ ନିୟମ

### ଥରେ ତାଳି ମାରିବାକୁ ଅନୁମତି



ସ୍କୁଲ, କଲେଜଗୁଡ଼ିକରେ କୌଣସି ପ୍ରତିଯୋଗିତା କିମ୍ବା ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ହେଲେ ପିତାମାତାମାନେ ଜୋର ଜୋରରେ ତାଳିମାରି ପିଲାଙ୍କ ଉତ୍ସାହ ବୃଦ୍ଧି କରିଥାନ୍ତି। ଏହାଦ୍ୱାରା ପିଲାଙ୍କ ମନରୁ ଭୟ ଦୂରେଇ ଯାଏ। ଫଳରେ ସେମାନେ ଭଲ ପ୍ରଦର୍ଶନ କରିପାରିଥାନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକାରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଏକ କିଣ୍ଡରଗାର୍ଡେନ୍ ଗ୍ରାଜୁଏସନ୍ ସେରିମନିରେ ପିତାମାତାଙ୍କ ତାଳିମରାକୁ ନେଇ ଅଜବ ନିୟମ ସ୍କୁଲ ପକ୍ଷରୁ ଜାରି କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ପିଲାମାନେ ମଞ୍ଚରେ ପୁରସ୍କୃତ ହେଉଥିବାବେଳେ ସେମାନଙ୍କ ଅଭିଭାବକଙ୍କୁ ଥରେ ତାଳି ମାରିବା ପାଇଁ ସ୍କୁଲ ପକ୍ଷରୁ କୁହାଯାଇଥିଲା। ଏଞ୍ଜେଲିକା ପୁଏବ୍ଲାସ୍ ନାମକ ଜଣେ ମହିଳା ଏହି ଭିଡିଓଟିକୁ ସାମିଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଭିଡିଓଟିରେ ମଞ୍ଚ ଉପରକୁ ଛୋଟ ଛୋଟ ପିଲାମାନେ ଧାଡ଼ି ଧାଡ଼ି କରି ଆସୁଥିବାର ଦେଖାଯାଉଛି। ପ୍ରତି ପିଲା ପାଇଁ ଥରେ ତାଳି ମରାଯାଉଥିବା ଦେଖିବାକୁ ମିଳିଛି।

ସ୍କୁଲର ଏଭଳି ନିୟମକୁ ନେଇ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ତେବେ ଏନେଇ ସେଠାରେ ଉପସ୍ଥିତ ଥିବା କିଛି ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି- ଯେଉଁ ପିଲାମାନଙ୍କ ଅଭିଭାବକ କୌଣସି କାରଣବଶତଃ ଅନୁପସ୍ଥିତ ଥିଲେ ସେମାନେ କିପରି ଏକୁଟିଆ ଅନୁଭବ ନ କରିବେ ସେଉଦ୍ଦେଶ୍ୟରେ ଏହି ନିୟମ କରାଯାଇଥିଲା। ତେଣୁ 'ୱାନ୍ କ୍ଲାପ୍ ପଲିସି' ମାଧ୍ୟମରେ ସବୁ ପିଲାଙ୍କୁ ସହଜ ଅନୁଭବ କରାଇବା ସ୍କୁଲର ପ୍ରୟାସ ଥିଲା। ତେବେ ଏନେଇ ଏଞ୍ଜେଲିକା କହିଛନ୍ତି, 'ଜଣେ ମା' ହିସାବରେ ମୁଁ ମୋ ପିଲାର ପୁରସ୍କାର ସମୟକୁ ମନଭରି ଉପଭୋଗ କରିବାକୁ ଚାହୁଁଥିଲି। ସ୍କୁଲ୍ ପକ୍ଷରୁ କିନ୍ତୁ ଥରେ ତାଳି ମାରିବାକୁ ଅନୁମତି ଦିଆଯାଇଥିଲା। ଏହା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ସକାରାତ୍ମକ ଚିନ୍ତାଧାରା ଥାଇପାରେ କିନ୍ତୁ ମୋତେ ବ୍ୟକ୍ତିଗତ ଭାବେ ଏହି ନିୟମ ବଡ଼ ଅସ୍ୱାଭାବିକ ଲାଗିଥିଲା।'

## ସବୁଠୁ ଥଣ୍ଡା ସହର

ବିଶ୍ୱରେ ଅନେକ ସ୍ଥାନ ରହିଛି, ଯାହା ନିଜର ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ସେମିତି ଏକ ସ୍ଥାନ ହେଉଛି ୟାକୁସ୍କ। ଏହାକୁ ବିଶ୍ୱର ସବୁଠୁ ଥଣ୍ଡା ସହର ବୋଲି କୁହାଯାଏ। ଏହି ସହର ଋଷିଆର ବରଫାଚ୍ଛନ ସାଇବେରିଆରେ ଅବସ୍ଥିତ । ଋଷିଆ ରାଜଧାନୀ ମସ୍କୋ ଠାରୁ ପ୍ରାୟ ୫୦୦୦ ହଜାର କିଲୋମିଟର ଦୂରରେ ଅବସ୍ଥିତ ୟାକୁସ୍କ। ଏହି ସହର ବର୍ଷସାରା ବରଫାବୃତ୍ତ ହୋଇ ରହିଥାଏ। ୟାକୁସ୍କ ସହରରେ ସୂର୍ଯ୍ୟକିରଣ କେବଳ ନାମକୁ ମାତ୍ର ଦୃଶ୍ୟମାନ ହୋଇଥାଏ। ଶୀତ ଋତୁରେ ସବୁବେଳେ ଏଠାରେ ତୁଷାରପାତ ହେଉଥିବାରୁ ସହରର ତାପମାତ୍ରା ମାଇନସ୍ ୬୦ ଡିଗ୍ରୀ ସେଲସିୟସ୍ ରହିଥାଏ। ବେଳେବେଳେ ଏହା ମାଇନସ୍ ୬୪.୪ ଡିଗ୍ରୀକୁ ମଧ୍ୟ ଖସିଯାଏ। ଅତ୍ୟଧିକ ଥଣ୍ଡା ପଡୁଥିବାରୁ ସମ୍ପୂର୍ଣ୍ଣ ସହର ଏକ ପ୍ରକାର ପ୍ରାକୃତିକ ଶୀତଳଭଣ୍ଡାର ହୋଇଯାଏ। ଏପରିକି ଖୋଲା ବଜାରରେ ଏଠାରେ ବିକ୍ରି ହେଉଥିବା ଜିନିଷଗୁଡ଼ିକ ନଷ୍ଟ ହୋଇ ନ ଥାଏ। ଏଠାରେ ଥିବା ମାଛ ବଜାରରୁ ଦୁର୍ଗନ୍ଧ ମଧ୍ୟ ଆସି ନ ଥାଏ। କାରଣ ଅତ୍ୟଧିକ ଥଣ୍ଡା ଯୋଗୁଁ ମାଛଗୁଡ଼ିକ ବରଫ ଭଳି ଜମି ଯାଇଥାନ୍ତି। ଏଠାରେ ବାସ କରୁଥିବା ଲୋକେ ମୁଖ୍ୟତଃ ଘୋଡ଼ା, ଠେକୁଆ ଆଦିର ମାଂସ ଖାଇଥାନ୍ତି। ୨୦୨୧ ଜନଗଣନା ଅନୁଯାୟୀ, ୟାକୁସ୍କରେ ମୋଟ ୩, ୫୫, ୪୪୩ ଲୋକ ବାସ କରନ୍ତି। ଜାନୁଆରୀ ମାସରେ ଏଠାର ତାପମାତ୍ରା ମାଇନସ୍ ୪୨ ଡିଗ୍ରୀ ସେଲସିୟସ୍ ରହିଥାଏ। ଲୋକେ ଥଣ୍ଡାରୁ ନିଜକୁ ସୁରକ୍ଷା ଦେବା ପାଇଁ ତିନି, ଚାରି ପରସ୍ତ ପୋଷାକ ତଥା ହରିଣ, ଠେକୁଆ ଚର୍ମରେ ତିଆରି କୋଟ୍ ଓ ବୁଟ୍ ପିନ୍ଧିଥାନ୍ତି। ୟାକୁସ୍କରେ ସୁନା, ହୀରା, ୟୁରାନିୟମ୍ ଖଣିଥିବାରୁ ଏଠାରେ ଲୋକ ବେଶ୍ ଭଲ ଆୟ କରନ୍ତି। ତେଣୁ ଅତ୍ୟଧିକ ଥଣ୍ଡା ସତ୍ତ୍ୱେ ବି ଲୋକେ ଏହି ସ୍ଥାନ ଛାଡ଼ି ଯାଉ ନାହାନ୍ତି।



## 'ରାମାୟଣ'ର ସୁଟିଂ ପାଇଁ ଡରୁଛନ୍ତି ସନ୍ନି




ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଆକ୍ସନ ଓ ରୋମାଣ୍ଟିକ୍ ଫିଲ୍ମଗୁଡ଼ିକରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ପ୍ରଥମ ଥର ପାଇଁ ସେ ଏକ ପୌରାଣିକ ଫିଲ୍ମରେ କାମ କରିବାକୁ ଯାଉଛନ୍ତି। ନୀତେଶ ତିୱାରୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟଣ'ରେ ସନ୍ନି ହନୁମାନ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସନ୍ନିଙ୍କ ପ୍ରଶଂସକମାନେ ମଧ୍ୟ ତାଙ୍କର ଏହି ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଗଣମାଧ୍ୟମ ପ୍ରତିନିଧିମାନେ 'ରାମାୟଣ' କଥା ପଚାରିବାରୁ ସନ୍ନି କହିଥିଲେ- ' ମୁଁ 'ରାମାୟଣ'ରେ ହନୁମାନ ଭୂମିକାରେ ଅଭିନୟ କରୁଛି। ଏହା ମୋ ପାଇଁ ଏକ ମଜାଦାର ଓ ରୋମାଞ୍ଚକର ଯାତ୍ରା ହେବ। ମୁଁ ଖୁବ୍ ଶୀଘ୍ର ଏହାର ସୁଟିଂ ଆରମ୍ଭ କରିବି। ସୁଟିଂକୁ ନେଇ ମୁଁ ନର୍ଭସ୍ ଅଛି। ଏଭଳି ଏକ ଭୂମିକାକୁ ପରଦା ଉପରକୁ ଆଣିବା ନିଶ୍ଚିତ ରୂପେ ଏକ ବଡ଼ ଚ୍ୟାଲେଞ୍ଜ। ପ୍ରଯୋଜକମାନେ ଭଲ କାମ କରୁଛନ୍ତି। ସୁପର୍ ନାଚ୍ୟୁରାଲ ଜିନିଷକୁ ଠିକ୍ ଶୈଳୀରେ ପରଦା ଉପରକୁ ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ଏହା କୌଣସି ହଲିଉଡ୍ ଫିଲ୍ମ ଠାରୁ କମ୍ ହେବନି ବୋଲି ଆଶା କରୁଛି। ଯେଉଁଭଳି କଳାକାର ଏଥିରେ ଅଭିନୟ କରୁଛନ୍ତି, ଏହି ମହାକାବ୍ୟ ପରଦା ଉପରେ ସଫଳ ରୂପାୟନ ହୋଇପାରିବ ବୋଲି ମୋର ଆଶା ରହିଛି। ଲୋକେ ସନ୍ତୁଷ୍ଟ ହେବା ସହ ଫିଲ୍ମଟିକୁ ମନଭରି ଉପଭୋଗ କରିବେ ବୋଲି ମୁଁ ଭାବୁଛି।'

'ରାମାୟଣ'କୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ବଜେଟ୍ ୮୩୫ କୋଟି ରହିଛି।

# ସୁମନ

## ବୁଲି ଯିବା ରଥଯାତରା ଆଜି



ଆଷାଢ଼ ଆସିଲେ ସାରା ରାଇଜରେ
ଏଇ ଗୋଟେ କଥା ପଡୁଛି ହୁରୀ
କୁଆଡ଼େ ନ ଯାଇ ଏ ବରଷ ତୁମେ
ଥରେ ବୁଲି ଆସ ଜଗାର ପୁରୀ
ଦେଖିବ ଯାତ
ଜଗତ ଭିତରେ ପୁରୀ ରାଇଜର
ରଥଯାତ ପରା ସବୁଠି ଖ୍ୟାତ।
ରଥେ ବିଜେ ଥିବ କାଳିଆ ସାଆନ୍ତ
ଭାଇ ବଳଭଦ୍ର ସୁଭଦ୍ରା ନେଇ
ବଡ଼ଦାଣ୍ଡେ ଝୁଲି ଝୁଲି ଯାଉଥିବେ
ସବୁ ଭକତଙ୍କୁ ଆଶିଷ ଦେଇ
ହସୁରା ମୁହଁ
ଝରେ ଯେଉଁଠାରୁ ସବୁରି ନିକଟେ
ଗଙ୍ଗା ପରି ଯାର ଆଶିଷ ସୁଅ।
ହରିବୋଲ ହୁଳହୁଳି ଶବଦରେ
ପୁରା ବଡ଼ ଦାଣ୍ଡ ଉଛୁଳି ଉଠେ
ଘଣ୍ଟ ସଂକୀର୍ତ୍ତନ ଭକତ ମୁଖରୁ
ପବନ ପରିକା ଚୌଦିଗେ ଛୁଟେ
ସେ ନାଦ ଶୁଣି
ସକଳ ଶରୀରେ ଦୁଃଖ କଟିଯାଇ
ଭକତିର ବୀଜ ହୁଅଇ ବୁଣି।
ଏଇ ରଥଯାତ ସାରା ଜଗତକୁ
ଗୋଟିଏ ବାରତା ଶିଖାଇ ଦିଏ
ସବୁ ଧରମ ତ ସମାନ ମୋ ପାଖେ
ଏଠି ବଡ଼ ସାନ ନୁହଁଇ କିଏ
ସଭିଏଁ ଏକ
ସଭିଏ ସମାନ କେ ନୁହଁଇ ଭିନ୍ନ
ଏ ଭାବେ ବଢ଼ଇ ଜୀବନ ଟେକ।■



ଅଶୋକ କୁମାର ପ୍ରଧାନ
ରୋହିଗାଁ, ଗଞ୍ଜାମ
ମୋ-୮୩୪୯୧୧୯୧୩୦

## ସକାଳ ଶିଶୁ କୁଇଜ୍-୧୭୦

(୧) ଉସ୍ତାଦ ବିସ୍‌ମିଲ୍ଲା ଖାନ୍‌ଙ୍କର କେଉଁ ବାଦ୍ୟଯନ୍ତ୍ର ସହ ସମ୍ପର୍କ ରହିଛି?
ଉତ୍ତର : ______

(୨) ମାନବ ଶରୀରର କେଉଁ ଗ୍ରନ୍ଥିକୁ 'ମାଷ୍ଟର ଗ୍ରନ୍ଥି' କୁହାଯାଏ?
ଉତ୍ତର : ______

(୩) ରାମେଶ୍ୱରମ୍ ମନ୍ଦିର ଭାରତର କେଉଁ ରାଜ୍ୟରେ ଅବସ୍ଥିତ?
ଉତ୍ତର : ______

(୪) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?
ଉତ୍ତର : ______

(୫) ଅନ୍ତର୍ଜାତୀୟ ଅହିଂସା ଦିବସ କେବେ ପାଳନ କରାଯାଏ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସାଗରିକା ପ୍ରଧାନ, ବମାକୋଇ, ଗଞ୍ଜାମ
- ନିଗମାନନ୍ଦ ପଟ୍ଟନାୟକ, କଟକ
- ଅଦିତି ପଟ୍ଟନାୟକ, ନିମାପଡ଼ା, ପୁରୀ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଉପଯୁକ୍ତ ରାଜା



ମହାରାଜ ବୀରବର୍ଦ୍ଧନ ନିଜର ଦୁଇ ପୁତ୍ରଙ୍କୁ ଡାକି କହିଲେ, "ତୁମେ ଦୁହେଁ ଯାଅ, ଆମ ରାଜ୍ୟରେ ମୋ ପରେ କିଏ ରାଜା ହୋଇପାରିବ, ସେହିପରି ଏକ ସୁଯୋଗ୍ୟ ବ୍ୟକ୍ତି ଖୋଜି ଆଣିବ । ହଁ, ଏକଥା ମନେରଖ, ତୁମ ଦୁହିଁଙ୍କୁ ମୁଁ ମାସେ ସମୟ ଦେଲି। ଏହି ସମୟରେ ତୁମକୁ ରାଜା ହେବା ପାଇଁ ଯୋଗ୍ୟ ବ୍ୟକ୍ତି ଠାବ କରିବାକୁ ହେବ, ଯିଏକି ମୋ ଠାରୁ ଆହୁରି ବେଶୀ ଯୋଗ୍ୟ ଓ ସୁଶାସକ ହୋଇ ପାରିବ। ନଚେତ୍ ମୁଁ ତୁମମାନଙ୍କର ଫୈସଲା ବାଦ୍ ଦେଇ କାର୍ଯ୍ୟ କରିଯିବି।"

ପିତୃଭକ୍ତ ଦୁଇ ରାଜକୁମାର ରାଜାଙ୍କ ଆଦେଶ ପାଳନ କରି ତତ୍‌କ୍ଷଣାତ ପ୍ରସ୍ଥାନ କଲେ। ବୀରବର୍ଦ୍ଧନଙ୍କର ବିରାଟ ରାଜସଭା, ଭରା ସଭାସଦଗଣ ସଂପୂର୍ଣ୍ଣ ନିରବତା ମଧ୍ୟରେ ବସି ରହିଥାନ୍ତି। ମନ୍ତ୍ରୀ, ସେନାପତି, ରାଜଗୁରୁ, ସାମନ୍ତ ବିଭିନ୍ନବର୍ଗର ଓ ବିଭିନ୍ନ ବିଭାଗର ମନ୍ତ୍ରୀ ସମସ୍ତେ ନିରବ । କାରଣ ବୀରବର୍ଦ୍ଧନ ଜଣେ ମହାବୀର, ପ୍ରଜାଙ୍କୁ ପୁତ୍ରବତ ପାଳନ କରନ୍ତି, କାହାକୁ ହେୟ ଦୃଷ୍ଟିରେ ଦେଖନ୍ତି ନାହିଁ। ବିଶେଷ କରି କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଶ୍ଚୟ ନିଜର ସଭାସଦ୍‌ବର୍ଗଙ୍କ ପରାମର୍ଶ ନିଅନ୍ତି। ମାତ୍ର ଆଜି ଏ କ'ଣ ! ରାଜା ଯଦିଓ ବୃଦ୍ଧ ହେଲେଣି, ତଥାପି କ୍ଷମତା ହସ୍ତାନ୍ତର କଥା ପୂର୍ବରୁ ଉଠାଇ ନ ଥିଲେ । ଆହୁରି ମଧ୍ୟ ବଡ଼ ରାଜକୁମାର ଜୟବର୍ଦ୍ଧନ ଓ ସାନ ରାଜକୁମାର ଶ୍ରୀବର୍ଦ୍ଧନ ଉଭୟେ ରୂପ, ଗୁଣ, ବୀରତ୍ୱ ,ଦକ୍ଷତା ପ୍ରଶାସନ ସବୁ କ୍ଷେତ୍ରରେ ଦୁହେଁ ଦୁହିଁଙ୍କୁ ଊଣା ନୁହଁନ୍ତି। ରାଜା ନିଜର ପୁତ୍ର ଜୟବର୍ଦ୍ଧନ ଓ ଶ୍ରୀବର୍ଦ୍ଧନ ମଧ୍ୟରୁ ନୂଆ ରାଜା ନିରୂପଣ ନ କରି, ପୁଣି ସେହିମାନଙ୍କ ଦ୍ୱାରା ନୂତନ ରାଜା ଚୟନ କରିବାକୁ କାହିଁକି କହିଲେ। ସମସ୍ତେ ବିସ୍ମୟରେ ଥିଲେ । ମହାରାଜ ନିରବତା ଭଙ୍ଗକରି କହିଲେ, "କ'ଣ ଆପଣମାନଙ୍କର କିଛି ପ୍ରଶ୍ନ କରିବାର ନାହିଁ ? ଯଦି ନାହିଁ, ଆଜିର ସଭାକୁ ଏଇଠି ରଖାଯାଉ ।"



ଶିବ ପ୍ରସାଦ ରାଉତ

ସମୟ ଗଡ଼ିଚାଲିଲା । ସମସ୍ତଙ୍କର ଉତ୍କଣ୍ଠା ବଢ଼ି ଚାଲିଲା। ଆମର ସ୍ଥିତପ୍ରଜ୍ଞ ରାଜା ବୀରବର୍ଦ୍ଧନ ଏପରି ରହସ୍ୟମୟ ପରିବେଶ ସୃଷ୍ଟି କାହିଁକି କରିଛନ୍ତି। କ'ଣ ପାଇଁ ରାଜା ଦୁଇ ରାଜକୁମାର ମଧ୍ୟରୁ କାହାକୁ ରାଜା କରିବାକୁ ଚାହିଁଲେ ନାହିଁ। କିଏ ଏମିତି ପୁଣି ଆମର ରାଜା ହେଇଯିବ ! ଏତାଦୃଶ ସଂଶୟ ଓ ଉଦ୍‌ବେଗ ମଧ୍ୟରେ ଏକମାସ ବିତିଗଲା । ଉତ୍କଣ୍ଠାର ଚରମ ମୁହୂର୍ତ୍ତ ଉପଗତ । ପ୍ରଜାଏ ଖବର ପାଇଲେ କନିଷ୍ଠ ରାଜକୁମାର ଶ୍ରୀବର୍ଦ୍ଧନ ଉପଯୁକ୍ତ ସମୟରେ ଫେରି ଆସିଛନ୍ତି ଓ ସମସ୍ତଙ୍କ ସମ୍ମୁଖରେ ନୂଆ ରାଜାଙ୍କର ନାମ, ଧାମ ଓ ସଂପୂର୍ଣ୍ଣ ବିବରଣୀ ଏକ ମୁଦଦିଆ ଖୋଳରେ ପୁରାଇ ମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କଲେ। ରାଜା ମଧ୍ୟ ଆଦେଶ ଦେଲେ ବଡ଼ ରାଜକୁମାର ନ ଫେରିବା ପର୍ଯ୍ୟନ୍ତ ଏହାକୁ ଗୁପ୍ତ ରଖାଯାଉ । ଏବେ ସମସ୍ତଙ୍କର ପ୍ରତୀକ୍ଷା ଜୟବର୍ଦ୍ଧନଙ୍କୁ । ରାଜା ମଧ୍ୟ ଅପେକ୍ଷାରେ ଅତିଷ୍ଠ ଓ ବିରକ୍ତ । ସମୟ ସୀମା ପାର୍ କରିଛି। ଗୁପ୍ତଚର ଖବର ଦେଲା । ଯୁବରାଜ ଜୟବର୍ଦ୍ଧନ ଫେରିବା ସମ୍ଭବ ନୁହେଁ । କାରଣ ସେ ରାଜା ଚୟନ କରିବାକୁ ଯିବା ପରଦିନ ଦେଶର ଉତ୍ତରପୂର୍ବାଞ୍ଚଳରେ ସାମନ୍ତ ବିଦ୍ରୋହକୁ ଦମନ କରିବାରେ ମାସଟି କଟିଛି ଓ ସେଠାକାର ପରିସ୍ଥିତି ଏବେ ସଂପୂର୍ଣ୍ଣ ନିୟନ୍ତ୍ରଣାଧୀନ । ତା'ପରେ ଏହି ତିନିଦିନ ହେଲା ଜୟବର୍ଦ୍ଧନ ବୈଦେଶିକ ଶତ୍ରୁର ମୁକାବିଲା କରୁଛନ୍ତି। ବିନା ସୈନ୍ୟରେ ପ୍ରଜାମାନଙ୍କୁ ଏକଜୁଟ୍ କରି ବଡ଼ ରାଜକୁମାର ଅଦ୍ଭୁତ ବୀରତ୍ୱ ଓ ଦକ୍ଷତାର ସହିତ ସୀମାନ୍ତ ଆକ୍ରମଣକୁ ପଣ୍ଡ କରିଦେଇଛନ୍ତି । ଶତ୍ରୁ ପରାସ୍ତ ଓ ନିହତ ମଧ୍ୟ । ଇତି ମଧ୍ୟରେ ପିତା ବୀରବର୍ଦ୍ଧନ ରାଜା ଚୟନ ସମ୍ବନ୍ଧରେ ମତାମତ କ'ଣ ଓ ଶୀଘ୍ର ଫେରି ଆସିବାକୁ ଦୂତ ପଠାଇଥିଲେ । ମାତ୍ର ଜୟବର୍ଦ୍ଧନ ସସମ୍ମାନେ ଦୂତକୁ ଫେରାଇ ଦେଇ ସମ୍ବାଦ ଦେଇଛନ୍ତି କି, "ମୁଁ ତ ଠିକ୍ ସମୟରେ ଫେରି ପାରିନାହିଁ , ଏଣୁ ରାଜାଚୟନରେ ମୋ ମତ ଆବଶ୍ୟକ ନାହିଁ । ମୁଁ ଏଠାରେ ଆଉ କିଛିଦିନ ରହିବା ଜରୁରି ମନେକରୁଛି। ସାନଭାଇର ମତ ହିଁ ମୋ ମତ । ଏଣୁ ମୋ କଥା ବାଦ୍‌ଦେଇ ପିତାଶ୍ରୀ ଓ ପୂଜ୍ୟ ପାରିଷଦବର୍ଗ ନୂଆ ରାଜା ଚୟନ କରିଦିଅନ୍ତୁ । ସେମାନଙ୍କର ମତ ମୋର ଶିରୋଧାର୍ଯ୍ୟ। ଆଗାମୀ ଅଭିଷେକ ପୂର୍ଣ୍ଣିମା ଦିନ ମୁଁ ରାଜନଅର ଫେରିବି ।"

ବଡ଼ ରାଜକୁମାରଙ୍କର ଏତାଦୃଶ କାର୍ଯ୍ୟ ଓ ଶାଳୀନତାଭରା ସମ୍ବାଦରେ ପ୍ରଜା, ସଭାସଦବର୍ଗ ସହିତ ସ୍ୱୟଂ ରାଜା ମଧ୍ୟ ଅଭିଭୂତ । ତଥାପି ସର୍ତ୍ତ ଅନୁଯାୟୀ, ସାନ ରାଜକୁମାର ଶ୍ରୀବର୍ଦ୍ଧନଙ୍କର ମତର ସେ ନୂଆ ରାଜା କିଏ ବୋଲି ମତାମତର ମୁଦଦିଆ ଖୋଳ ଖୋଲାଗଲା । ରାଜ୍ୟବାସୀ ସମସ୍ତେ ସ୍ତମ୍ଭୀଭୂତ, ବିସ୍ମିତ ଓ ଆହ୍ଲାଦିତ ହୋଇଗଲେ ଯେ ଶ୍ରୀବର୍ଦ୍ଧନ ବଡ଼ଭାଇ ଜୟବର୍ଦ୍ଧନଙ୍କୁ ହିଁ ଉପଯୁକ୍ତ ରାଜା ବୋଲି ମତ ଦେଇଥିଲେ ।■

ବଚ୍ଛଦା,ବାସୁଦେବପୁର,ଭଦ୍ରକ
ମୋ - ୮୧୪୪୨୨୮୧୧୫

## ଭାବର ପସରା ନେଇ...

ଝୁଲି ଝୁଲି ଆସେ କାଳିଆ ଠାକୁର
ଚକାଚକା ଆଖି ମେଲି
ବଡ଼ଦେଉଳରୁ ବାହାରି ଆସନ୍ତି
ରତ୍ନସିଂହାସନ ଭୁଲି ।
ଜନମ ବେଦିକି ଯିବାପାଇଁ ଜଗା
ହୋଇଲେଣି ପରା ବାଇ
ଭକତଜନଙ୍କୁ ଦରଶନ ଦେବେ
ଭାବର ପସରା ନେଇ ।
ବଡ଼ଦାଣ୍ଡେ ତିନିରଥ ପରା ଉଭା
ଚାରି ଦାରୁଦିଅଁ ପାଇଁ
ଜନମ ବେଦିକି ବୁଲିଯିବେ ନାଥ
ଭାଇ ଭଉଣୀକୁ ନେଇ ।
ନଅ ଦିନ ଧରି ଯାତ୍ରା ଲୀଳା ଖେଳା
କରିବେ ଭକତ ମେଳେ
ଭକ୍ତ ମନ ଜାଣି ଫଳ ଦେଉଥିବେ
କୃପା ଥିବ ସବୁକାଳେ ।
କି କିମିଆ ଅଛି ତାଙ୍କ ଚକାଡୋଳେ
ଭକତଙ୍କ ମନ ମୋହେ
ତାଙ୍କ ହାତେ ବନ୍ଧା ଜୀବନର ଡୋରି
ତାରିବେ ମରତ୍ତୁ ସିଏ ।■



ନଗେନ୍ଦ୍ର ନାଥ ପଟ୍ଟନାୟକ
ଓସ୍କାର ସିଟି ,
ଲକ୍ଷ୍ମୀ ସାଗର କେନାଲ ରୋଡ ,ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮


## କୁନି ହାତରେ ତୁଳୀ





ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





ଆଦ୍ୟାଶା ପ୍ରତିହାରୀ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ




ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର




ମିହିକା ଶାହ
ପଞ୍ଚମ ଶ୍ରେଣୀ
ଗୀତାଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର




ସକାଳ
THE SAKALA
www.sakalaepaper.com

## ମାଷ୍ଟର୍ସ କପ୍ ହକି

# ଓଡ଼ିଶା ମହିଳା ଦଳ ଚାମ୍ପିଅନ




ଭୁବନେଶ୍ୱର, ୨୭ ।୬ (ସମିସ)

ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଅନୁଷ୍ଠିତ ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଚାମ୍ପିଅନ ହୋଇଛି । ଶୁକ୍ରବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ଦଳ ୧-୦ ଗୋଲ୍‌ରେ ଅନ୍ୟତମ ଟାଇଟଲ୍ ଦାବିଦାର ପଞ୍ଜାବକୁ ପରାସ୍ତ କରିଥିଲା । ମ୍ୟାଚର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ତେବେ ଦ୍ୱିତୀୟାର୍ଦ୍ଧ ତଥା ୩୪ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ଣ୍ଣରର ଭରପୁର ଫାଇଦା ଉଠାଇ ରଞ୍ଜିତା ବେକ୍ ଓଡ଼ିଶା ପାଇଁ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ଲୁସେଲା ଏକ୍କାଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୪-୧ ଗୋଲ୍‌ରେ ତାମିଲନାଡୁକୁ ହରାଇଥିଲା । ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହରିୟାଣା ୪-୩ ଗୋଲ୍‌ରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ ଜିତିଛି ।

ଅପରପକ୍ଷରେ ପୁରୁଷ ବିଭାଗ ଫାଇନାଲରେ ତାମିଲନାଡୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ହୋଇଛି । ତେବେ କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ପୁରୁଷ ଦଳ ୧-୨ ଗୋଲ୍‌ରେ ଚଣ୍ଡିଗଡ଼ ନିକଟରୁ ହାରି ପୋଡିୟମ ଫିନିଶ କରିବାରେ ବିଫଳ ହୋଇଛି । ଲାଜରୁସ ବାର୍ଲାଙ୍କ ନେତୃତ୍ୱରେ ଖେଳୁଥିବା ଓଡ଼ିଶା ପୂର୍ବରୁ ପୁଲ୍ ପର୍ଯ୍ୟାୟରେ ୨ରୁ ଦୁଇ ବିଜୟ ସହ ନକ୍‌ଆଉଟ୍‌ରେ ପହଞ୍ଚିଥିଲା । ଏଠାରେ ପ୍ରକାଶଯୋଗ୍ୟ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଖେଳାଳିଙ୍କୁ ନେଇ ହକି ଇଣ୍ଡିଆ ପ୍ରଥମଥର ଲାଗି ମାଷ୍ଟର୍ସ କପ୍ ଆୟୋଜନ କରିଥିଲା ।

## ଭାରତ-ଇଂଲଣ୍ଡ ପ୍ରଥମ ମହିଳା ଟି-୨୦ ଆଜି

ନଟିଂହାମ,୨୭ ।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶନିବାରଠାରୁ ଏଠାରେ ଆରମ୍ଭ ହେବାକୁଯାଉଛି । ଚଳିତ ବର୍ଷ ଶେଷ ଭାଗରେ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି । ଦଳରେ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ଥିବାରୁ ଘରୋଇ ଇଂଲଣ୍ଡ ବୋଲରଙ୍କୁ ଉଚିତ୍ ମୁକାବିଲା କରିବେ ବୋଲି ଆଶା କରାଯାଉଛି । ସେହିଭଳି ବୋଲିଂରେ ଭାରତ ପାଇଁ ଅମନଜୋତ୍ କୌର, ସ୍ନେହ ରାଣା, ଦୀପ୍ତି ଶର୍ମା, ଅରୁନ୍ଧତୀ ରେଡ୍ଡୀ, ରାଧା ଯାଦବ ପ୍ରମୁଖ ରହିଛନ୍ତି । ଅପରପକ୍ଷରେ ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ନେତୃତ୍ୱରେ ଖେଳୁଥିବା ଇଂଲଣ୍ଡ ମହିଳା ଦଳ ଏହି ସିରିଜରେ ଭାରତକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛି । ଶନିବାର ରାତି ୭ଟାରେ ପ୍ରଥମ ମ୍ୟାଚ୍ ଆରମ୍ଭ ହେବ ।

**ମ୍ୟାଚ୍ ଆରମ୍ଭ :** ରାତି ୭.୦୦

**ପ୍ରସାରଣ :** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

# ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କୁ ବର୍ଷକୁ ୨ ହଜାର କୋଟି

ରିୟାଧ, ୨୭ ।୬ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ତଥା ପର୍ତ୍ତୁଗାଲ୍ ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଚାହିଦା ପରିଣତ ବୟସରେ ମଧ୍ୟ ଫିକା ପଡ଼ିବାର ନାମ ନେଉନାହିଁ । ୪୦ ବର୍ଷୀୟ ରୋନାଲ୍ଡୋ ସଦ୍ୟ ସାଉଦୀ ଆରବୀୟ ପ୍ରଫେସନାଲ ଫୁଟ୍‌ବଲ କ୍ଲବ ଅଲ୍ ନାସର୍ ସହ ୨୦୨୭ ପର୍ଯ୍ୟନ୍ତ ଚୁକ୍ତି ବୃଦ୍ଧି କରିଛନ୍ତି । ୨ ବର୍ଷ ଲାଗି ଚୁକ୍ତି ବୃଦ୍ଧି ହୋଇଥିବା ନେଇ ରୋନାଲ୍ଡୋ ଓ ଅଲ୍ ନାସର୍ କ୍ଲବ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି । ତେବେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି ବୃଦ୍ଧିକୁ ନେଇ ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ନୂଆ ଚୁକ୍ତିରେ ରୋନାଲ୍ଡୋଙ୍କ ଉପରେ ଟଙ୍କାର ବୃଷ୍ଟି ହୋଇଥିବା କୁହାଯାଉଛି ।

ଲଣ୍ଡନସ୍ଥିତ ଏକ କ୍ରୀଡ଼ାଭିତ୍ତିକ ଚ୍ୟାନେଲରେ ପ୍ରକାଶିତ ରିପୋର୍ଟ ମୁତାବକ, ରୋନାଲ୍ଡୋ ତାଙ୍କ ନୂଆ ଚୁକ୍ତିରେ ବର୍ଷକୁ ୧୭୮ ମିଲିୟନ ପାଉଣ୍ଡ ପାଉଣା ପାଇବେ । ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୨ ହଜାର ୮୮ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହାକୁ ହିସାବ କଲେ ପ୍ରତି ସପ୍ତାହରେ ସେ ପାଉଣା ବାବଦକୁ ୪୦ କୋଟି ଟଙ୍କା ପାଇବେ । ଏହାବାଦ୍ ବୋନସ୍ ଆକାରରେ ଆହୁରି କିଛି ଆକର୍ଷଣୀୟ ପୁରସ୍କାର ମଧ୍ୟ ରୋନାଲ୍ଡୋଙ୍କ ପାଇଁ କ୍ଲବ ତରଫରୁ ଘୋଷଣା କରାଯାଇଛି । ଯଦି ଅଲ୍ ନାସର୍ କ୍ଲବ ସାଉଦୀ ପ୍ରୋ ଲିଗ୍‌ରେ ଚାମ୍ପିଅନ ହୁଏ ତେବେ ରୋନାଲ୍ଡୋଙ୍କୁ ୬୮ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ମିଳିବ । ସେହିଭଳି ଅଲ୍ ନାସର୍ ଏସିଆନ ଚାମ୍ପିଅନ ହେଲେ ରୋନାଲ୍ଡୋଙ୍କୁ ୪୨.୭୪ କୋଟି ଟଙ୍କା ବୋନସ୍ ପ୍ରଦାନ କରାଯିବ । ରୋନାଲ୍ଡୋ ଯଦି ଗୋଲ୍ଡେନ ବୁଟ୍ ଜିତନ୍ତି ତେବେ କ୍ଲବ ତରଫରୁ ତାଙ୍କୁ ୩୪.୧୯ କୋଟି ଟଙ୍କା ଦିଆଯିବ । ସେହିଭଳି ପ୍ରତି ଗୋଲ୍ ପିଛା ୮୦ ଲକ୍ଷ ଟଙ୍କା ଓ ଆସିଷ୍ଟ ଲାଗି ୪୭ ଲକ୍ଷ ଟଙ୍କା ପାଇବେ । ରୋନାଲ୍ଡୋଙ୍କ ପାଉଣା ଓ ଏଭଳି ଆଖି ଝଲସିବା ଭଳି ବୋନସ୍‌କୁ ନେଇ ଏବେ କ୍ରୀଡ଼ା ଜଗତରେ ଖବରର ଶିରୋନାମା ପାଲଟିଛି । ପ୍ରକାଶଯୋଗ୍ୟ, ୨୦୨୨ରେ ରୋନାଲ୍ଡୋ ପ୍ରଥମେ ଅଲ୍ ନାସର କ୍ଲବରେ ୩ ବର୍ଷ ଲାଗି ଯୋଗଦେଇଥିଲେ । ଏହି ସମୟ ମଧ୍ୟରେ ସେ ୧୦୫ ମ୍ୟାଚ୍ ଖେଳି ୯୩ଟି ଗୋଲ୍‌ସ୍କୋର କରିଥିଲେ ।




### ସଂକ୍ଷେପରେ ରୋନାଲ୍ଡୋଙ୍କ ନୂଆ ଚୁକ୍ତି

- ବର୍ଷକୁ ପାଇବେ ୨ ହଜାର ୮୮ କୋଟି ଟଙ୍କା ପାଉଣା
- ଦ୍ୱିତୀୟ ବର୍ଷରେ ୪୪୬ କୋଟି ପାଉଣା ବୃଦ୍ଧି
- ସାଉଦୀ ପ୍ରୋ ଲିଗ୍ ଜିତିଲେ ୬୮.୩୮ କୋଟି ବୋନସ୍
- ଏସିଆନ ଚାମ୍ପିଅନ ହେଲେ ୪୨.୭୪ କୋଟି ବୋନସ୍
- ଗୋଲ୍ଡେନ ବୁଟ୍ ଜିତିଲେ ୩୪.୧୯ କୋଟି ବୋନସ୍
- ପ୍ରତି ଗୋଲ୍ ପାଇଁ ୮୦ ଲକ୍ଷ ଟଙ୍କା
- ପ୍ରତି ଆସିଷ୍ଟ ପାଇଁ ୪୭ ଲକ୍ଷ ଟଙ୍କା

**ଦ୍ୱିତୀୟ ଟେଷ୍ଟ**

## ପାଳି ପରାଜୟ ଏଡ଼ାଇବାକୁ ବାଂଲାଦେଶର ସଂଘର୍ଷ

କଲମ୍ବୋ, ୨୭ ।୬ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ସଂଘର୍ଷ ଜାରି ରଖିଛି । ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୮.୪ ଓଭରରେ ୬ ୱିକେଟ୍ ହରାଇ ୧୧୫ ରନ ସଂଗ୍ରହ କରିଛି । ଏହି ସମୟରେ ୱିକେଟରକ୍ଷକ ଲିଟନ ଦାସ ୧୩ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମୁସଫିକର ରହିମ ୨୬, ମୋମିନୁଲ ହକ୍ ୧୫, ମେହେଦୀ ହାସନ ମିରାଜ ୧୧, ଶଦାମନ ଇସଲାମ ୧୨ ଏବଂ ଏନାମୁଲ ହକ୍ ଓ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୧୯ ରନ ଲେଖାଏ କରି ଆଉଟ୍ ହୋଇଛନ୍ତି । ବୋଲିଂରେ ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ଧନଞ୍ଜୟ ଡି ସିଲ୍‌ଭା ଓ ପ୍ରବଥା ଜୟସୂରିୟା ୨ଟି ଲେଖାଏ ୱିକେଟ୍ ନେଇଥିଲେ । ଦ୍ୱିତୀୟ ପାଳିରେ ୪ ୱିକେଟ୍ ବଳକା ଥାଇ ବାଂଲାଦେଶ ପାଳି ପରାଜୟ ଏଡ଼ାଇବାକୁ ଆହୁରି ୯୬ ରନ ଆବଶ୍ୟକ କରୁଛି । ପୂର୍ବରୁ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୪୭ ରନ ଜବାବରେ ଶ୍ରୀଲଙ୍କା ଗୁରୁବାର ସୁଦ୍ଧା ୨ ୱିକେଟ୍‌ରେ ୨୯୦ ରନ କରିଥିଲା । ଶୁକ୍ରବାର ସକାଳେ ଏହି ଅସମାପ୍ତ ପ୍ରଥମ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଶ୍ରୀଲଙ୍କା ୪୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ୧୪୬ ରନରେ ଅପରାଜିତ ଥିବା ଓପନର୍ ପାଥୁମ ନିଶାଙ୍କା ଆଜି ୧୫୮ ରନ କରି ତାଇଜୁଲ ଇସଲାମଙ୍କ ଶିକାର ବନିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀନେଶ ଚାଣ୍ଡିମଲ୍ ୯୩, କୁଶଲ ମେଣ୍ଡିସ ୮୪, କାମିନ୍ଦୁ ମେଣ୍ଡିସ ୩୩ ରନ କରିଥିଲେ । ବୋଲିଂରେ ତାଇଜୁଲ୍ ୫ ଏବଂ ନଇମ୍ ହାସନ ୩ଟି ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ଟେଷ୍ଟ ଡ୍ର ରହିଥିବାରୁ ଏହି ମ୍ୟାଚ୍‌ରେ ବିଜୟୀ ଦଳ ସିରିଜ ଜିତିବ ।


ତାଇଜୁଲ ଇସଲାମ

**ପ୍ରଥମ ଯୁଥ୍ ଦିନିକିଆ**
**ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ**

## ଇଂଲଣ୍ଡକୁ ୬ ୱିକେଟରେ ହରାଇଲା ଭାରତ

ହୋଭ୍, ୨୭ ।୬ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ପ୍ରଥମ ଦିନିକିଆରେ ସହଜ ବିଜୟ ହାସଲ କରିଛି । ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଯୁଥ୍ ଦିନିକିଆ ମ୍ୟାଚରେ ଭାରତ ୪ ୱିକେଟ୍‌ରେ ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳକୁ ହରାଇ ଦେଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ଯୁଥ୍ ଦଳ ୪୨.୨ ଓଭରରେ ୧୭୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି ଫ୍ଲିଣ୍ଟଫ୍ ସର୍ବାଧିକ ୫୬ ରନ କରିଥିଲେ । ରକି ତାଙ୍କ ୯୦ ବଲ୍ ପାଳିରେ ୩ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ଭାରତୀୟ ଯୁଥ୍ ଦଳ ପକ୍ଷରୁ କନିଷ୍କ ଚୌହାନ ସର୍ବାଧିକ ୩ ଏବଂ ହେନିଲ ପଟେଲ, ଆର୍‌ଏସ୍ ଆମ୍ବ୍ରିସ ଓ ମହମ୍ମଦ ଏନାନ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।

ଜବାବରେ ଭାରତୀୟ ଯୁଥ୍ ଦଳ ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ୨୪ ଓଭରରେ ୪ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା । ବୈଭବ ମାତ୍ର ୧୯ ବଲ୍ ଖେଳି ୫ ଛକା ଓ ୩ ଚୌକା ସହାୟତାରେ ୪୮ ରନର ପାଳି ଖେଳିଥିଲେ । ସେହିଭଳି ଅଧିନାୟକ ଆୟୁଷ ମହାତ୍ରେ ୨୧, ୱିକେଟକିପର ଅଭିଜ୍ଞ କୁଣ୍ଡୁ ଅପରାଜିତ ୪୫ ଓ ରାହୁଲ କୁମାର ଅପରାଜିତ ୧୭ ରନ କରିଥିଲେ । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ସୋମବାର ଖେଳାଯିବ ।

## ଗଣଶିକ୍ଷା ବିଭାଗରେ ରିଙ୍କୁଙ୍କୁ ମିଳିଲା ଚାକିରି



ଲକ୍ଷ୍ନୌ, ୨୭ ।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ ୬ଜଣ ଖେଳାଳିଙ୍କୁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗରେ ନିଯୁକ୍ତି ମିଳିଛି । ୨୭ ବର୍ଷୀୟ ରିଙ୍କୁଙ୍କୁ ଗଣଶିକ୍ଷା ବିଭାଗ ଅଧିନରେ ଜିଲ୍ଲା ମୌଳିକ ଶିକ୍ଷା ଅଧିକାରୀ (ବିଏସ୍ଏ) ଭାବେ ନିଯୁକ୍ତ କରାଯାଇଛି । ସେହିଭଳି ପାରା ଆଥ୍‌ଲେଟ୍ ପ୍ରବୀଣ କୁମାର (ଡିଏସ୍‌ପି), ହକି ଖେଳାଳି ରାଜକୁମାର ପାଲ୍ (ଡିଏସ୍‌ପି), ପାରା ଆଥ୍‌ଲେଟ୍ ଅଜିତ୍ ସିଂ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ସିମରନ (ଜିଲ୍ଲା ପଞ୍ଚାୟତରାଜ ଅଧିକାରୀ), ପାରା ଆଥ୍‌ଲେଟ୍ ପ୍ରିତି ପାଲ୍ (ବ୍ଲକ ଉନ୍ନୟନ ଅଧିକାରୀ) ଓ କିରନ ବାଲିୟାନ (ଗ୍ରାମୀଣ ବିକାଶ ବିଭାଗ)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି । ଅନ୍ତର୍ଜାତୀୟସ୍ତରରେ ପଦକ ବିଜେତାଙ୍କୁ ସିଧାସଳଖ ନିଯୁକ୍ତି ନେଇ ଉତ୍ତର ପ୍ରଦେଶ ସରକାରଙ୍କ ରହିଥିବା ନିୟମ ଅନୁଯାୟୀ ଏହି ଚାକିରି ପ୍ରଦାନ କରାଯାଇଛି ।

## କଟକରେ ଏଆଇଏଫ୍‌ଏଫ୍ ଡି ଲାଇସେନ୍ସ କୋର୍ସ

କଟକ,୨୭।୬(ସମିସ): ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଆନୁକୂଲ୍ୟରେ କଟକରେ ଏଆଇଏଫଏଫ ଡି ଲାଇସେନ୍ସ କୋଚିଂ କୋର୍ସ ଆରମ୍ଭ ହୋଇଛି । ଜୁଲାଇ ୧ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୭ ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରଶିକ୍ଷକଙ୍କୁ ମିଶାଇ ମୋଟ ୨୪ଜଣ ଅଂଶ ଗ୍ରହଣ କରିଛନ୍ତି । ଅକ୍ଷୟ ଦାସ ଇନଷ୍ଟ୍ରକ୍ଟର ଦାୟିତ୍ୱ ତୁଲାଉଛନ୍ତି । ରାଜ୍ୟରେ ଫୁଟବଲ ପ୍ରଶିକ୍ଷଣର ମାନ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

## ବାରବାଟୀରେ ଅମ୍ପାୟାର କର୍ମଶାଳା

କଟକ,୨୭।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଅମ୍ପାୟାର କର୍ମଶାଳା ଏବଂ ପରୀକ୍ଷା ଆରମ୍ଭ ହୋଇଯାଇଛି । ଏହି କର୍ମଶାଳା ୪ ଦିନ ଧରି ଜାରି ରହିବ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମୋଟ ୯୯ ଜଣ ଆଶାୟୀ ଅମ୍ପାୟାର ଏଥିରେ ସାମିଲ ହୋଇଛନ୍ତି । କ୍ରିକେଟର ବିଭିନ୍ନ ନିୟମ ଏବଂ ଏହାର କାର୍ଯ୍ୟକାରିତା ଦିଗରେ ଆଲୋଚନା କରାଯାଉଛି । ଓସିଏ ପକ୍ଷରୁ ଘରୋଇ ଟୁର୍ଣ୍ଣାମେଣ୍ଟ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଅମ୍ପାୟାରମାନଙ୍କୁ ନେଇ ଆୟୋଜିତ ଏଭଳି କର୍ମଶାଳା ପ୍ରତିଯୋଗିତା ପରିଚାଳନାରେ ସହାୟକ ହୋଇପାରିବ । ତେବେ ଓସିଏ ପ୍ୟାନେଲ ଅମ୍ପାୟାର ନିମନ୍ତେ ଶୁକ୍ରବାର ପରୀକ୍ଷା ଆୟୋଜନ କରାଯିବ । ବିସିସିଆଇର ବରିଷ୍ଠ ଅମ୍ପାୟାର ସୁବ୍ରତ ଦାସ, ଅରୁଣ କୁମାର ବାସା, ଦୁର୍ଗାଦତ୍ତ ଦାସ, ଧୀରଜ ସିଂହ କର୍ମଶାଳା ପରିଚାଳନା କରୁଛନ୍ତି ।

## ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍‌ରେ ସତ୍ୟ ଚାମ୍ପିଅନ

ଭୁବନେଶ୍ୱର, ୨୭ ।୬ (ସମିସ): କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ୯ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ର ସତ୍ୟ ନାରାୟଣ ସ୍ୱାଇଁ ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି । ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଦିବ୍ୟଦୃଷ୍ଟି ଶତପଥୀ ୨ୟ ଓ ମଦର୍ସ ପବ୍ଲିକ ସ୍କୁଲର ଆର୍ଯ୍ୟମ ପ୍ରଧାନ ୩ୟ ସ୍ଥାନ ହାସଲ କରିଥିଲେ । ସେହିଭଳି ବିଭିନ୍ନ ବୟସବର୍ଗରେ ଭେଦିକା ସିଂ (୬ ବର୍ଷରୁ କମ୍), କିର୍ତ୍ତୀଷ କୁମାର ସାହୁ (୭ ବର୍ଷରୁ କମ୍), ମୃତ୍ୟୁଞ୍ଜୟ ବିଶ୍ୱାସ (୮ ବର୍ଷରୁ କମ୍) ଓ ଅନ୍ୱେଷା ଆର୍ଯ୍ୟନନ୍ଦିନୀ (ବାଳିକା) ପ୍ରଥମ ସ୍ଥାନ ହାସଲ କରିଥିଲେ । ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆୟୋଜକ ସ୍କୁଲର ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ୍ ପ୍ରଜ୍ଞାପାରମିତା ସାହୁ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଉପସ୍ଥିତ ରହିଥିଲେ ।



## ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କ ନାମରେ ସାଂଘାତିକ ଅଭିଯୋଗ

ବାର୍ବାଡସ୍,୨୭ ।୬ (ଏଜେନ୍ସି):

ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ବର୍ତ୍ତମାନ ଘରୋଇ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଛି । ତେବେ ଏହି ସମୟରେ ଏକ ଖବର ସାମ୍ନାକୁ ଆସିଛି, ଯାହା ହଇଚଇ ସୃଷ୍ଟି କରିଛି । ଜଣେ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ଉପରେ ୧୧ ମହିଳାଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ଆସିଛି ।

**୧୧ ମହିଳାଙ୍କୁ କରିଛନ୍ତି ବଳାତ୍କାର**

ଯଦିଓ ଏପର୍ଯ୍ୟନ୍ତ ସେହି କ୍ରିକେଟର୍‌ଙ୍କ ନାମ ପ୍ରକାଶ କରାଯାଇ ନାହିଁ ତେବେ ସେ ଗୁୟାନା ରାଷ୍ଟ୍ରର ଏବଂ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଛନ୍ତି ବୋଲି ଜଣାପଡ଼ିଛି ।

କାରବୀୟ ସ୍ପୋର୍ଟ୍ସ ମାକ୍ସ ଚ୍ୟାନେଲ ଏହାର ରିପୋର୍ଟରେ ଦର୍ଶାଇଛି ଯେ, ଗୁୟାନାର ଏହି ଖେଳାଳିଙ୍କ ନାମରେ ଆସିଥିବା ଅଭିଯୋଗ ନେଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)କୁ ପ୍ରଶ୍ନ ପଚରାଯାଇଥିଲା । ଏହାର ଉତ୍ତରରେ କ୍ରିକେଟ୍ ୱେଷ୍ଟଇଣ୍ଡିଜର ସଭାପତି କିଶୋର ସାଲୋ କହିଛନ୍ତି, 'ବୋର୍ଡ ପାଖରେ ଏନେଇ କିଛି ସୂଚନା ନାହିଁ । ତେଣୁ ବୋର୍ଡ ପକ୍ଷରୁ ଏହା ଉପରେ କୌଣସି ଉତ୍ତର ଦିଆଯାଇପାରିବ ନାହିଁ । ଏହି ସମ୍ବେଦନଶୀଳ ଖବର ପ୍ରଥମେ ଗୁୟାନାର ସ୍ଥାନୀୟ ଖବରକାଗଜ 'କାଇଏଟର ସ୍ପୋର୍ଟ୍ସ'ରେ ପ୍ରକାଶ ପାଇଥିଲା । ଏଥିରେ ସେହି କ୍ରିକେଟର୍‌ଙ୍କ ଦ୍ୱାରା ୧୧ଜଣ ମହିଳା ବଳାତ୍କାର ଓ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଦାବି କରିଥିଲେ । ଏଥିରେ ଜଣେ ନାବାଳିକା ମଧ୍ୟ ରହିଥିବା ଜଣାପଡ଼ିଛି । ପ୍ରକାଶ ପାଇଥିବା ଏହି ରିପୋର୍ଟର ହେଡ୍ ଲାଇନ୍ 'ମନଷ୍ଟର ଇନ୍ ମାରୁନ' ରଖାଯାଇଛି । ୨୦୨୪ରେ ଗାବାରେ ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟେଷ୍ଟ ବିଜୟରେ ସେହି ଖେଳାଳି ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ ବୋଲି ଜଣାପଡ଼ିଛି । ତେବେ ପୀଡ଼ିତାଙ୍କ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ଦାଖଲ କରାଯାଇନାହିଁ ।




## ହେଡ୍, ୱେବ୍‌ଷ୍ଟର ଅଷ୍ଟ୍ରେଲିଆ ପାଇଁ ଲଢ଼ିଲେ

ବାର୍ବାଡସ୍,୨୭ ।୬ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବାରେ ସମର୍ଥ ହୋଇଛି । ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୧୮୦ ରନ ଜବାବରେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ଅଲ୍‌ଆଉଟ୍ ହେବା ସହ ୧୦ ରନରେ ଅଗ୍ରଣୀ ହାସଲ କରିଛି । ଘରୋଇ ୱେଷ୍ଟଇଣ୍ଡିଜ ପକ୍ଷରୁ ୱିକେଟ୍‌କିପର ସାଇ ହୋପ୍ ୪୮, ଅଧିନାୟକ ରୋଷ୍ଟନ ଚେଜ୍ ୪୪, ଅଲ୍‌ଜାରୀ ଜୋସେଫ୍ ଅପରାଜିତ ୨୩, ବ୍ରାଣ୍ଡନ କିଙ୍ଗ୍ ୨୬ ରନ କରିଥିଲେ । ବୋଲିଂରେ ଅଷ୍ଟ୍ରେଲିଆ ପାଇଁ ମିଚେଲ ଷ୍ଟାର୍କ ୩ଟି ଏବଂ ଜୋଶ୍ ହାଜଲେଉଡ୍, ଅଧିନାୟକ ପ୍ୟାଟ୍ କମିନ୍ସ ଓ ବିଉ ୱେବଷ୍ଟର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ । ଜବାବରେ ୧୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳ ୬୫ ରନ ମଧ୍ୟରେ ଉସମାନ ଖ୍ୱାଜା (୧୫ ରନ), ସାମ୍ କନଷ୍ଟାଟସ୍ (୫), ଜୋଶ୍ ଇଂଲିଶ (୧୨) ଓ କାମେରନ ଗ୍ରୀନ (୧୫ ରନ)ଙ୍କ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ତେବେ ଅସମାପ୍ତ ୫ମ ୱିକେଟ୍ ଯୋଡ଼ିରେ ଟ୍ରାଭିସ୍ ହେଡ୍ ଓ ୱେବଷ୍ଟର ଶତକୀୟ ଭାଗୀଦାରି କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି । ଶୁକ୍ରବାର ତୃତୀୟ ଦିବସ ଶେଷ ଖବର ସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୫୨ ଓଭର ଖେଳି ୪ ୱିକେଟରେ ୧୫୯ ରନ କରିଛି । ହେଡ୍ ୫୩ ଓ ୱେବଷ୍ଟର ୪୫ ରନ କରି ଅପରାଜିତ ରହିଛନ୍ତି । ଅଷ୍ଟ୍ରେଲିଆ ୬ ୱିକେଟ୍ ବଳକା ଥାଇ ୧୪୯ ରନରେ ଅଗ୍ରଣୀ ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS